R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬୧
ତିଥି : ପଞ୍ଚମୀ
୧୫ ମାର୍ଚ୍ଚ ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 161
15 March 2024, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

DSPL-852

ଆମ ଓଡ଼ିଶା
ନବୀନ ଓଡ଼ିଶା

ଓଡ଼ିଶା ସରକାର









'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'
ଭକ୍ତମାନଙ୍କୁ ଦେଉଛି ଦିବ୍ୟ ଅନୁଭୂତି

ଜଗତ ଦେଖୁଛି ମହାପ୍ରଭୁଙ୍କ ଭବ୍ୟ ରୂପ

- ମନ୍ଦିରର ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ପରିକ୍ରମା ସମ୍ଭବ
- ମନ୍ଦିର ଚାରିପଟେ ୭୫ ମିଟର ଐତିହ୍ୟ କରିଡର ନିର୍ମାଣ
- ୧୦ ମିଟର ଅନ୍ତଃ ପ୍ରଦକ୍ଷଣ ଓ ୮ ମିଟର ବାହ୍ୟ ପ୍ରଦକ୍ଷଣ ମାର୍ଗ ନିର୍ମାଣ



OIPR: 15001/13/0819/2324

ସୂଚନା ଓ ଲୋକସମ୍ପର୍କ ବିଭାଗ



## ଇତିହାସ

୧୪୯୩ – କ୍ରିଷ୍ଟୋଫର୍ କଲମ୍ବସ୍ ନିଜର ବିଶ୍ୱ ଭ୍ରମଣ ସାରି ସ୍ପେନ୍ ଫେରିଥିଲେ ।

୧୭୪୪ – ଫ୍ରେଞ୍ଚ କିଙ୍ଗ ଲୁଇ ୧୫ ବ୍ରିଟେନ୍ ସହ ଯୁଦ୍ଧ ଘୋଷଣା କରିଥିଲେ ।

୧୮୯୨ – ଇଂଲଣ୍ଡର ସବୁଠାରୁ ସଫଳ ଫୁଟବଲ୍ କ୍ଲବ୍ ଲିବରପୁଲ୍ ଏଫ୍‌ସୀର ସ୍ଥାପନା କରାଯାଇଥିଲା ।

୧୯୦୭ – ଫିନ୍‌ଲାଣ୍ଡ ମହିଳାଙ୍କୁ ଭୋଟ ଦେବାର ଅଧିକାର ମିଳିଥିଲା । ଯାହା କରିବାରେ ଫିନ୍‌ଲାଣ୍ଡ ପ୍ରଥମ ୟୁରୋପୀୟ ଦେଶ ।

୧୯୮୫ – ପ୍ରଥମ ଇଣ୍ଟରନେଟ୍ ଡୋମେନ୍ ନେମ୍ ସିମ୍ବଲିକ୍.କମ୍‌ର ପଞ୍ଜୀକରଣ ହୋଇଥିଲା ।

୧୯୮୬– ହୋଟେଲ୍ ନୂଆ ଦୁନିଆ ବିଲ୍ଡିଂ ଭାଙ୍ଗିବା ଫଳରେ ୩୩ ଲୋକଙ୍କର ମୃତ୍ୟୁ ହୋଇଥିଲା ।

୧୯୯୯ – ଏଲ୍ଡବଜୋର୍ଗ ଲୋବର ନରଓ୍ୱେର ପ୍ରଥମ ମହିଳା ରକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ ।

## ସୋସିଆଲ କୋଟ୍ସ



ମୋ ନିର୍ବନ୍ଧକୁ ନେଇ ଆସୁଥିବା ଖବର ଫେକ୍ । ଏଭଳି ମନଗଢା ଖବର ଅନେକ ସମୟରେ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥାଏ । ମୁଁ କେବେବି ଏହାକୁ କୌଣସି ଗୁରୁତ୍ୱ ଦିଏ ନାହିଁ ।

ମୁନ୍‌ମୁନ୍ ଦତ୍ତା, ଅଭିନେତ୍ରୀ



ମୁଁ ମୋର ରଙ୍ଗ ପାଇଁ ଅଧିକ ଟ୍ରୋଲ ହୋଇଛି । ଆଶିକୀ ଫିଲ୍ମ ସେଟ୍‌ରେ ସମସ୍ତେ ମୋର ମଜାକ ଉଡାନ୍ତି । ଏହା ବହୁତ ଦୁଃଖ ଦେଇଥାଏ ।

ଅନୁ ଅଗ୍ରୱାଲ୍, ଅଭିନେତ୍ରୀ



ଇଶା ଅମ୍ବାନୀଙ୍କ ସହିତ ମୋର ସମ୍ପର୍କ ବହୁତ ପୁରୁଣା । ଆମେ ଦୁଇଜଣ ବହୁତ ଭଲ ସାଙ୍ଗ । ଏପରିକି ଭାଗ୍ୟବଶତଃ ଆମ ସନ୍ତାନମାନେ ମଧ୍ୟ ଗୋଟିଏ ସମୟରେ ଜନ୍ମ ହୋଇଛନ୍ତି ।

ଆଲିଆ ଭଟ୍ଟ, ଅଭିନେତ୍ରୀ

# ସ୍ୱାସ୍ଥ୍ୟପ୍ରଦ ବ୍ଲାକ୍ ଜିଞ୍ଜର ଟି’

ଅନେକ ସମୟରେ ଆମ ଘରେ ଥିବା ସାମଗ୍ରୀ ବେଶ୍ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ । ଏହାକୁ ବ୍ୟବହାର କରି ଆମେ ଅନେକ ରୋଗର ଆଶଙ୍କାକୁ କମାଇପାରିବା । ସକାଳୁ ଉଠିବା ପରେ ଚା’ ପିଇବାକୁ ସମସ୍ତେ ଭଲ ପାଇଥାଆନ୍ତି । ତେବେ ସମସ୍ତେ ପ୍ରାୟ ଖୀର ଚା’ ପିଇଥାଆନ୍ତି, କିନ୍ତୁ ଏଥିରେ ଅଳ୍ପ କିଛି ପରିବର୍ତ୍ତନ କରି ଆମେ ଏହାକୁ ସ୍ୱାସ୍ଥ୍ୟକର କରିପାରିବା । ଏଭଳି ବିଭିନ୍ନ ପ୍ରକାରର ଚା’ ରହିଛି, ସେଥିମଧ୍ୟରୁ ଗୋଟିଏ ହେଲା ବ୍ଲାକ୍ ଜିଞ୍ଜର ଟି ବା କଳା ଅଦା ଚା’। ଆସନ୍ତୁ ଜାଣିବା ଏହାର କିଛି ଫାଇଦା ସମ୍ପର୍କରେ..





* ଏହି ଚା’ରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୂର ହୋଇ ରହିଛି । କଳା ଅଦାର ଏହି ଗୁଣ ଆମର ଷ୍ଟ୍ରେସ୍ କମାଇବାରେ ବେଶ୍ ସହାୟକ ହୋଇଥାଏ । ଏହା ଦ୍ୱାରା ଆମ ଶରୀରର ସେଲ୍ ସୁରକ୍ଷିତ ହୋଇଥାଏ । ସେହିଭଳି ଆମର ସେଲ୍ ସୁସ୍ଥ ରହୁଥିବାରୁ ଆମେ ନିରୋଗ ରହିଥାଉ ।

* ଡାକ୍ତରୀ ସୂଚନା ଅନୁସାରେ କଳା ଅଦାର ଚା’ ଆମର ଏଲ୍‌ଡିଏଲ୍ କୋଲେଷ୍ଟ୍ରଲ୍ ଲେବଲକୁ କମ କରିବାରେ ସହାୟକ ହୋଇଥାଏ । ଏଲ୍‌ଡିଏଲ୍ କୋଲେଷ୍ଟ୍ରଲ ଅର୍ଥାତ ବ୍ୟାଡ୍ କୋଲେଷ୍ଟ୍ରଲ କମାଇବାକୁ ଚାହୁଁଥିଲେ ସକାଳୁ ଏହି ଚା’କୁ ପିଅନ୍ତୁ ବେଶ୍ ଉପାଦେୟ ହେବ ।

* କେବଳ ଏତିକି ନୁହେଁ ଏହା ଆମର ଯକୃତର କାର୍ଯ୍ୟ କ୍ଷମତାକୁ ବଢାଇଥାଏ । ଆମର ଯକୃତ ଆମର କୋଲେଷ୍ଟ୍ରଲ୍ ଲେବଲ୍‌କୁ ରେଗୁଲେଟ୍ କରିବାରେ ସହାୟକ ହୋଇଥାଏ । ତେଣୁ ଏହି ଚା’ ଆମର ଯକୃତ ପାଇଁ ବେଶ ଉପକାରୀ ।

* ଆଜିକାଲି ଓଜନ ନିୟନ୍ତ୍ରଣ ସମସ୍ତଙ୍କ ପାଇଁ ଏକ ସମସ୍ୟା ପାଲଟିଛି । ଏହି ଚା’ ଓଜନ ନିୟନ୍ତ୍ରଣରେ ମଧ୍ୟ ଆମର ସହାୟକ ହୋଇଥାଏ । ଏହା ଆମକୁ ଷ୍ଟ୍ରେସ ଫ୍ରି ରଖିଥାଏ ଯାହାଫଳରେ ଆମର ଓଜନ ନିୟନ୍ତ୍ରଣରେ ରହିଥାଏ । ଏହାସହିତ ଆମର ମେଟାବଲିଜିମ୍‌କୁ ବଢାଇବାରେ ମଧ୍ୟ ଏହା ବିଶେଷଭାବେ ସହାୟକ ହୋଇଥାଏ ।

# ରୋବଟ କରୁଛି ଅବିକଳ ନକଲ

ଆଜିକାଲି ରୋବଟ ବ୍ୟବହାର କରି ଅନେକ କାର୍ଯ୍ୟ କରାଯାଉଛି । ସ୍କୁଲରେ ପାଠ ପଢାଇବାଠାରୁ ଆରମ୍ଭ କରି ରେସ୍ତୋରାଁରେ ଖାଦ୍ୟ ପରଷିବା ପର୍ଯ୍ୟନ୍ତ ଅନେକ କାମରେ ରୋବଟଙ୍କୁ ନିଯୁକ୍ତ କରାଯାଉଛି । ତେବେ ବର୍ତ୍ତମାନ ହ୍ୟୁମ୍ୟାନଏଡ୍ ରୋବଟ ଆମେକାକୁ ନେଇ ଏକ ନୂତନ କଥା ଜଣାପଡିଛି । ସୂଚନା ହିସାବରେ ଆମେକା ବର୍ତ୍ତମାନ ବିଶ୍ୱସ୍ତରୀୟ ପ୍ରସିଦ୍ଧ ବ୍ୟକ୍ତିବିଶେଷଙ୍କର କଥାକୁ ନକଲ କରିବାରେ ସକ୍ଷମ । ଇଞ୍ଜିନିୟର୍ ଆର୍ଟସ୍ ଫାର୍ମ ଜାରି କରିଥିବା ଏକ ଭିଡିଓରେ ଆମେକା ଏଭଳି କରୁଥିବାର ଦେଖିବାକୁ ମିଳିଛି । ଆମେକା ସବୁବେଳେ ଲୋକଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ମାଇକ୍ରୋଫୋନ, ବାଇନୋକୁଲାର ଆଖି ଥିବା କ୍ୟାମେରା ଏବଂ ଫେସିଆଲ ରେକଗ୍‌ନାଇଜେସନ୍ ସଫ୍ଟୱେୟାରକୁ ବ୍ୟବହାର କରିଥାଏ । ଏହି ଭିଡିଓରେ ସେ ଏକ୍ସର ମାଲିକ ତଥା ଟେସଲା କମ୍ପାନୀ ପ୍ରତିଷ୍ଠାତା ଏଲନ୍ ମସ୍କ, ପ୍ରସିଦ୍ଧ ଆମେରିକାନ ଅଭିନେତା ମାରଗୋନ୍ ଫ୍ରି ମ୍ୟାନ୍ ଆଦିଙ୍କର ନକଲ କରୁଥିବାର ଦେଖିବାକୁ ମିଳୁଛି । ଆମେକାର ଏହି ଭିଡିଓଟି ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ସୋସିଆଲ ମିଡିଆରେ ଲୋକ ଏହାକୁ ଖୁବ ପସନ୍ଦ କରିବାରେ ଲାଗିଛନ୍ତି ।





# କ୍ୟାରିୟର ପାଇଁ କରିଛି ଅନେକ ଷ୍ଟ୍ରଗଲ୍

ନବେଦଶକର ଅନେକ ହିରୋଇନ୍ ବର୍ତ୍ତମାନ ନିଜର କମ୍‌ବ୍ୟାକ୍‌କୁ ନେଇ ଚର୍ଚ୍ଚାରେ ରହୁଛନ୍ତି । ତେବେ ଏହି କମ୍‌ବ୍ୟାକ୍ କାରଣରୁ ବର୍ତ୍ତମାନ ସେମାନେ ଅନେକ ସମୟରେ ଗଣମାଧ୍ୟମରେ ଖୋଲାଖୋଲି କଥା ହେଉଥିବାର ଦେଖିବାକୁ ମଧ୍ୟ ମିଳୁଛି । ସେହିଭଳି ନିଜ ସମ୍ପର୍କରେ କିଛି ମତ ଦେଇ ବର୍ତ୍ତମାନ ଚର୍ଚ୍ଚାରେ ଅଛନ୍ତି ରବିନା ଟଣ୍ଡନ୍ । ରବିନା ହେଉଛନ୍ତି ନବେଦଶକର ପରିଚିତ ଫିଲ୍ମ ପ୍ରଡ୍ୟୁସର ରବି ଟଣ୍ଡନଙ୍କର ଝିଅ, ହେଲେ ଏହା ପରେ ମଧ୍ୟ ସେ କ୍ୟାରିୟର କରିବାକୁ ଅନେକ ଷ୍ଟ୍ରଗଲ୍ କରିଥିବା ପ୍ରକାଶ କରିଛନ୍ତି । ପ୍ରଥମରୁ ସେ କେବେ ହେଲେ ବି ଆକ୍ଟର ହେବାକୁ ଚାହୁଁନଥିଲେ ବୋଲି ପ୍ରକାଶ କରିଛନ୍ତି । ଏକ ଆଡ୍‌ରେ କାମ କରିବା ପରେ ତାଙ୍କର ଅଭିନୟ ପାଇଁ ମନ ପରିବର୍ତ୍ତନ ହୋଇଥିବା ରବିନା ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ହେଲେ ତାଙ୍କ ବାପା କେବେ ବି ତାଙ୍କ ପାଇଁ ସୁପାରିସ୍ କରିନଥିବା ସେ ସୂଚନା ଦେଇଛନ୍ତି । ତାଙ୍କ ବାପା ସବୁବେଳେ ତାଙ୍କୁ ତାଙ୍କର ଟ୍ୟାଲେଣ୍ଟ ବଳରେ ଆଗକୁ ଯିବାକୁ ପରାମର୍ଶ ଦେଇଥାଆନ୍ତି ବୋଲି ରବିନା କହିଛନ୍ତି । ଏଭଳିକି ସେ ଜୀବନରେ ଆର୍ଥିକ ସମସ୍ୟା ଦେଇ ମଧ୍ୟ ଗତି କରିଛନ୍ତି ଏବଂ ସେଗୁଡିକୁ ସାହସର ସହିତ ସାମନା କରି ଆଗକୁ ବଢିଥିବା ରବିନା ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।





# ୯ ମାସରେ ୯ହଜାର କିମି

ଆଜିକାଲି ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ବୁଲିବାକୁ ଖୁବ ଭଲ ପାଇଥାଆନ୍ତି । ଏମାନେ ନିଜର ଭ୍ରମଣକୁ ସବୁବେଳେ ସ୍ୱତନ୍ତ୍ର ନିଆରା କରିବାକୁ ଅନେକ ପରିଶ୍ରମ କରନ୍ତି । ସେହିଭଳି ୟୁକେର ଦମ୍ପତିଙ୍କର ଭାରତ ଭ୍ରମଣ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ତାଙ୍କର ଏହି ୯ମାସର ଯାତ୍ରାରେ ସେ ୯ହଜାର କିମି ବୁଲିଛନ୍ତି, ଯାହା କନ୍ୟାକୁମାରୀ ଠାରୁ ଅମ୍ରିତସର ପର୍ଯ୍ୟନ୍ତ । ତେବେ ଏହି ଯାତ୍ରାର ସବୁଠାରୁ ସ୍ୱତନ୍ତ୍ର ଜିନିଷ ହେଲା ଏହି ଯାତ୍ରା ସେମାନେ ଅଟୋରେ ବୁଲିବୁଲି ସମ୍ପୂର୍ଣ୍ଣ କରିଛନ୍ତି । ଏହି ଅଟୋରିକ୍ସାକୁ ସେହି ଦମ୍ପତି ନିଜେ ଚଳାଇ ମଧ୍ୟ ଥିଲେ । ଲିୟାମ ରିକ୍ସା ଚଳାଇଥିବାବେଳେ ତାଙ୍କ ପତ୍ନୀ ତାଙ୍କର ଗ୍ରାହକ ସାଜିଥିଲେ ବୋଲି ଏକ ସାକ୍ଷାତକାରରେ ଲିୟାମ ମତ ଦେଇଛନ୍ତି । ତେବେ ଲିୟାମକୁ ପ୍ରଥମେ ଅଟୋ କିଭଳି ଚଳାଇବାକୁ ହୁଏ ଏହା ଶିଖିବାକୁ ପଡିଥିଲା, ଯାହା ବେଶ୍ ମଜାଦାର ଥିଲା ବୋଲି ତାଙ୍କ ପତ୍ନୀ ମତ ଦେଇଛନ୍ତି । ସେମାନଙ୍କର ଭାରତ ବୁଲା ଅନୁଭୂତି ଖୁବ ଭଲ ଥିଲା ବୋଲି ସେମାନେ ପ୍ରକାଶ କରିଛନ୍ତି । ଉଭୟଙ୍କର ଭାରତ ପ୍ରତି ଥିବା ଏତେ ଭଲପାଇବା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଆଗକୁ ସେମାନେ ଭାରତର ଅନ୍ୟ ସ୍ଥାନ ବୁଲିବାକୁ ଯୋଜନା କରୁଥିବା ପ୍ରକାଶ କରିଛନ୍ତି ।

# ଚେହେରାରେ ଆଣନ୍ତୁ ଚମକ

ଯଦି ଆପଣଙ୍କ ଚେହେରାରେ ପିଗମେଣ୍ଟେସନ୍, ଡଲ୍‌ନେସ କିମ୍ବା ରିଂକଲ ଦେଖାଯାଉଛି, ତେବେ ଚିନ୍ତା କରନ୍ତୁ ନାହିଁ । ପାର୍ଲର ଯାଇ ଅଯଥା ଖର୍ଚ୍ଚାନ୍ତ ନ ହୋଇ ଘରେ ଏହାର ଉପଚାର କରିପାରିବେ । କିଛି ଦିନ ମଧ୍ୟରେ ଆପଣଙ୍କ ଚେହେରାରେ ଫରକ ଦେଖି ପାରିବେ । ଏହି ସଲ୍ୟୁସନକୁ ଆପଣ ସପ୍ତାହକୁ ମାତ୍ର ୩ ଥର ବ୍ୟବହାର କରିବେ । ଏହାକୁ ଘରେ ଥିବା ସାମଗ୍ରୀକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇ ପାରିବ ।



ଏଥିପାଇଁ ୨ ଚାମଚ ନଡ଼ିଆ ତେଲ,୧ ଚାମଚ ଗ୍ଲିସେରିନ, ୧ ଚାମଚ ମହୁ , ୧ ଚାମଚ ଗୋଲାପ ଜଳ, ୧ଟା ଭିଟାମିନ ‘ଇ’ କ୍ୟାପ୍ସୁଲ । ସମସ୍ତ ସାମଗ୍ରୀକୁ ଭଲ ଭାବରେ ଫେଣ୍ଟି ଏୟାର ଟାଇଟ କରି ରଖନ୍ତୁ । ସପ୍ତାହକୁ ୩ ଦିନ ଶୋଇବା ପୂର୍ବରୁ ଏହି ମିଶ୍ରଣକୁ ହାତରେ ନେଇ ମୁହଁରେ ଭଲ ଭାବରେ ଲଗାନ୍ତୁ । ଯେଉଁ ଅଂଶରେ ପିଗମେଣ୍ଟେସନ, ରିଂକଲ ବା ସନଟାନ ରହିଛି ସେହିଠାରେ ଏହାକୁ ଆଙ୍ଗୁଳିରେ ହାଲୁକା ମସାଜ କରନ୍ତୁ । ଏହାକୁ ମୁହଁରେ ଅଧ ଘଣ୍ଟା ପର୍ଯ୍ୟନ୍ତ ରଖି ଥଣ୍ଡା ପାଣିରେ ମୁହଁକୁ ଧୋଇ ଶୁଅନ୍ତୁ, କିନ୍ତୁ ଏହି ମିଶ୍ରଣଙ୍କୁ ମୁହଁରେ ଲଗାଇବା ପୂର୍ବରୁ ମୁହଁକୁ ଭଲ ଭାବରେ ପରିଷ୍କାର କରି ଧୋଇ ନେବେ । ନଚେତ ଲୋମକୂପ ମୂଳକୁ ମିଶ୍ରଣ ପହଁଚିବ ନାହିଁ । ତ୍ୱଚାପାଇଁ ଏହା ଉପକାରୀ ହୋଇଥାଏ ।

# ଚିକେନ୍ ପଟାଟୋ କବାବ୍

**ସାମଗ୍ରୀ–** ସିଝା ଆଳୁ, ସିଝା ଚିକେନ୍, ଗରମ ମସଲା, ଲୁଣ, ଜିରାଗୁଣ୍ଡ, ଚିକେନ ମସଲା, ସୋୟା ସସ୍, ଗୋଲମରିଚ ଗୁଣ୍ଡ, ଅଦା ରସୁଣ ପେଷ୍ଟ, କଞ୍ଚାଲଙ୍କା, ଧନିଆ ପତ୍ର, ପୋଦିନ ପତ୍ର, ଅଣ୍ଡା, ବ୍ରେଡ୍ କ୍ରମ୍ବ ।



**ପ୍ରଣାଳୀ –** ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ ଓ ଚିକେନକୁ ଭଲଭାବେ ମିଶାଇ ନିଅନ୍ତୁ । ଏହାପରେ ଏଥିରେ ଗରମ ମସଲା, ଲୁଣ, ଜୀରା ପାଉଡର, ଚିକେନ ମସଲା, ଗୋଲ ମରିଚ ଗୁଣ୍ଡ, ଅଦାରସୁଣ ପେଷ୍ଟ, ସୋୟା ସସ୍‌କୁ ମିଶାନ୍ତୁ । ସବୁ ମସଲାକୁ ମିଶାଇବା ପରେ ୧୦ରୁ ୧୫ ମିନିଟ୍ ପାଇଁ ଫ୍ରିଜ୍‌ରେ ରଖିଦିଅନ୍ତୁ । ଏହାପରେ ଏହି ମିଶ୍ରଣରୁ ଛୋଟଛୋଟ ଟିକ୍କି ଆକାରର କରନ୍ତୁ । ଏହାକୁ ଫେଣ୍ଟା ଅଣ୍ଡାରେ ବୁଡାଇ ବ୍ରେଡ୍ କ୍ରମ୍ବରେ ବୁଡାଇ ଛାଣି ନିଅନ୍ତୁ, ପ୍ରସ୍ତୁତ ହୋଇଗଲା ଚିକେନ୍ ପଟାଟୋ କବାବ୍ ।

# ଫାଇନ୍ ବଦଳରେ ବିଲେଇ ଫଟୋ




ମାସାଚ୍ୟୁଟ୍‌ସ୍‌ରେ ଥିବା ଏକ ଲାଇବ୍ରେରୀ ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ସାଉଁଟୁଛି । ଏଠାରେ ଥିବା ୱାର୍କଚେଷ୍ଟର ପବ୍ଲିକ୍ ଲାଇବ୍ରେରୀ ଏକ ଅଭିନବ ଉପାୟରେ ନିଜ ଗ୍ରାହକଙ୍କ ଠାରୁ ଜରିମାନା ଆଦାୟ କରୁଛି । ସୂଚନା ଅନୁସାରେ ମାର୍ଚ୍ଚ ମାସରେ ଏହି ଲାଇବ୍ରେରୀରେ ‘ମାର୍ଚ୍ଚ ମିଆଉଁ’ ପ୍ରୋଗ୍ରାମ୍ ଲଞ୍ଚ କରାଯାଇଛି । ଯାହା ଅଧୀନରେ ଏଠାକୁ ଆସୁଥିବା ଲୋକଙ୍କୁ ନିଜର ପୋଷା ବିଲେଇର ଫଟୋ ହେଉ କିମ୍ବା ଚିତ୍ର ଲାଇବ୍ରେରୀକୁ ପ୍ରଦାନ କରିବାକୁ ହୋଇଥାଏ । ଯଦି ଆପଣଙ୍କର କୌଣସି ପୋଷା ବିଲେଇ ନାହାନ୍ତି ତେବେ ଆପଣ ଯେ କୌଣସି ବିଲେଇର ଫଟୋ ଲାଇବ୍ରେରୀକୁ ଦେଇ ପାରିବେ । ଏହା ବଦଳରେ ଆପଣଙ୍କର ବହି ହଜିବା କିମ୍ବା ନଷ୍ଟ ହେବାକୁ ନେଇଥିବା ସମସ୍ତ ଫାଇନ୍‌କୁ ଛାଡ କରାଯିବ ବୋଲି ଲାଇବ୍ରେରୀ ପକ୍ଷରୁ ପ୍ରକାଶ କରାଯାଇଛି । ତେବେ ଅନେକ ଏଭଳି ବ୍ୟକ୍ତି ରହିଥାଆନ୍ତି ଯେଉଁମାନେ ଲାଇବ୍ରେରୀରୁ ବହି ନେଇ ନଫେରାଇଲେ କିମ୍ବା ବହିର କୌଣସି କ୍ଷତିହେଲେ ସେମାନେ ଆଉ ଲାଇବ୍ରେରୀକୁ ଆସନ୍ତି ନାହିଁ । ଏହିଭଳି ବ୍ୟକ୍ତିଙ୍କୁ ପୁଣି ଲାଇବ୍ରେରୀକୁ ଫେରାଇ ଆଣିବା ପାଇଁ ଏହି ପ୍ରୋଗ୍ରାମକୁ ଲଞ୍ଚ କରାଯାଇଥିବା ଜଣା ପଡିଛି । ବହି ପଢା ପ୍ରତି ଲୋକଙ୍କର ଆଗ୍ରହ ବଢାଇବାକୁ ଲାଇବ୍ରେରୀ କର୍ତ୍ତୃପକ୍ଷଙ୍କର ଏଭଳି ପଦକ୍ଷେପକୁ ସମସ୍ତେ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସା କରୁଛନ୍ତି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬୧
ତିଥି : ପଞ୍ଚମୀ
୧୫ ମାର୍ଚ୍ଚ ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 161
15 March 2024, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଜ୍ଞାନେଶ, ସୁଖବୀର ନୂଆ ନିର୍ବାଚନ କମିଶନର

ନୂଆଦିଲ୍ଲୀ, ୧୪।୩ : ପୂର୍ବତନ ଆଇଏଏସ୍ ଅଫିସର ଜ୍ଞାନେଶ କୁମାର ସୁଖବୀର ସିଂ ସାନ୍ଧୁ ନୂଆ ନିର୍ବାଚନ କମିଶନ ହେବେ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ବସିଥିବା ଚୟନ କମିଟିରେ ଏହି ଦୁଇ ଅଧିକାରୀଙ୍କ ନାମ ଚୂଡାନ୍ତ କରାଯାଇଛି । ତେବେ କମିଟିର ଅନ୍ୟତମ ସଦସ୍ୟ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠାଇବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ନିଯୁକ୍ତି ପ୍ରକ୍ରିୟାକୁ ନେଇ ସେ ବଡ ଅଭିଯୋଗ ଆଣିଛନ୍ତି ।



ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନିର୍ବାଚନ କମିଶନ ନିଯୁକ୍ତି ପାଇଁ ଗଠିତ କମିଟିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ଲୋକସଭାରେ କଂଗ୍ରେସ ସଂସଦୀୟ ଦଳର ନେତା ଅଧୀର ରଞ୍ଜନ ଚୌଧୁରୀ ସଦସ୍ୟ ଥିଲେ । ଏହି ବୈଠକରେ ଦୁଇଜଣଙ୍କ ନାମ ଚୂଡାନ୍ତ ହୋଇଛି । ଅଧୀର କହିଛନ୍ତି ଯେ ପୂର୍ବରୁ ପ୍ରଧାନ ବିଚାରପତି ଏହି କମିଟିରେ ରହିବା ପାଇଁ ନିର୍ଦ୍ଦେଶ ଥିଲା । ମାତ୍ର ତାହାକୁ ବଦଳାଇ ଦିଆଗଲା । ସରକାରୀ ଦଳର ସଂଖ୍ୟାଧିକ ସଦସ୍ୟ ଏହି କମିଟିରେ ଅଛନ୍ତି । ତେଣୁ ତାଙ୍କ ମର୍ଜି ଅନୁସାରେ ନିଯୁକ୍ତି ହୋଇଛି । ଗତକାଲି ତାଙ୍କୁ ବିଳମ୍ବିତ ରାତିରେ ନିର୍ବାଚନ କମିଶନ ପାଇଁ ୨୧୨ ଜଣଙ୍କ ନାମ ପଠାଯାଇଥିଲା । ରାତିରୁ ସକାଳ ଭିତରେ ସେ କିଭଳି ଏ ନାଁକୁ ବାଛିବେ । ବୈଠକର ୧୦ ମିନିଟ୍ ପୂର୍ବରୁ ସର୍ଟଲିଷ୍ଟ କରାଯାଇ ୬ ନାଁ ଦିଆଯାଇଥିଲା । ସେଥିରେ ସୁଖବୀର ସିଂ ସାନ୍ଧୁ, ଜ୍ଞାନେଶ କୁମାର, ଉତ୍ପଳକୁମାର ସିଂ, ପ୍ରଦୀପ କୁମାର ତ୍ରିପାଠୀ, ଇନ୍ଦବୀର ପାଣ୍ଡେ ଓ ଗଙ୍ଗାଧର ରାହତ୍‌ଙ୍କ ନାମ ସାମିଲ ହୋଇଥିଲା । ଏତେ କମ୍ ସମୟରେ ଏମାନଙ୍କ ଦକ୍ଷତା (୯ ପୃଷ୍ଠାରେ)

### ନିଯୁକ୍ତି ପ୍ରକ୍ରିୟା ନେଇ କଂଗ୍ରେସର ଅସନ୍ତୋଷ

### ୧୦ ମିନିଟ୍ ପୂର୍ବରୁ ୬ ଜଣଙ୍କ ନାମ ଦିଆଗଲା

# ବଢ଼ିଲା ସର୍ବନିମ୍ନ ମଜୁରୀ

### ୩୫୨ ଟଙ୍କାରୁ ୪୫୦ ଟଙ୍କାକୁ ବୃଦ୍ଧି

### ଅଣକୁଶଳୀ ୪୫୦, ଅର୍ଦ୍ଧକୁଶଳୀ ୫୦୦, କୁଶଳୀ ୫୫୦, ଅତିକୁଶଳୀ ୬୦୦

ଭୁବନେଶ୍ୱର, ୧୪।୩ (ସବ୍ୟୁ) : ରାଜ୍ୟ ସରକାର ଆଜି ସର୍ବନିମ୍ନ ମଜୁରୀରେ ବୃଦ୍ଧି କରିଛନ୍ତି । ଏ ସଂପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଘୋଷଣା କରିଛନ୍ତି । ଚାରୋଟି ବର୍ଗ ଯଥା ଅଣକୁଶଳୀ, ଅର୍ଦ୍ଧ କୁଶଳୀ, କୁଶଳୀ ଓ ଅତ୍ୟନ୍ତ କୁଶଳୀ ଶ୍ରମିକ ଏହି ନିଷ୍ପତ୍ତି ଦ୍ୱାରା ଉପକୃତ ହେବେ ।

ଅଣକୁଶଳୀ ଶ୍ରମିକ ମାନଙ୍କ ମଜୁରୀ ୩୫୨ ଟଙ୍କାରୁ ୪୫୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ଶ୍ରମିକ ମାନଙ୍କ ମଜୁରୀ ୩୯୨ ଟଙ୍କାରୁ ୫୦୦ ଟଙ୍କାକୁ, କୁଶଳୀ ଶ୍ରମିକମାନଙ୍କ ମଜୁରୀ ୪୪୨ ଟଙ୍କାରୁ ୫୫୦ ଟଙ୍କାକୁ ଏବଂ ଅତ୍ୟନ୍ତ କୁଶଳୀ ଶ୍ରମିକ ମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ୫୦୨ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । (୯ ପୃଷ୍ଠାରେ)

# ମାତ୍ର ୨ ଟଙ୍କା କମିଲା ପେଟ୍ରୋଲ, ଡିଜେଲ

ନୂଆଦିଲ୍ଲୀ, ୧୪।୩ : ଆଉ କିଛି ସପ୍ତାହ ପରେ ସାଧାରଣ ନିର୍ବାଚନ । ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଆଜି ପେଟ୍ରୋଲ ଓ ଡିଜେଲ ଦରରେ ମାତ୍ର ୨ ଟଙ୍କା ହ୍ରାସ କରିଛନ୍ତି । ଏ ନେଇ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଏକ୍ସରେ ସୂଚନା ଦେଇଛନ୍ତି । ଆସନ୍ତାକାଲି ଅର୍ଥାତ୍ ୧୫ ମାର୍ଚ୍ଚ ଭୋର ୬ଟାରୁ ନୂଆ ଦର ଲାଗୁ ହେବ । ନିର୍ବାଚନ ପରିପ୍ରେକ୍ଷୀରେ ଏହି ମୂଲ୍ୟ ହ୍ରାସ ଏକ ରାଜନୈତିକ ଥୋପ ବୋଲି ମତ ପ୍ରକାଶ ପାଉଛି ।

# ଡିଜିଟାଲ ଷ୍ଟ୍ରାଇକ୍ : ୧୯ ୱେବସାଇଟ୍ ନିଷିଦ୍ଧ

ନୂଆଦିଲ୍ଲୀ, ୧୪।୩ : ପୁଣି ହେଲା ଡିଜିଟାଲ ଷ୍ଟ୍ରାଇକ । ୧୮ଟି ଓଟିଟି ଆପ୍ସ ସମେତ ୧୯ଟି ୱେବସାଇଟ୍ ବ୍ୟାନ୍ କଲେ କେନ୍ଦ୍ର ସରକାର । କେବଳ ସେତିକି ନୁହେଁ ୧୦ଟି ଆପ୍ସ ସମେତ ୫୭ଟି ସୋଶାଲ ମିଡିଆ ହ୍ୟାଣ୍ଡେଲ ମଧ୍ୟ ବ୍ୟାନ୍ କରାଯାଇଛି । ଆଇଟି ଆକ୍ଟର ନିୟମକୁ ବାରମ୍ବାର ଉଲ୍ଲଙ୍ଘନ କରିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ତରଫରୁ ଏସବୁ ସୋଶାଲ ମିଡିଆ ପ୍ଲାଟଫର୍ମଗୁଡିକୁ ଅନେକ ଥର ଚେତାବନୀ ଜାରି କରାଯାଇଥିଲା । ଏହି ଓଟିଟି ପ୍ଲାଟଫର୍ମରେ ଅଶ୍ଳୀଳ କଣ୍ଟେଣ୍ଟ ପ୍ରଦର୍ଶିତ କରାଯାଉଥିଲେ । ସେଗୁଡିକୁ ହଟାଇବା ପାଇଁ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ବାରମ୍ବାର ଚେତାବନୀ ଦେଇଥିଲେ । କିନ୍ତୁ ଏହା ପରେ ମଧ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଏମାନେ ଅମାନ୍ୟ କରିଥିଲେ । କେନ୍ଦ୍ର ସରକାର ଏହି ୧୮ଟି ଓଟିଟି ଆପ୍ସ ବ୍ୟତୀତ ୧୯ ୱେବ୍ସାଇଟ୍ ଓ ୧୦ଟି ଆପ୍ସକୁ ମଧ୍ୟ ବ୍ୟାନ୍ କରାଯାଇଛି । ଏଥିସହ ୫୭ଟି ସୋଶାଲ ମିଡିଆ ଆପ୍ସୁ ମଧ୍ୟ ବ୍ୟାନ୍ କରାଯାଇଥିବା ସୂଚନା ମିଳିଛି । ଏସବୁ ଆପ୍ ଓ ପ୍ଲାଟଫର୍ମଗଡିକ ଉପରେ ପ୍ରତିବନ୍ଧିତ ଆଇଟି ଆକ୍ଟ ୨୦୦୦ର ଧାରା ୬୭ ଏବଂ ୬୭ଏ, ଆଇପିସିର ଧାରା ୨୯୨ ଏବଂ ଆଇଆରଡବ୍ଲୁଏ ୧୯୮୬ର ଧାରା ୪ ଅନୁଯାୟୀ ଲାଗୁ କରାଯାଇଛି ।



### ଗୋଟିଏ ଦେଶ ଗୋଟିଏ ନିର୍ବାଚନ

# ରାଷ୍ଟ୍ରପତିଙ୍କୁ ରିପୋର୍ଟ ଦେଲେ କୋବିନ୍ଦଙ୍କ ଟିମ୍

ନୂଆଦିଲ୍ଲୀ, ୧୪।୩ : ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ ରାଷ୍ଟ୍ର ଏକ ନିର୍ବାଚନ ଲାଗି ଗଠିତ କମିଟି ଆଜି ତାର ରିପୋର୍ଟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରିଛି । ଏଥିରେ ବିଧାନସଭା ଓ ଲୋକସଭା ନିର୍ବାଚନକୁ ଏକସାଙ୍ଗରେ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ପ୍ରକ୍ରିୟା ଲାଗି ମୌଳିକ ଢ଼ାଞ୍ଚାରେ ପରିବର୍ତ୍ତନ ଆସିବ । ୧୮ ହଜାର ପୃଷ୍ଠାର ଏହି ରିପୋର୍ଟ ରହିଛି । ୩୯ ରାଜନୈତିକ ଦଳ, ଅର୍ଥନୀତିଜ୍ଞ ଓ ନିର୍ବାଚନ କମିଶନଙ୍କ ସହ ଆଲୋଚନା କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି ।



ଲୋକସଭା ଓ ବିଧାନସଭା ନିର୍ବାଚନ ସହ ପୌରପରିଷଦ ନିର୍ବାଚନଗୁଡିକ ୨୦୨୯ରେ ଏକାଠି ହୋଇପାରିବ । ଏଥିପାଇଁ ସମ୍ବିଧାନକୁ ସଂଶୋଧନ କରିବା ଲାଗି ପ୍ରସ୍ତାବ ଦିଆଯାଇଛି । କେନ୍ଦ୍ର ସରକାର ଏପରି ଏକ ଆଇନ୍‌ଗତ ବ୍ୟବସ୍ଥା ଆଣନ୍ତୁ ଯାହାଦ୍ୱାରା ଏକକ ନିର୍ବାଚନ ପ୍ରକ୍ରିୟା ବିନା ବାଧାରେ ଚାଲିପାରିବ । ଏଥିପାଇଁ ଆଇନ୍‌ଗତ ବ୍ୟବସ୍ଥା କରାଯାଉ । ବିଧାନସଭା, ଲୋକସଭା ଓ ପୌର ସଂସ୍ଥାର ନିର୍ବାଚନ ଲାଗି ସମ୍ବିଧାନ ସଂଶୋଧନ ଆବଶ୍ୟକ । ଲୋକସଭା ଓ ବିଧାନସଭା ନିର୍ବାଚନ ୧୦୦ ଦିନ ମଧ୍ୟରେ ସ୍ଥାନୀୟ ନିର୍ବାଚନ ହେବା ଭଲ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । (୯ ପୃଷ୍ଠାରେ)







ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହାବାର୍ଡ ବିଶ୍ୱବିଦ୍ୟାଳୟର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ନବୀନ ନିବାସରେ ସାକ୍ଷାତ କରୁଛନ୍ତି ।

# କଟକ ଜିଲ୍ଲା ନିମନ୍ତେ ନୂତନ ୱେବ୍‌ସାଇଟ୍ ଉଦ୍‌ଘାଟିତ

କଟକ (ସବ୍ୟୁ): କଟକ ଜିଲ୍ଲା ନିମନ୍ତେ ନୂତନ ୱେବ୍‌ସାଇଟ୍ (https://cuttack.odisha.gov.in) ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍‌ସିଂ ମାଧ୍ୟମରେ ୩୦ଟି ଜିଲ୍ଲା ନିମନ୍ତେ ନୂତନ ୱେବ୍‌ସାଇଟର ଉଦ୍‌ଘାଟନ କରି ଏହା ଇ-ଗଭର୍ଣ୍ଣାନସ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରିବ ବୋଲି କହିଛନ୍ତି। ଓଡିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟର ଓକାକ୍ ଦ୍ୱାରା ବିକଶିତ ଏହି ୱେବସାଇଟ୍ ରାଜ୍ୟ ସରକାରଙ୍କ ଫାଇଭ୍‌ଟି ରୂପାନ୍ତରିକରଣ ପଦକ୍ଷେପର ଅଂଶବିଶେଷ। ଏହି ୱେବ୍‌ସାଇଟ୍‌କୁ ଜନସାଧାରଣଙ୍କ ନିମନ୍ତେ ସହଜରେ ବ୍ୟବହାର ଉପଯୋଗୀ କରାଯାଇଛି । ଏହା ସରକାରଙ୍କ ସ୍ୱଚ୍ଛତା ଓ ଦକ୍ଷତାକୁ ଅଧିକ ସଶକ୍ତ କରିବା ଦିଗରେ କାର୍ଯ୍ୟ କରିବ । ଏହି ଅବସରରେ ଉଦ୍‌ବୋଧନ ଦେଇ ଫାଇଭଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଜିଲ୍ଲାପାଳମାନଙ୍କର ପ୍ରଶଂସା କରିଥିଲେ। ହାଇସ୍କୁଲ ରୂପାନ୍ତରୀକରଣଠାରୁ ଆରମ୍ଭ କରି, ମୋ କଲେଜ୍, ନୂଆ ଓ, ଆମ ହସ୍ପିଟାଲ, ଲକ୍ଷ୍ମୀ ବସ୍ ସେବା ଓ ଧାର୍ମିକ ପୀଠଗୁଡିକର ଉନ୍ନତିକରଣ ଆଦି କାର୍ଯ୍ୟ ଜିଲ୍ଲାଗୁଡିକରେ ଖୁବ ସଫଳତାର ସହ ଆଗେଇ ନେବାରେ ଜିଲ୍ଲପାଳ ତଥା ଅଧିକାରୀମାନଙ୍କର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଶ୍ରୀ ପାଣ୍ଡିଆନ୍ କହିଥିଲେ। ଏଥିସହ ଦେଶର ସର୍ବପ୍ରଥମ ଅନ୍‌ଲାଇନ୍ ଇନସେନଟିଭ ମ୍ୟାନେଜମେଣ୍ଟ ସିଷ୍ଟମ ପୋର୍ଟାଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଏହା ହିତାଧିକାରୀମାନଙ୍କ ନିମନ୍ତେ ବେଶ୍ ସହାୟକ ହେବ ।

# ମା’ବରୁଣେଇ ପୀଠ ପରିଦର୍ଶନ କଲେ ୫-ଟି ଅଧ୍ୟକ୍ଷ



ମନ୍ଦିରରେ ଚାଲୁଥିବା ବିକାଶ କାର୍ଯ୍ୟ ସମୀକ୍ଷା

କପିଳେଶ୍ୱର ମନ୍ଦିର ପରିଦର୍ଶନ, ସେବାୟତଙ୍କ ସହ ଆଲୋଚନା

ଗଙ୍ଗୁଆ ନାଳରୁ କପିଳେଶ୍ୱର ମନ୍ଦିର ୨କିମି ରାସ୍ତା କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର (ସବ୍ୟୁ) : ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ମନ୍ଦିର ପରିଦର୍ଶନ କରିଛନ୍ତି । ମନ୍ଦିରରେ ହେଉଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ ଶ୍ରୀ ପାଣ୍ଡିଆନ ।

ଗୁରୁବାର ଭୋର ୫.୩୦ରେ ଶ୍ରୀ ପାଣ୍ଡିଆନ ଖୋର୍ଦ୍ଧାରେ ଅବସ୍ଥିତ ମା’ ବରୁଣେଇ ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହାସହ ସେ ପୂର୍ତ୍ତ ବିଭାଗର ସଚିବ ଓ ଖୋର୍ଦ୍ଧାର ଜିଲ୍ଲାପାଳଙ୍କ ସହିତ ଭକ୍ତଙ୍କ ପାଇଁ ମିଳୁଥିବା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ ।

ଏହା ପରେ ଶ୍ରୀ ପାଣ୍ଡିଆନ ଭୁବନେଶ୍ୱରସ୍ଥିତ କପିଳେଶ୍ୱର ମନ୍ଦିର ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବି କରିଥିଲେ । ଏଏସ୍‌ଆଇ ତତ୍ତ୍ୱାବଧାନରେ ମନ୍ଦିରର ସର୍ବାଙ୍ଗୀନ ବିକାଶ ଖୁବଶୀଘ୍ର ଆରମ୍ଭ ହେବ ବୋଲି ମନ୍ଦିର ପରିଚାଳନା କମିଟି, ସେବାୟତ ଓ ଭକ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ମନ୍ଦିର କମିଟି ଓ ସେବାୟତଙ୍କ ସହିତ ବିସ୍ତୃତ ଆଲୋଚନା କରିବାକୁ ସେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମନ୍ଦିର ଓ ଏହାର ପରିସର ଉନ୍ନତିକରଣ ଲାଗି ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ ।

ଶ୍ରୀ ପାଣ୍ଡିଆନ ପୂର୍ତ୍ତ ବିଭାଗ ସଚିବଙ୍କ ସହିତ ଏନଏଚ୍ ୩୧୬ ଗଙ୍ଗୁଆ ନାଳ ଠାରୁ କପିଳେଶ୍ୱର ମନ୍ଦର ଯାଏ ୨ କିମି ରାସ୍ତା ନିର୍ମାଣ ସମ୍ପର୍କରେ ପଚାରି ବୁଝିଥିଲେ । ଏହି ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଲାଗି ୩୦ କୋଟି ଓ ନିର୍ମାଣ ପାଇଁ ୨୦କୋଟି ଟଙ୍କା ମୋଟ ୫୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଅଗ୍ରଗତି କରିବାକୁ ଜିଲ୍ଲାପାଳଙ୍କୁ ଶ୍ରୀ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ ।

## ଦୀର୍ଘାବଧି ଋଣ ନିବେଶ ଚାହୁଁଥିବା ନିବେଶକଙ୍କ ପାଇଁ ବନ୍ଧନ ଲଙ୍ଗ ଡ୍ୟୁରେସନ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର : ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ୍-ଏଣ୍ଡେଡ୍ ଲଙ୍ଗ-ଟର୍ମ ଡେବ୍‌ଟ ସ୍କିମ, ବନ୍ଧନ ଲଙ୍ଗ୍ ଡ୍ୟୁରେସନ ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହା ଏଭଳି ଇନ୍‌ଷ୍ଟ୍ରୁମେଂଟ୍‌ଗୁଡିକରେ ନିବେଶ କରିଥାଏ ଯାହାର ପୋର୍ଟଫୋଲିଓ ମାକାଉଲେ ଅବଧି ୭ ବର୍ଷରୁ ଅଧିକ ହେବ। ଏହି ଫଣ୍ଡ ନିବେଶକଙ୍କୁ ଏକ ଆକର୍ଷଣୀୟ ସୁଯୋଗ ପ୍ରଦାନ କରିପାରେ ଯେଉଁମାନେ ଅର୍ଥନୀତିରେ ଢାଂଚାଗତ ସୁଧ ଦ୍ୱାରା ପରିଚାଳିତ ବର୍ତ୍ତମାନର ନିକଟତମ ସୁଧ ହାରରେ ହ୍ରାସର ଆଶା ରଖିଛନ୍ତି । ଏହି ଫଣ୍ଡ ପାଇଁ ନୂତନ ଫଣ୍ଡ ଅଫର୍ (ଏନ୍‌ଏଫ୍‌ଓ) ମଙ୍ଗଳବାର ଅର୍ଥାତ୍ ମାର୍ଚ୍ଚ ୫ ତାରିଖ ୨୦୨୪ରେ ଖୋଲିବ ଏବଂ ସୋମବାର, ୧୮ ତାରିଖରେ ବନ୍ଦ ହେବ । ବନ୍ଧନ ଲଙ୍ଗ ଡ୍ୟୁରେସନ ଫଣ୍ଡରେ ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ ବିତରଣକାରୀ ଓ ନିବେଶ ପରାମର୍ଶଦାତା, ଅନ୍‌ଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ କିମ୍ବା ସିଧାସଳଖ https://bandhanmutual.com/nfo/bandhan-long-duration-fund/ରେ ନିବେଶ କରାଯାଇପାରିବ ।

## ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ‘ରୁଆଣ୍ଡା’ଦେଶର ପ୍ରତିନିଧି ଦଳ

# ସ୍ଥାୟୀ ପାନୀୟ ଜଳ ଓ ପରିମଳ ସେବା ବ୍ୟବସ୍ଥା ସଂପର୍କରେ କଲେ ଆଲୋଚନା

ଭୁବନେଶ୍ୱର (ସବ୍ୟୁ): ରୁଆଣ୍ଡା ସରକାରଙ୍କ ୮ ଜଣିଆ ପ୍ରତିନିଧି ଦଳ ୬ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ମାର୍ଚ୍ଚ ୧୧ ତାରିଖରୁ ଆଗାମୀ ୧୬ ତାରିଖ ପର୍ଯ୍ୟନ୍ତ ଆସିଥିବା ‘ରୋଆଣ୍ଡା’ ସରକାରଙ୍କ ଭିତ୍ତିଭୂମି ବିକାଶ ମନ୍ତ୍ରାଳୟ (ମିନିଇନ୍‌ଫ୍ରା)ବିଭାଗ, ଜଳ ଓ ପରିମଳ ନିଗମ (ୱାସାକ), ୱାଟର ଫର ପିପୁଲ ଏବଂ ଆଇଆରସି ଆନ୍ତର୍ଜାତିକ ସ୍ତରୀୟ ସ୍ୱେଚ୍ଛାସେବୀ ସଂଗଠନର ଉଚ୍ଚ କର୍ତ୍ତୃପକ୍ଷ ଏହି ପ୍ରତିନିଧି ଦଳରେ ସାମିଲ ହୋଇଛନ୍ତି । ଓଡ଼ିଶାରେ ସହରାଞ୍ଚଳ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ପରିଦର୍ଶନ ସହ ପରିଦର୍ଶନରୁ ପାରସ୍ପରିକ ଜ୍ଞାନଆହରଣ ଉଦ୍ଦେଶ୍ୟରେ ସେମାନଙ୍କର ଗସ୍ତର ଉଦ୍ଦେଶ୍ୟ ରହିଛି । ଏହି ଗସ୍ତ ପରିପ୍ରେକ୍ଷୀରେ ସେମାନେ ଗୁରୁବାର ଓଡ଼ିଶା ନଗରଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥାନନ୍‌ଙ୍କ ଉପସ୍ଥିତିରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସହିତ ସାକ୍ଷାତ କରି ଏକ ବୈଠକରେ ଆଲୋଚନା କରିଥିଲେ ।

ସହରାଞ୍ଚଳରେ ପୋଷଣୀୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ ସେବା ଯୋଗାଇବା କ୍ଷେତ୍ରରେ ଓଡିଶା ସରକାର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସହାରାଂଚଳ ପାନୀୟଜଳ ଯୋଗାଣ କ୍ଷେତ୍ରରେ ଓଡିଶା ସରକାରଙ୍କ ଚବିଶ ଘଣ୍ଟିଆ ଡ୍ରିଙ୍କ ଫ୍ରମ ଟ୍ୟାପ୍ ବ୍ୟବସ୍ଥା ସାରା ବିଶ୍ୱରେ ପ୍ରଶଂସିତ ହେବା ସହିତ ଏହା ଅନ୍ୟ ରାଜ୍ୟ ତଥା ଅନ୍ୟ ଦେଶ ପାଇଁ



ଅନୁକରଣୀୟ ହୋଇଛି । ଓଡିଶା ଗସ୍ତ ପରିପ୍ରେକ୍ଷୀରେ ଆସିଥିବା ଏହି ପ୍ରତିନିଧି ଦଳ ଓଡିଶାର ସହରାଂଚଳ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ କ୍ଷେତ୍ର ପରିଦର୍ଶନ ପୂର୍ବକ ବିଭିନ୍ନ ବୈଠକରେ ଆଲୋଚନାରୁ ଶିକ୍ଷା ଲାଭ କରିରୁଆଣ୍ଡା ସରକାର ଏବଂ ପ୍ରମୁଖ ସଂସ୍ଥା ଗୁଡ଼ିକର ଭୂମିକାକୁ ଉନ୍ନତ କରିବାକୁ ଓଡିଶା ସରକାରଙ୍କ ସମ୍ଭାବ୍ୟ ସହାୟତା ସଂପର୍କରେ ଆଲୋଚନା କରିଥିଲେ । ସହରାଂଚଳରେ ନିରନ୍ତର ପାନୀୟ ଜଳଯୋଗାଣ କ୍ଷେତ୍ରରେ ରାଜ୍ୟସରକାର ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ସେସବୁକୁ ସମାଧାନ କରିବାରେ ରୁଆଣ୍ଡା ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା କହିଥିଲେ ଯେ, ସମସ୍ତଙ୍କୁ ୨୪ଘଣ୍ଟିଆ ଗୁଣାତ୍ମକ ପାନୀୟଜଳ ଯୋଗାଣ ରାଜ୍ୟସରକାରଙ୍କ ପ୍ରାଥମିକତା ରହିଛ । ମୁଖ୍ୟମନ୍ତ୍ରୀ ‘ପ୍ରତ୍ୟେକ ଜୀବନ ମୂଲ୍ୟବାନ’ କୁ ଗୁରୁତ୍ୱ ଦେଇଛନ୍ତି ।

## ଓଡ଼ିଶା ଜନତା ପାର୍ଟିର ନିର୍ବାଚନ ପ୍ରସ୍ତୁତି

# ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନରେ ଦେବ ପ୍ରାର୍ଥୀ

ଭୁବନେଶ୍ୱର (ସବ୍ୟୁ): ଆଗାମୀ ନିର୍ବାଚନରେ ଓଡ଼ିଶା ଜନତା ପାର୍ଟି ପକ୍ଷରୁ ରାଜ୍ୟର ସମସ୍ତ ବିଧାନସଭା ଓ ଲୋକସଭା ଆସନରେ ପ୍ରାର୍ଥୀ ଦିଆଯିବ ବୋଲି ଘୋଷଣା କରାଯାଇଛି । ଭୁବନେଶ୍ୱର ଠାରେ ଦଳର ରାଜ୍ୟ ସଭାପତି ତଥାଗତ ସ୍ୱାଇଁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ୨୦୨୪ ସାଧାରଣ ନିର୍ବାଚନରେ ଦଳ ସାରା ଓଡ଼ିଶାରେ ପ୍ରତିଟି ନିର୍ବାଚନ ମଣ୍ଡଳୀରେ ପାର୍ଥୀ ଦେବ । ଦଳ ରାଜ୍ୟର ସବୁ ବିଧାନସଭା ଓ ସବୁ ଲୋକସଭା ସିଟ୍‌ରେ ପ୍ରାର୍ଥୀ ଦେବାପାଇଁ ଘୋଷଣା କରାଯାଇଛି । ରାଜ୍ୟରେ ବିଜେଡ଼ି ସରକାର ଯେଭଳି ଭାବରେ ଶାସନ ଭାର ତୁଲାଉଛି ସମସ୍ତଙ୍କୁ ଅଛପା ନାହିଁ। ବିଜେପିକୁ ବିରୋଧି ଦଳର ମାନ୍ୟତା ମିଳିଥିଲା । କିନ୍ତୁ ତାହା ସଠିକ୍ ଭାବେ ତୁଲାଇ ପାରିଲା ନାହିଁ। ରାଜ୍ୟରେ ବିରୋଧି ଦଳ ନଥିଲେ ରାଜ୍ୟର ଅବସ୍ଥା କ’ଣ ହୁଏ ସାଧାରଣ ଜନତା ସବୁ ଜାଣିସାରିଲେଣି । ଖାଲି ଯୋଜନା ଘୋଷଣା କରିଦେଲେ ଯେ ସାଧାରଣ ଲୋକର ତେଲ ଲୁଣର ସଂସାର ପରିପୂର୍ଣ୍ଣ ହୋଇଯିବ ତାହା ଅସମ୍ଭବ। ଏମିତି ଅନେକ ସମସ୍ୟା ଅଛି ଯାହା ୩୦ ବର୍ଷ ତଳେ ଥିଲେ ଏବେ ମଧ ଅଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସ୍କ୍ରିନିଂ କମିଟି ଅଧ୍ୟକ୍ଷ ତ୍ରିଭୁବନ ମୋହନ ମହାପାତ୍ର, ରାଜ୍ୟ ଉପସଭାପତି ରୁଦ୍ର ନାରାୟଣ ଜିତ୍‌ବାବୁ, ରାଜ୍ୟ ସାଧାରଣ ସଂପାଦକ, ଜୟନ୍ତ ଚୌଧୁରୀ, କୋଷାଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ପ୍ରଫୁଲ୍ଲ କୁମାର ନାଥ ଅନ୍ୟତମ ରାଜ୍ୟ ସଂପାଦକ ଅମଳେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।




# ମିଶନ ଶକ୍ତି ମା’ ମାନେ ସର୍ବଦା ମୁଖ୍ୟମନ୍ତ୍ରୀଙ୍କ ସହିତ ଅଛନ୍ତି : ବିଜେଡି




ମିଶନ ଶକ୍ତିରେ ୭୦ଲକ୍ଷରୁ ଅଧିକ ମହିଳା ସାମିଲ

ବିନା ସୁଧରେ ଏସଏଚଜିଙ୍କୁ ୫ଲକ୍ଷ ଟଙ୍କାର ଋଣ

ପ୍ରତିଷ୍ଠା ହେବ ୫୦୦ ମିଶନ ଶକ୍ତି ବଜାର

ଏସଏଚଜିଙ୍କୁ ଉଦ୍ୟୋଗୀ କରିବା ହେଉଛି ମୁଖ୍ୟ ଲକ୍ଷ୍ୟ

ଭୁବନେଶ୍ୱର (ସବ୍ୟୁ): ମହିଳାମାନେ ହେଉଛନ୍ତି ଶକ୍ତିର ପ୍ରତିନିଧି- ମା’ ଲକ୍ଷ୍ମୀ, ମା’ ସରସ୍ୱତୀ ଓ ମା’ ଦୁର୍ଗା । ବର୍ଷକୁ ବର୍ଷ ଏବଂ ନିର୍ବାଚନ ପରେ ନିର୍ବାଚନ ରେ ଏହି ଶକ୍ତି ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ରହିଛନ୍ତି । କାରଣ ମହିଳାଙ୍କ ପ୍ରତି ଆମର ପ୍ରତିବଦ୍ଧତା ଏକ ସ୍ଲୋଗାନ ନୁହେଁ ବରଂ ଏକ ଐତିହାସିକ ସତ୍ୟ ଏବଂ ଏହାକୁ ଅନେକ ଉପାୟରେ ପ୍ରଦାନ କରାଯାଇଛି । ଉଦାହରଣ ସ୍ୱରୂପ ପଞ୍ଚାୟତିରାଜ ଓ ପୌରସଂସ୍ଥାରେ ଏହି ସରକାର ମହିଳାଙ୍କ ପାଇଁ ୫୦% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି । ବିଜେଡି ପକ୍ଷରୁ ଆମେ ଓଡ଼ିଶାର ମହିଳାମାନଙ୍କୁ ଦଳ ଓ ସରକାରଙ୍କ ପ୍ରତି ଏହି ବିଶ୍ୱାସ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଉଛୁ । ଓଡ଼ିଶାର ପ୍ରାୟ ୫୦ ପ୍ରତିଶତ ମହିଳାଙ୍କ ସଶକ୍ତିକରଣ ଓ କଲ୍ୟାଣ ପାଇଁ ଦଳର ପ୍ରତିବଦ୍ଧତାକୁ ଆମେ ଦୋହରାଉଛୁ ବୋଲି କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ସଂତୃପ୍ତ ମିଶ୍ର ଓ ମୁଖପାତ୍ର ଶ୍ରୀମୟୀ ମିଶ୍ର ।

ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ଦୁଇ ମୁଖପାତ୍ର କହିଛନ୍ତି ଯେ ସଶକ୍ତିକରଣ ପାଇଁ ଗତ କିଛି ବର୍ଷର ପ୍ରୟାସର ମୁଖ୍ୟ ବାହକ ହେଉଛି ମିଶନ ଶକ୍ତି । ଏହା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନରେ ସହାୟକ ହୋଇଛି ଯାହା ଗ୍ରାମ, ସହର, ଉପତ୍ୟକା, ପାହାଡ଼ ଏବଂ ରାଜ୍ୟର କୋଣ ଅନୁକୋଣରେ ଥିବା ୭୦ ଲକ୍ଷ ମହିଳାଙ୍କୁ ଛୋଟ ଗୋଷ୍ଠୀରେ ସଂଯୋଗ କରିଛି । ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀକୁ ତାଲିମ, ଋଣ ସୁବିଧା, ଦକ୍ଷତା ବୃଦ୍ଧି ଇତ୍ୟାଦି ପ୍ରଦାନ କରାଯାଇଛି । ମିଶନ ଶକ୍ତି ଏକ ସ୍ୱାଧୀନ ବିଭାଗ, ଯାହାର ନିଜସ୍ୱ ବଜେଟ୍ ଅଛି । ଏହା ସମସ୍ତ ଏସଏଚଜି ପଦକ୍ଷେପକୁ ଗୋଟିଏ ପ୍ଲାଟଫର୍ମ ଅଧୀନରେ ଆଣିଛି । ଏହା ବ୍ୟକ୍ତି ବିଶେଷଙ୍କ ଉପରେ ନୁହେଁ, ସାମୂହିକ ଉପରେ ଧ୍ୟାନ କେନ୍ଦ୍ରିତ କରେ ଏହା ସଶକ୍ତିକରଣ ବିଷୟରେ, ସାହାଯ୍ୟ କରିବା ବିଷୟରେ ନୁହେଁ ଏହା ହେଉଛି ସେମାନଙ୍କର ଶକ୍ତିର ଅନୁସନ୍ଧାନ କରିବା ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସେମାନଙ୍କ ନିଜ ପରିଚୟ ବିଷୟରେ ତୃଣମୂଳ ସ୍ତରରେ ନେତୃତ୍ୱ, ଉଦ୍ୟୋଗ ଏବଂ ଅର୍ଥନୈତିକ ପରିବର୍ତ୍ତନ ବିଷୟରେ ଏବଂ ନୂତନ କାର୍ଯ୍ୟ କରିବା ପାଇଁ ସେମାନଙ୍କ ପ୍ରତିଭା ଏବଂ ସାହସ ଆବିଷ୍କାର କରିବା ବିଷୟରେ । ଯଥେଷ୍ଟ ସମ୍ଭାବନା ଥିବା ସାଧାରଣ ମହିଳାଙ୍କ ଜୀବନକୁ ସ୍ପର୍ଶ କରିଥାଏ । ଏହା ଜୀବନକୁ ସ୍ପର୍ଶ କରେ, ପରିବର୍ତ୍ତନ କରେ, ଜୀବନକୁ ଗୁଣାତ୍ମକ ଭାବରେ ଉନ୍ନତ କରେ ।

ମିଶନ ଶକ୍ତି କିପରି ପରିଚୟ ଖୋଜିବାକୁ ପ୍ରୋତ୍ସାହିତ କରିଛି ସେ ସଂକ୍ରାନ୍ତରେ ଦୁଇ ମୁଖପାତ୍ର କହିଛନ୍ତି ଯେ ସ୍କୁଟର ମୋବିଲିଟି ହେଉଛି ସେମାନଙ୍କ ପସନ୍ଦର ସ୍କୁଟର କିଣିବା ପାଇଁ ୧ ଲକ୍ଷ ଲୋକଙ୍କୁ ସଶକ୍ତ କରିବା । ୪୦,୦୦୦ ସଦସ୍ୟ ଏହି ସେବାର ଲାଭ ଉଠାଇଛନ୍ତି । ମିଶନ ଶକ୍ତିର ଭବିଷ୍ୟତ ସଂକ୍ରାନ୍ତରେ ବିଜେଡି ମୁଖପାତ୍ର କହିଛନ୍ତି ଯେ ଏସଏଚଜି ମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବା, ସେମାନଙ୍କୁ ଦୃଢ଼ ସ୍ଥିତିରେ ରଖିବା ପାଇଁ ୫୦,୦୦୦ କୋଟିର ବ୍ୟାଙ୍କ ଋଣ, ଅନ୍ତର୍ଜାତୀୟ ବଜାରରେ ଏସଏଚଜି ଉତ୍ପାଦନ ପହଞ୍ଚାଇବା, ୫୦୦ ମିଶନ ଶକ୍ତି ବଜାର ପ୍ରତିଷ୍ଠା ପାଇଁ ସବୁ ଜିଲ୍ଲାକୁ ପାଣ୍ଠି ଯୋଗାଣ, ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ଭାବେ ସେମାନଙ୍କର ସଫଳତା ଯୁବତୀ ଏବଂ ସେମାନଙ୍କ ପିତାମାତାଙ୍କୁ ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶୀଦାର କରିବାକୁ ଉତ୍ସାହିତ କରିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି ।

# କିମ୍ସରେ ବିଶ୍ୱ କିଡ଼ନୀ ଦିବସ ପାଳିତ

ଭୁବନେଶ୍ୱର (ସବ୍ୟୁ): କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (କିମ୍ସ) ପକ୍ଷରୁ ଗୁରୁବାର ବିଶ୍ୱ କିଡନୀ ଦିବସ ପାଳିତ ହୋଇଯାଇଛି । କିଡନୀ ରୋଗ ଉପରେରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ କିମ୍ସ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆଜି ସକାଳେ ଅନୁଷ୍ଠିତ ହୋଇଥିଲା । ଏଥିରେ କିଟ୍, କିସ୍, କିମ୍ସ ଏବଂ କିମ୍ସର ଶତାଧିକ ଛାତ୍ରଛାତ୍ରୀ, ଡାକ୍ତର, ପ୍ରଫେସର ଏବଂ ହସ୍ପିଟାଲ କର୍ମଚାରୀ ସାମିଲ ହୋଇଥିଲେ ।



ଶରୀରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମଧ୍ୟରୁ କିଡନୀ ବା ବୃକକ୍ ଅନ୍ୟତମ । ଏହା ଶରୀରରୁ ବର୍ଜ୍ୟବସ୍ତୁ ନିଷ୍କାସନ କରି ସୁସ୍ଥ ରଖିବା କାର୍ଯ୍ୟ କରିଥାଏ । କିନ୍ତୁ ବର୍ତ୍ତମାନର ଜୀବନଶୈଳୀ କିଡନୀ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଛି । ଲୋକଙ୍କୁ କିଡନୀ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ଦ୍ୱିତୀୟ ଗୁରୁବାରକୁ ବିଶ୍ୱ କିଡନୀ ଦିବସ ରୂପେ ପାଳନ କରାଯାଏ । ଚଳିତ ବର୍ଷ ବିଶ୍ୱ କିଡନୀ ଦିବସର ବିଷୟ ବସ୍ତୁ ରହିଛି ‘କିଡନୀ ହେଲଥ୍ ଫର୍ ଅଲ’ ଯାହାର ଅର୍ଥ ସମସ୍ତଙ୍କ ପାଇଁ କିଡନୀ ସ୍ୱାସ୍ଥ୍ୟ ।

ଏହି ଅବସରରେ କିମ୍ସ କଲେଜ ଅଧ୍ୟକ୍ଷ/ଡିନ୍ ବ୍ରିଗ୍ ପ୍ରଫେସର (ଡା.) ଅମ୍ବିକା ପ୍ରସାଦ ମହାନ୍ତି ଯୋଗଦେଇ କହିଲେ, କେହି କିଡନୀ ରୋଗରେ ଥରେ ଆକ୍ରାନ୍ତ ହେଲେ ଏଥିରୁ ମୁକ୍ତି ପାଇବା କଷ୍ଟକର । ତେଣୁ ସମସ୍ତେ ଏଥିପ୍ରତି ସତର୍କ ହେବା ଜରୁରୀ ବୋଲି କହିଥିଲେ । କିମ୍ସ ମେଡିକାଲ ଅଧୀକ୍ଷକ ପ୍ରଫେସର ରାମ ଚନ୍ଦ୍ର ଦାସ ଯୋଗଦେଇ ଲୋକମାନେ କିପରୀ କିଡନୀ ରୋଗରେ ଆକ୍ରାନ୍ତ ନ ହେବେ ଏହାର ଚିକିତ୍ସା ପ୍ରଣାଳୀ ସମ୍ବନ୍ଧରେ ସଭିଙ୍କ ମଧ୍ୟରେ ସଚେତନ ବୃଦ୍ଧି କରାଯିବା ନେଇ ଗୁରୁତ୍ୱାରୋପ କରିଥିଲେ ।

ନେଫ୍ରୋଲୋଜି ବିଭାଗ ବିଭାଗୀୟ ମୁଖ୍ୟ ଡା. ନିକୁଞ୍ଜ କିଶୋର ରାଉତ କହିଲେ, କିଡନୀ ରୋଗ ଏକ ଗମ୍ଭୀର ରୋଗ । ସମଗ୍ର ବିଶ୍ୱରେ ୮୫୦ ନିୟୁତ ଲୋକ ଏଥିରେ ଆକ୍ରାନ୍ତ । ଏହି ରୋଗ କାରଣରୁ ବାର୍ଷିକ ୩.୧ ନିୟୁତ ଲୋକ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ଠିକ୍ ସମୟରେ ଏହି ରୋଗ ନିରୂପଣ ଏବଂ ଚିକିତ୍ସା ଆବଶ୍ୟକ ବୋଲି କହିଥିଲେ । ଏଥି ସହ କିମ୍ସ ହସ୍ପିଟାଲ ନେଫ୍ରୋଲୋଜି ବିଭାଗରେ ପ୍ରଦାନ କରାଯାଉଥିବା ଉନ୍ନତମାନର ଡାୟାଲିସିସ୍ ବ୍ୟବସ୍ଥା ଏବଂ ପ୍ରତିରୋପଣ ଚିକିତ୍ସା ଦ୍ୱାରା ଅନେକ ରୋଗୀ ଉପକୃତ ହୋଇପାରୁଛନ୍ତି । କିଡନୀ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ବିଶ୍ୱ କିଡନୀ ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ ।

# ମ୍ୟାକ୍ସ ଲାଇଫ ପକ୍ଷରୁ ସ୍ମାର୍ଟ ୱେଲଥ ଆଡଭାଣ୍ଟେଜ ଗ୍ୟାରେଣ୍ଟି ଏଲିଟ ପ୍ଲାନ

ଭୁବନେଶ୍ୱର (ସବ୍ୟୁ) : ମ୍ୟାକ୍ସ ଲାଇଫ ଇନସୁରାନ୍ସ କମ୍ପାନୀ ଲିମିଟେଡ (‘ମ୍ୟାକ୍ସ ଲାଇଫ’ / ‘କମ୍ପାନୀ’)ନୂଆ ସ୍ମାର୍ଟ ୱେଲଥ ଆଡଭାଂଟେଜ ଗ୍ୟାରେଂଟି ଏଲିଟ ପ୍ଲାନ – ସ୍ୱାଗ ଏଲିଟ ପ୍ଲାନ (ୟୁଆଇଏନ-୧୦୪ଏନ୧୩୮ଭି୦୧)ର ଉନ୍ମୋଚନ ସହ ନିଜର ସୁନିଶ୍ଚିତ ସମାଧାନ ପୋର୍ଟଫୋଲିଓ ସଂପ୍ରସାରଣର ଘୋଷଣା କରିଛି । ସ୍ୱାଗ ପର ପ୍ଲାନ ଏବଂ ସ୍ୱାଗ ପେନସନ ପ୍ଲାନ ଭଳି ’ସ୍ୱାଗ’ ସିରିଜରୁ ମିଳିଥିବା ସଫଳତା ଏବଂ ଗ୍ରାହକଙ୍କ ସକାରାତ୍ମକ ପ୍ରତିକ୍ରିୟାକୁ ଆଧାର କରି ମ୍ୟାକ୍ସ ଲାଇଫ ଆଧୁନିକ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଥିବା ଅଭିନବ ସମାଧାନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି । ସ୍ୱାଗ ଏଲିଟ ପ୍ଲାନ ହେଉଛି ଏହି ପ୍ରତିବଦ୍ଧତାର ପ୍ରମାଣ ଯାହା ଗ୍ରାହକଙ୍କ ପରିବର୍ତ୍ତିତ ଆର୍ଥିକ ଆବଶ୍ୟକତା ଏବଂ ଆକାଂକ୍ଷା ପୂରଣ ପାଇଁ ବ୍ୟାପକ ସମାଧାନ ପ୍ରଦାନ କରିଥାଏ । ଏହି ନୂଆ ଅଫରକୁ ସ୍ୱତନ୍ତ୍ର ଭାବେ ’ହାଇ ନେଟ୍ ୱର୍ଥ ପର୍ସନାଲ’ (ଏଚଏନଆଇ କ୍ଷେତ୍ର ) ପାଇଁ ପ୍ରସ୍ତୁତ କରାଯାଇଛି ।

ଏହି ନୂଆ ଅଫର ଗ୍ରାହକଙ୍କୁ ସୁନିଶ୍ଚିତ ରିଟର୍ଣ୍ଣ ଏବଂ ପରବର୍ତ୍ତୀ ପିଢି ପାଇଁ ଜୀବନବ୍ୟାପୀ ସୁରକ୍ଷା ଭଳି ଅନନ୍ୟ ସୁବିଧା ପ୍ରଦାନ କରୁଛି । ଏଥିରେ ଗ୍ରାହକମାନେ ପଲିସି ଶେଷରେ ଏକାକାଳୀନ ରାଶି ନେଇପାରିବେ କିମ୍ବା ସମୟକ୍ରମେ ସେହି ରାଶିକୁ କିସ୍ତି ଭାବରେ ନେବାକୁ ଚୟନ କରିପାରିବେ । ଏହା ବ୍ୟତୀତ ଏହି ଯୋଜନାରେ ଆଜୀବନ ସୁରକ୍ଷା ମଧ୍ୟ ପ୍ରଦାନ କରାଯାଇଛି, ଯାହା ପଲିସି ଅବଧି ଶେଷ ହେବା ପରେ ମଧ କଭରେଜ ଉପଲବ୍ଧ ହେବା ସୁନିଶ୍ଚିତ କରେ । ପ୍ରିମିୟମ ଦେୟ ଏବଂ ବଂଟିବାର ଲାଭର ବିଭିନ୍ନ ବିକଳ୍ପରୁ ଚୟନ କରି ପଲିସିଧାରୀ ସେମାନଙ୍କ ଯୋଜନାକୁ କଷ୍ଟମାଇଜ କରିବାର ସୁବିଧା ମଧ୍ୟ ପାଇଥାନ୍ତି ।

# ସମ୍ ହସ୍ପିଟାଲ୍‌ରେ ବିଶ୍ୱ କିଡ୍‌ନୀ ଦିବସ

ଭୁବନେଶ୍ୱର (ସବ୍ୟୁ): କିଡ୍‌ନୀ ଜନିତ ରୋଗର କାରଣ ଓ ନିରାକରଣ ସମେତ ଉପଯୁକ୍ତ ଚିକିତ୍ସା ଓ ଜୀବନଶୈଳୀ ମାଧ୍ୟମରେ କିଭଳି ମଣିଷ ନିଜକୁ ସୁସ୍ଥ ରଖିପାରିବ ସେ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଗୁରୁବାର ଆୟୋଜିତ ବିଶ୍ୱ କିଡ୍‌ନୀ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ ହସ୍ପିଟାଲର ନେଫ୍ରୋଲୋଜି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ହସ୍ପିଟାଲ୍ ସମ୍ମୁଖରେ ଏକ ସଚେତନତା ର୍‍ୟାଲି କରାଯିବା ସହ ପରବର୍ତ୍ତୀ ସମୟରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କିଡ୍‌ନୀ ସମସ୍ୟା ବିଶ୍ୱର ୧୦ମ ଗୁରୁତର ଶାରୀରିକ ସମସ୍ୟା ବୋଲି କହିଥିଲେ । ତେଣୁ ଏହି ସମସ୍ୟାରୁ ବାହାରିବା ପାଇଁ ଜନସାଧାରଣଙ୍କୁ କିଡ୍‌ନୀ ଜନିତ ସମସ୍ୟା ସମ୍ପର୍କରେ ସଚେତନ ହେବାକୁ ପଡ଼ିବ ବୋଲି ସେ କହିଥିଲେ । ଖୁବ୍ ଶୀଘ୍ର ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ କିଡ୍‌ନୀ ପ୍ରତ୍ୟାରୋପଣ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପ୍ରଫେସର ମିଶ୍ର କହିଥିଲେ । କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ୍ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୁସ୍ଥ କିଡ୍‌ନୀ ନିମନ୍ତେ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥି ନିମନ୍ତେ ଡାକ୍ତରମାନେ ନିଜେ ସଚେତନ ହେବା ସହ ଶାରୀରିକ ଭାବେ ସୁସ୍ଥ ରହିବା ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ସମ୍ ହସ୍ପିଟାଲ୍‌ର ନେଫ୍ରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ବିଶ୍ୱରଞ୍ଜନ ମହାନ୍ତି ଯୋଗ ଦେଇଥିଲେ । ଚଳିତ ବର୍ଷ ବିଶ୍ୱ କିଡ୍‌ନୀ ଦିବସର ଥିମ୍ ’କିଡ୍‌ନୀ ହେଲ୍‌ଥ ଫର୍ ଅଲ୍- ଆଡଭାନ୍ସିଂ ଇକ୍ୟୁଟେବଲ ଆକ୍‌ସେସ୍, କେୟାର ଆଣ୍ଡ ଅପ୍ଟିମାଲ୍ ମେଡିକେସନ୍ ପ୍ରାକ୍ଟିସ୍’ ରହିଥିବା ବେଳେ ଏହି କାର୍ଯ୍ୟକ୍ରମରେ ୟୁରୋଲୋଜି, ପାଥୋଲୋଜି ଓ କ୍ରିଟିକାଲ୍ କେୟାର ବିଭାଗ ସାମିଲ ହୋଇଥିଲେ ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬୧
ତିଥି : ପଞ୍ଚମୀ
୧୫ ମାର୍ଚ୍ଚ ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 161
15 March 2024, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଅନ୍‌ଲାଇନ୍ ଇନ୍‌ସେଣ୍ଟିଭ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ ଆରମ୍ଭ

## ଆଇଟି ଶିଳ୍ପ ପରିଚାଳନାରେ ଏଭଳି ପ୍ଲାଟ୍‌ଫର୍ମ ପ୍ରଥମ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୩ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଅନ୍‌ଲାଇନ୍ ଇନ୍‌ସେଣ୍ଟିଭ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ ବ୍ୟବସ୍ଥାକୁ ଆରମ୍ଭ କରିଛନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍ ରହିଛି । ଓକାକ୍ ଦ୍ୱାରା ଏହି ୱେବ୍‌ସାଇଟ୍‌କୁ ପ୍ରସ୍ତୁତ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଇଟି ଶିଳ୍ପ ପାଇଁ ପ୍ରଥମ ଥର ଲାଗି ଏଭଳି ଏକ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯାଇଛି ।




ଅନ୍‌ଲାଇନ୍ ଇନ୍‌ସେଣ୍ଟିଭ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ ପୋର୍ଟାଲ ଉଦ୍ୟୋଗୀମାନେ ରାଜ୍ୟର ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ, ସେମିକଣ୍ଡକ୍ଟର ଉତ୍ପାଦନ ଓ ଫାବ୍‌ଲେସ୍ ପଲିସି ସମ୍ପର୍କରେ ଆବେଦନ କରିପାରିବେ । ଏଥିରେ ଅନେକ ସୁବିଧା ରହିଛି । ସିଧାସଳଖ ଆବେଦନ କରିବା ଅପେକ୍ଷା ୱେବ୍‌ସାଇଟ୍ ମାଧ୍ୟମରେ ସମସ୍ତ ଡକ୍ୟୁମେଣ୍ଟକୁ ଅପ୍‌ଲୋଡ୍ କରିବେ ଓ ସିଙ୍ଗଲ ୱିଣ୍ଡୋ ପୋର୍ଟାଲ ସୁବିଧା ମିଳିପାରିବ । ଏଥିରେ ଅନେକ ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଛି । ସପ୍ତାହର ଯେ କୌଣସି ଦିନ ୨୪ ଘଣ୍ଟା ମଧ୍ୟରେ କମ୍ପାନୀ ଚାହିଁଲେ ଏହି ପୋର୍ଟାଲରେ ଆବେଦନ କରିପାରିବେ । ସେମାନଙ୍କ ଆବେଦନ ଉପରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ଇ-ମେଲ୍ ଓ ଏସ୍‌ଏମ୍‌ଏସ୍ ଜରିଆରେ ଜଣାଇ ଦିଆଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ପ୍ରଥମଥର ଲାଗି ରାଜ୍ୟ ଏଭଳି ଏକ ପ୍ଲାଟ୍‌ଫର୍ମ ବ୍ୟବସ୍ଥା କରିଛି । ଏହା କମ୍ପାନୀମାନଙ୍କୁ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ବିଭିନ୍ନ ନୀତିରେ ଦିଆଯାଉଥିବା ପ୍ରୋତ୍ସାହନ ନେବାରେ ସହଜ ହେବ । ପ୍ରଶାସନକୁ ସ୍ୱଚ୍ଛ ଓ ସମସ୍ତଙ୍କ ଲାଗି ସହଜ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ନାସକମ୍ ଓ ଅନ୍ୟାନ୍ୟ ଶିଳ୍ପ ସଂସ୍ଥା ସହଯୋଗରେ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବ । ମୁଖ୍ୟମନ୍ତ୍ରୀ ମଧ୍ୟ ଏକ ନୂଆ ଜିଲ୍ଲା ୱେବ୍‌ସାଇଟ୍ ଆଜି ଉଦ୍‌ଘାଟନ କରିଛନ୍ତି । ଏହା ମୁଖ୍ୟମନ୍ତ୍ରୀଙ୍କର ରୂପାନ୍ତରିତ ୫-ଟି ଉପକ୍ରମ ଜରିଆରେ କାର୍ଯ୍ୟ କରିବ । ପ୍ରତି ୩୦ ଜିଲ୍ଲାରେ ପୋର୍ଟାଲକୁ ବିକଶିତ କରାଯାଇଛି । ଏହାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ୱେବ୍‌ସାଇଟ୍ ମାଧ୍ୟମରେ ୩୦ ଜିଲ୍ଲାରେ ବୈଷୟିକ ରୂପାନ୍ତରିତର କାର୍ଯ୍ୟ କରାଯିବ । ଏହାମଧ୍ୟ ବିଭିନ୍ନ ବର୍ଗକୁ ସହାୟକ ହେବ । ଅଧିକ ସ୍ୱଚ୍ଛତା ଓ ଦକ୍ଷତା ପାଇଁ ୫-ଟି (୯ ପୃଷ୍ଠାରେ)

## ଇସିଙ୍କ ୱେବ୍‌ସାଇଟ୍‌ରେ ନିର୍ବାଚନୀ ବଣ୍ଡ ତଥ୍ୟ




ନୂଆଦିଲ୍ଲୀ, ୧୪।୩ : ସୁପ୍ରିମ୍‌କୋର୍ଟଙ୍କ ତାଗିଦ୍ ପରେ ଏସ୍‌ବିଆଇ ନିର୍ବାଚନୀ ବଣ୍ଡ ସମ୍ପର୍କରେ ଯେଉଁ ତଥ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିଲା ନିର୍ବାଚନ କମିଶନ ଏହାକୁ ଆଜି ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଛନ୍ତି । ଆସନ୍ତାକାଲି ସୁଦ୍ଧା ତଥ୍ୟ ଅପ୍‌ଲୋଡ୍ କରିବାକୁ ସୁପ୍ରିମ୍‌କୋର୍ଟର ନିର୍ଦ୍ଦେଶ ଥିଲା । ତଥ୍ୟରୁ ସୂଚନା ମିଳୁଛି ଯେ ୧ ଲକ୍ଷ, ୧୦ ଲକ୍ଷ ଓ ୧ କୋଟିର ୩ ପର୍ଯ୍ୟାୟରେ ଯେଉଁ ଚାନ୍ଦା ଦିଆଯାଇଛି ତାହା ଅପ୍‌ଲୋଡ୍ କରାଯାଇଛି । ୨୦୧୯ ଏପ୍ରିଲ ୧୨ରୁ ଏହି ବଣ୍ଡ କିଣାଯାଇଥିଲା ।

ନିର୍ବାଚନ କମିଶନଙ୍କ ପକ୍ଷରୁ ୱେବ୍‌ସାଇଟ୍‌ରେ ଦୁଇଟି ତାଲିକା ରହିଛି । ପ୍ରଥମ ତାଲିକାରେ କେଉଁ କମ୍ପାନୀ ନିର୍ବାଚନୀ ବଣ୍ଡ କିଣିଛନ୍ତି ଓ ସେମାନଙ୍କ ନାମ (୯ ପୃଷ୍ଠାରେ)

## ବାରମ୍ବାର ବୟାନ ବଦଳାଉଛନ୍ତି ମନମୋହନ

ଭୁବନେଶ୍ୱର, ୧୪।୩ (ସବ୍ୟୁ) : ସାଧାରଣ ନିର୍ବାଚନରେ ବିଜେଡି ସହ ବିଜେପିର ମେଣ୍ଟ ନେଇ ଯେଉଁ କଳ୍ପନା ଜଳ୍ପନା ଲାଗି ରହିଛି ସେଥିରେ ପୂର୍ଣ୍ଣଚ୍ଛେଦ ପଡୁନାହିଁ । ବିଜେପି ରାଜ୍ୟ ସଭାପତି ମନ୍‌ମୋହନ ସାମଲ ବାରମ୍ବାର ବୟାନ ବଦଳାଉଥିବାରୁ ପରିସ୍ଥିତି ଗୋଳିଆ ହେଉଛି । ଆଜି ସକାଳୁ ମନ୍‌ମୋହନ ଦିଲ୍ଲୀରୁ ଫେରିଥିବାବେଳେ ପୁଣି ଡକରା ପାଇ ସନ୍ଧ୍ୟାରେ ଦିଲ୍ଲୀ ଯାଇଛନ୍ତି । ଅପରପକ୍ଷରେ ୨୦୨୪ ନିର୍ବାଚନ ପ୍ରସ୍ତୁତ ଲାଗି ବିଜେଡି ତାର ଜିଲ୍ଲା ପର୍ଯ୍ୟବେକ୍ଷକମାନଙ୍କ ବୈଠକ କରିଛି । ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସରେ ଏହି ବୈଠକ ଚାଲିଥିଲା ।

### ନବୀନ ନିବାସରେ ସରିଲା ପର୍ଯ୍ୟବେକ୍ଷକଙ୍କ ବୈଠକ

### ମନମୋହନଙ୍କୁ ପୁଣି ଦିଲ୍ଲୀ ଡାକରା

ଦଳର ବରିଷ୍ଠ ନେତାଙ୍କ ସମେତ ଜିଲ୍ଲାର ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ଥିଲେ । ପ୍ରାୟ ୨୯ ଜଣ ବୈଠକରେ ସାମିଲ ଥିବା ସୂଚନା ମିଳିଛି ।

ବୈଠକ ପରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଦଳର ରାଜ୍ୟ ସଭାପତିଙ୍କୁ ବରିଷ୍ଠ କର୍ମକର୍ତ୍ତା ଓ ଜିଲ୍ଲା ପର୍ଯ୍ୟବେକ୍ଷକମାନେ ଜିଲ୍ଲାୱାରୀ ସାଂଗଠନିକ କାର୍ଯ୍ୟକ୍ରମ ଓ ବିଭିନ୍ନ ନିର୍ବାଚନ ମଣ୍ଡଳୀର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରତି ପର୍ଯ୍ୟବେକ୍ଷକମାନଙ୍କ ଠାରୁ ମୁଖ୍ୟମନ୍ତ୍ରୀ ରିପୋର୍ଟ ନେବାସହ ସନ୍ତୋଷ ପ୍ରକାଶ (୯ ପୃଷ୍ଠାରେ)

## ଗ୍ରାମ୍ୟ ସାଧନ କର୍ମୀଙ୍କ ଦୈନିକ ପାରିଶ୍ରମିକ ୪୦୦କୁ ବୃଦ୍ଧି

ଭୁବନେଶ୍ୱର, ୧୪।୩ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ସମସ୍ତ ଗ୍ରାମ୍ୟ ସାଧନ କର୍ମୀମାନଙ୍କର ପାରିଶ୍ରମିକ ବୃଦ୍ଧି ଘୋଷଣା କରିଛନ୍ତି । ତଦନୁଯାୟୀ ସେମାନଙ୍କ ଦୈନିକ କାର୍ଯ୍ୟ ଦିବସର ପାରିଶ୍ରମିକ ୩୦୦ ଟଙ୍କାରୁ ୪୦୦ ଟଙ୍କାକୁ ବୃଦ୍ଧି ପାଇଛି । ଏଥିସହିତ ଯାତାୟତ ଖର୍ଚ୍ଚ ବାବଦରେ ମଧ୍ୟ ଅତିରିକ୍ତ ୧୦୦ ଟଙ୍କା ପାଇବେ । ସମୁଦାୟ ୫୦୦ ଟଙ୍କା ପାଇବେ ।

ଏହାଦ୍ୱାରା ରାଜ୍ୟର ୧୦ ହଜାର ଗ୍ରାମ୍ୟ ସାଧନ କର୍ମୀ ଉପକୃତ ହେବେ । ଏଥିପାଇଁ ରାଜ୍ୟ ସରକାର ୨.୮୮ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ବହନ କରିବେ ।

୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ସାଧନ କର୍ମୀମାନଙ୍କ ପକ୍ଷରୁ ଏ ସଂପର୍କରେ ପ୍ରସ୍ତାବ ଆସିଥିଲା । ଏ ବିଷୟରେ ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ ଏମାନଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । (୯ ପୃଷ୍ଠାରେ)

## ସରକାରୀ କର୍ମଚାରୀଙ୍କ ଡିଏ ୪% ବଢ଼ିଲା

ଭୁବନେଶ୍ୱର, ୧୪।୩ (ସବ୍ୟୁ) : ରାଜ୍ୟର ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କ ଲାଗି ମହଙ୍ଗା ଭତ୍ତା (ଡିଏ) ଓ ଟିଆଇରେ ୪% ବୃଦ୍ଧି କରାଯାଇଛି । ବର୍ତ୍ତମାନ ସରକାରୀ କର୍ମଚାରୀମାନେ ୪୬% ଡିଏ ପାଉଛନ୍ତି । ଏହା ୫୦%କୁ ବୃଦ୍ଧି ହୋଇଛି ଓ ୨୦୨୪ ଜାନୁଆରୀ ପହିଲାରୁ ଏହା ପିଛିଲା ଭାବେ ଲାଗୁ ହେବ । ଏହାଦ୍ୱାରା ୪.୫ ଲକ୍ଷ ରାଜ୍ୟ ସରକାରଙ୍କ କର୍ମଚାରୀ ଓ ୩.୫ ଲକ୍ଷ ପେନ୍‌ସନ୍ ଭୋଗୀ ଉପକୃତ ହେବେ ।



### ମୟୂରଭଞ୍ଜରେ ଆରମ୍ଭ ହେଲା ଅନଲାଇନ୍ ପ୍ରୋତ୍ସାହନ ପରିଚାଳନା ବ୍ୟବସ୍ଥା

# ଜିଲ୍ଲାର ନୂତନ ୱେବସାଇଟ୍ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ବାରିପଦା, (ସବ୍ୟୁ) : ସମଗ୍ର ରାଜ୍ୟରେ ଇ-ଗଭର୍ନାନ୍ସର ଏକ ନୂତନ ଯୁଗ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଓଡ଼ିଶା କମ୍ପ୍ୟୁଟର ଆବେଦନ କେନ୍ଦ୍ର ଦ୍ୱାରା ବିକଶିତ ଅନ୍‌ଲାଇନ ଇନସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମକୁ ମୟୂରଭଞ୍ଜ ଜିଲ୍ଲା ପାଇଁ ଉଦଘାଟନ ତଥା ସମର୍ପିତ କରିଛନ୍ତି । ଏହି ଯୁଗାନ୍ତକାରୀ ପଦକ୍ଷେପ ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ସହିତ ଏହି ଇ-ଗଭର୍ନାନ୍ସ କାର୍ଯ୍ୟକୁ ଜନାଭିମୁଖୀ କରିବା ପାଇଁ ବାର୍ତ୍ତା ଦେଇଛନ୍ତି ।

ଆଜିର ଏହି ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଉପସ୍ଥିତ ରହି ଏହି ସଭାରେ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ୱାସନ୍ କକ୍ଷରେ ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧକ୍ଷ ଡଃ ଅଜୟ କେତନ ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଏବଂ ଜିଲ୍ଲା ଇ-ଗଭର୍ନାନ୍ସ ପରିଚାଳିକା ସେବତୀ କର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ସଂଚାଳନ କରିଥିଲେ । ଏହି ଅନଲାଇନ୍ ପ୍ରୋତ୍ସାହନ ପରିଚାଳନା ସିଷ୍ଟମ ପୋର୍ଟାଲ୍ ଉଦ୍ୟୋଗୀମାନଙ୍କ ଦ୍ୱାରା ଆବେଦନ ଦାଖଲ କରିବାରେ ସହଜ କରିଥାଏ, ଯାହା ସେମାନଙ୍କ ପ୍ରୋତ୍ସାହନକୁ ଓଡ଼ିଶାର ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ ଏବଂ ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଫେବଲ୍ସ ନୀତି ଅନୁଯାୟୀ ଅନୁମୋଦନ କରିବାକୁ ଅନୁମତି ଦେଇଥାଏ । ଅନଲାଇନ୍ ଇନସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ ଶାରୀରିକ ପ୍ରୟୋଗ ଦାଖଲ ଉପରେ ଏକାଧିକ ସୁବିଧା ପ୍ରଦାନ କରିବ, ଯେପରିକି ପ୍ରୟୋଗର ସହଜ ଦାଖଲ ଏବଂ ଡକ୍ୟୁମେଣ୍ଟ ଅପଲୋଡ୍, ଏକକ ୱିଣ୍ଡୋ ପୋର୍ଟାଲ୍ ସୁବିଧା, ପ୍ରୟୋଗଗୁଡ଼ିକ ପାଇଁ ତ୍ରୁଟି-ଯାଞ୍ଚ ଏବଂ ବାର୍ତ୍ତା ଆଲର୍ଟ । ଏହା ମଧ୍ୟ କୌଣସି ଅନଧିକୃତ ପ୍ରବେଶକୁ ରୋକିବା ପାଇଁ ସୁରକ୍ଷା ପ୍ରକ୍ରିୟା ଉପରେ ନିର୍ଭର କରେ । ଏହି ଅନଲାଇନ୍ ପୋର୍ଟାଲ୍ ସାହାଯ୍ୟରେ, ଏକ କମ୍ପାନୀ ସପ୍ତାହରେ ଯେକୌଣସି ଦିନ, ୨୪ ଘଣ୍ଟା ଏହାର ଆବେଦନ ଦାଖଲ କରିବାକୁ ସକ୍ଷମ ହେବ ।



ଅନ୍‌ଲାଇନ୍ ପୋର୍ଟାଲ୍ ଆବେଦନ ସ୍ଥିତିର ରିଅଲ୍-ଟାଇମ୍ ଟ୍ରାକିଂକୁ ସହଜ କରିଥାଏ ଏବଂ ଆବେଦନକାରୀଙ୍କୁ ଇମେଲ୍, ଏସଏମଏସ ସହିତ ଆବେଦନ ଦାଖଲ କରିବା ସହିତ ବିଭିନ୍ନ ସ୍ତରର ପ୍ରକ୍ରିୟାକରଣ ବିଷୟରେ ସୂଚିତ କରେ । ଏହି ଅନଲାଇନ୍ ସିଷ୍ଟମ ଉପରେ ଖୁସିବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦେଶରେ ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ଏକ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ଆଇଟି / ଇଲେକ୍ଟ୍ରୋନିକ୍ସ ଇଣ୍ଡଷ୍ଟ୍ରିଜ୍ ପାଇଁ ପ୍ରୋତ୍ସାହନ ପରିଚାଳନା ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, 'ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ବିଭିନ୍ନ ନୀତି ଅନୁଯାୟୀ କମ୍ପାନୀଗୁଡିକ ପାଇଁ ପ୍ରୋତ୍ସାହନ ପାଇବା ଏହି ସିଷ୍ଟମକୁ ସହଜ କରିବ । ଏହି ପଦକ୍ଷେପ କେବଳ ଟେକ୍ନୋଲୋଜି ନୁହେଁ, ଶାସନକୁ ଅଧିକ ସୁଗମ, ସ୍ୱଚ୍ଛ ଏବଂ ସମସ୍ତଙ୍କ ପାଇଁ ଉପଭୋକ୍ତା ଅନୁକୂଳ କରିବା ପାଇଁ । ମୁଖ୍ୟମନ୍ତ୍ରୀଙ୍କ ପରିବର୍ତ୍ତନଶୀଳ ୫ଟି ପଦକ୍ଷେପ ସହିତ ଅନୁରୂପ ଥିବା ଷ୍ଟାଣ୍ଡାର୍ଡ ୱେବସାଇଟ୍ ଫ୍ରେମୱାର୍କ ଅଧୀନରେ ବିକଶିତ ହୋଇଥିବା ନୂତନ ଜିଲ୍ଲା ୱେବସାଇଟକୁ ମଧ୍ୟ ସିଏମ୍ ଉଦଘାଟନ କରିଛି । ସମ୍ପ୍ରତି, ସମସ୍ତ ୩୦ଟି ଜିଲ୍ଲା ପୋର୍ଟାଲ ଗୁଡିକ ଏହି ଫ୍ରେମୱାର୍କ ଢାଞ୍ଚାରେ ବିକଶିତ ହୋଇଛି, ଯାହା ଲକ୍ଷ୍ୟ ରଖିଛି ଯେ, ଓଡିଶାର ଏକୀକୃତ ଚେହେରା ଉପସ୍ଥାପନ କରିବା ଏବଂ ସମସ୍ତ ସରକାରୀ ୱେବସାଇଟରେ ନାଗରିକଙ୍କ ପାଇଁ ଏକ ସମନ୍ୱିତ ୱେବ୍ ଅଭିଜ୍ଞତା ପ୍ରଦାନ କରିବା । ଏହି ଅବସରରେ ୫ଟି ଏବଂ ଆମ ଓଡିଶା ନବୀନ ଓଡିଶାର ଅଧକ୍ଷ କାର୍ତ୍ତିକେନ୍ ପାଣ୍ଡିଆନ କହିଛନ୍ତି ଯେ, ୫ଟି ପଦକ୍ଷେପ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଉଲ୍ଲେଖନୀୟ ପ୍ରଭାବ ପକାଇଅଛି । ମହାମାରୀ ସମୟରେ ସମସ୍ତ ଜିଲ୍ଲାପ୍ରଶାସନ ମାନଙ୍କ ଭୂମିକାକୁ ପ୍ରଶଂସା କରି ସେ କହିଛନ୍ତି ଯେ, ୫ଟି ର ନୀତି ଆମକୁ ଏହି ଅନିଶ୍ଚିତତା ସମୟରୁ ସଫଳ ହେବାରେ ସଫଳ ହୋଇଛି । ଏହି ଅବସରରେ ମୁଖ୍ୟ ଶାସନ ସଚିବ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ମିଶ୍ର କହିଛନ୍ତି । ସ୍ୱଳ୍ପ ରକ୍ଷଣାବେକ୍ଷଣ ଖର୍ଚ୍ଚ ସହିତ ଝଡର୍ ଏକ ସୁରକ୍ଷିତ ଏବଂ ମାପନୀୟ ପ୍ଲାଟଫର୍ମ ପ୍ରଦାନ କରେ ।

ଏହି ଏକକ ପ୍ଲାଟଫର୍ମକୁ ବ୍ୟବହାର କରି, ସମସ୍ତ ଜିଲ୍ଲା ପୋର୍ଟାଲଗୁଡିକ ମାନକ ଅଭ୍ୟାସକୁ ପାଳନ କରିପାରନ୍ତି, ଯାହା ଭାରତୀୟ ସରକାରୀ ୱେବସାଇଟ୍ ଏବଂ ରାଜ୍ୟ ଆଇଟି ଗାଇଡଲାଇନ ପାଇଁ ନିର୍ଦ୍ଦେଶାବଳୀକୁ ପାଳନ କରିବା ନିଶ୍ଚିତ କରେ । ଏସଡବ୍ଲ୍ୟୁଏଫ ଏକ ଗତିଶୀଳ ବିଷୟବସ୍ତୁ ପରିଚାଳନା ସିଷ୍ଟମ୍ ଭାବରେ କାର୍ଯ୍ୟ କରେ, ସ୍ୱାଧୀନ ଭାବରେ ସେମାନଙ୍କ ବିଷୟବସ୍ତୁ ପରିଚାଳନା କରିବାକୁ କ୍ଷମତାପ୍ରାପ୍ତ ଉପଭୋକ୍ତାମାନଙ୍କୁ ସଶକ୍ତ କରେ । ବିଦ୍ୟମାନ ୱେବସାଇଟରେ ପ୍ରକାଶିତ ସୂଚନା ଦ୍ୱିଭାଷୀ, ଉଭୟ ଇଂରାଜୀ ଏବଂ ଓଡିଆ ଭାଷାରେ ଉପଲବ୍ଧ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ ।

## ଖଣ୍ଡାରେ ଆକ୍ରମଣ ମାମଲା, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ଜଣେ ଯୁବକକୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ବଡ ବଜାର ଥାନା ପୁଲିସ ଜଣେ ବ୍ୟକ୍ତିକୁ ଗିରଫ କରିଛି । ସେ ହେଲେ ଲକ୍ଷ୍ମୀନୃସିଂହ ସାହି ସପ୍ତମ ଲାଇନର ଏ. ଭଗବାନ ରେଡ୍ଡୀ(୫୪) । ଅଭିଯୁକ୍ତ ଭଗବାନଙ୍କ ନିକଟରୁ ପୁଲିସ ଆକ୍ରମଣରେ ବ୍ୟବହୃତ ଦୁଇଟି ଖଣ୍ଡା, ଗୋଟିଏ ବାଇକ, ଦୁଇଟି ମୋବାଇଲ ଓ ନଗଦ ୪୪୨୦ ଟଙ୍କା ଜବତ କରିଛି । ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ, ବୁଧବାର ରାତି ୯ଟା ବେଳେ ଶଗଡିଆ ମାର୍ଥାସାହିର ଜି. ରାଜେଶ(୩୯) ଓ ତାଙ୍କ ସହଯୋଗୀ ଚିକିଲି ବଡବଜାର ଥାନା ଅନ୍ତର୍ଗତ ବାଲୁଙ୍କେଶ୍ୱର ମନ୍ଦିର ନିକଟରେ କଥାବାର୍ତ୍ତା ହେଉଥିଲେ । ଏହି ସମୟରେ ଅଭିଯୁକ୍ତ ଭଗବାନ ସେଠାରେ ପହଞ୍ଚି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଚିକିଲିଙ୍କୁ ଗାଳି ଗୁଲଜ କରିଥିଲା।

ଏହାଦେଖି ରାଜେଶ ପ୍ରତିବାଦ କରିବାରୁ ଅଭିଯୁକ୍ତ ଭଗବାନ ନିଜ ସାଙ୍ଗରେ ଆଣିଥିବା ଦୁଇଟି ଖଣ୍ଡାରେ ରାଜେଶଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ରାଜେଶ ଆହତ ହେବା ସହ ଏମକେସିଜି ମେଡିକାଲ ଯାଇ ଚିକିତ୍ସିତ ହୋଇଥିଲେ । ତେବେ ଖଣ୍ଡାରେ ଆକ୍ରମଣ ବେଳର ଦୃଶ୍ୟ ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା କଏଦ ହୋଇଥିଲା । ଚିକିତ୍ସିତ ହୋଇ ଫେରିବା ପରେ ରାଜେଶ ବଡବଜାର ଥାନାରେ ଲିଖିତ ଅଭିଯୋଗ



କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ବିଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତ ଭଗବାନଙ୍କୁ କାବୁ କରିଥିଲା । ଆଜି ଅଭିଯୁକ୍ତ ଭଗବାନଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଥିଲା ।

## ବିଦ୍ୟାଳୟରେ ଜନ୍ମଦିନ ପାଳନ କରି ଶିକ୍ଷକ ନିଲମ୍ବିତ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମାନସ ରଞ୍ଜନ ନାୟକ ନିଜ ବିଦ୍ୟାଳୟରେ ନିଜର ଜନ୍ମଦିନ ପାଳନ କରି ନିଲମ୍ବନ ହୋଇଛନ୍ତି ।

ଏନେଇ ତାଙ୍କୁ ଗୁରୁବାର ଦିନ ଆଠମଲ୍ଲିକ ବିଇଓ ଦାଶରଥି ଶୁଣ୍ଡୀ ନିଲମ୍ବନ କରିଛନ୍ତି । ଘଟଣାରୁ ଜଣାପଡିଛି ଯେ କିଛି ଦିନ ତଳେ ମାନସ ତାଙ୍କର ଜନ୍ମଦିନକୁ ବିଦ୍ୟାଳୟ ରୁମ୍‌ରେ ପାଳନ କରୁଛନ୍ତି । ଛାତ୍ରୀ ଛାତ୍ରଙ୍କୁ ପାଠ ନପଢାଇ ନିଜର ଜନ୍ମଦିନ ବିଦ୍ୟାଳୟରେ ପାଳନ କରୁଥିଲେ । ଏ ପରିକି ଏ ନେଇ ଏକ ଭିଡିଓ ଉତ୍ତୋଳନ କରିବା ସହ ସାମାଜିକ ଗଣ ମାଧ୍ୟମରେ ଛାଡ଼ିଥିଲେ । ତାଙ୍କର ଜନ୍ମଦିନ ଭିଡିଓ ଭାଇରାଲ ହେବା ପରେ ଶିକ୍ଷା ବିଭାଗ ପକ୍ଷରୁ ୪ ଜଣିଆ ଟିମ ତଦନ୍ତ କରିଥିଲେ । ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା ।

## ଟ୍ରାନ୍ସଫର୍ମର ପୋଡି ରୋଗୀ ସେବା ଅଚଳ

ଠାକୁରଗଡ଼, (ସବ୍ୟୁ) : କିଶୋରନଗର ବ୍ଲକ ଅଙ୍ଗପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗିଥିବା ୧୬ କେଭି ର ଟ୍ରାନ୍ସଫର୍ମରଟି ରବିବାର ଠାରୁ ପୋଡିଯାଇଛି । ଫଳରେ ଏବେ ରୋଗୀ ସେବା ବ୍ୟାଘାତ ହେଉଛି । ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଅଞ୍ଚଳବାସୀ ବାମୁର ବିଦୁତ ବିଭାଗକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହି । ଫଳରେ ଗୁରୁବାର ଦିନ ଅଙ୍ଗପଡା ଅଞ୍ଚଳବାସୀ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି ।

ଗ୍ରାମବାସୀ କହିଛନ୍ତି ଯେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବିଦୁତ ଯୋଗାଇ ଦେବା ପାଇଁ ୧୬ କେଭିର ଏକ ଟ୍ରାନ୍ସଫର୍ମର ଲଗାଯାଇଛି । ହେଲେ ଏହି ଟ୍ରାନ୍ସଫର୍ମରଟି ପୋଡି ଯାଇଛି । ଯାହା ଫଳରେ ମେଡ଼ିକାଲକୁ ସମ୍ପୂର୍ଣ୍ଣ ବିଦୁତ ସେବା ବନ୍ଦ ରହିଛି । ଏହା ଫଳରେ ମେଡ଼ିକାଲ ରେ ଥିବା ଭେକସିନ , ଶିଶୁଙ୍କ ଟୀକା ଗୁଡିକ ନଷ୍ଟ ହେବାକୁ ବସିଲାଣି । ସ୍ୱାସ୍ଥ୍ୟ କେନ୍ଦ୍ରରେ ପାଣି ନଥିବା ବେଳେ ରୋଗୀ ମାନେ ସଠିକ ସେବା ମଧ୍ୟ ପାଇପାରୁ ନାହାନ୍ତି । ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପଦେକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି । ଏନେଇ ବଇଣ୍ଡା ବିଦୁତ ବିଭାଗର ଏସଡିଓ ଅକ୍ଷୟ କୁମାର ସାହୁ କୁହନ୍ତି ତୁରନ୍ତ ପଦକ୍ଷେପ ନିଆଯିବ ।

## ବ୍ୟବସାୟୀଙ୍କ ଗ୍ୟାରେଜରେ ବୋମାମାଡ଼

### ପିକଅପ ଭ୍ୟାନ ସମେତ ଜାଳିଦେଲେ ୮୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଗୁଟ୍‌ଖା

କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ଥାନା ସାଇବିହାର ଲେନରେ ଥିବା ମାଷ୍ଟର ଭେରାଇଟ ଷ୍ଟୋର ର ମାଲିକ ସରୋଜ ଭୂଷଣ ମହାନ୍ତି ଙ୍କ ଗ୍ୟାରେଜ ରେ ବିଳମ୍ବିତ ରାତିରେ ବୋମାମାଡ଼ କଲେ ଦୁର୍ବୃତ୍ତ । ଗ୍ୟାରେଜ ରେ ଥିବା ପିକଅପ ଭ୍ୟାନ ସମେତ ଆନୁମାନିକ ୮୦ହଜାର ଟଙ୍କାର ଗୁଟଖା ଜଳିପୋଡି ପାଉଁଶ ।

ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ କାମାକ୍ଷାନଗରର ବିଶିଷ୍ଟ ବ୍ୟବସାୟୀ ସରୋଜ ଭୂଷଣ ମହାନ୍ତିଙ୍କ ଗ୍ୟାରେଜ ଘରେ କୌଣସି ଦୁର୍ବୃତ୍ତ ବୋମାମାଡ଼ କରିବା ସହ



ପେଟ୍ରୋଲ ଲଗାଇ ଗ୍ୟାରେଜରେ ଥିବା ପିକଅପ ଭ୍ୟାନ ଓ ଏକ ଦାମୀ ଫରଚ୍ୟୁନର ଗାଡି ଜାଳିଦେଇଛନ୍ତି । ପିକଅପ ଭ୍ୟାନ ଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା ବେଳେ ଦାମୀ ଫରଚ୍ୟୁନର ଗାଡର କାଚକୁ ବୋମାମାଡ଼ କରାଯାଇଛି ।

ଏ ସମ୍ପର୍କ ରେ ଖବରପାଇ ସରୋଜ କାମାକ୍ଷାନଗର ଅଗ୍ନିଶମ ବାହିନୀ ଓ ପୋଲିସକୁ ସୂଚନା ଦେଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିବା ବେଳେ ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି । ତେବେ ବୋମାମାଡ଼ର ପ୍ରକୃତ କାରଣ ଜଣାପଡ଼ି ନାହିଁ ।

ତେବେ କାହା ସହ ବ୍ୟବସାୟିକ କିମ୍ବା ବ୍ୟକ୍ତିଗତ ଶତ୍ରୁତା ନଥିବା ସରୋଜ କହିଥିବା ବେଳେ ବହୁଦିନର ନିରବତା ପରେ କାମାକ୍ଷାନଗର ସହରରେ ବୋମାମାଡ଼ ଚର୍ଚ୍ଚାର ବିଷୟ ପାଲଟିଛି ।

## ଚୋରା କୋଇଲା ବୋଝେଇ ଟ୍ରକ ସହ ବୋଲେରୋ ଜବତ : ୮ ଗିରଫ

ତାଲଚେର, (ସବ୍ୟୁ) : ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ତାଲଚେର ଟାଉନ ଥାନା ପୋଲିସ୍ ତାଲଚେର ବ୍ଲକ ଅନ୍ତର୍ଗତ ଧରମପୁର ଅଂଚର ରେଳବାଇ ଟ୍ରାକ ଠାରେ ଚଢ଼ାଉ କରି ଏକ ଚୋରା କୋଇଲା ବୋଝେଇ ଟ୍ରକ ନଂ- ଓଆର ୦୫-ଏସଏସ-୧୬୯୫ ସମେତ ଏହି କାରବାରରେ ସମ୍ପୃକ୍ତ ଏକ ବୋଲେରୋ ଓ ବାଇକକୁ ଘଟଣା ସ୍ଥଳରୁ ଜବତ କରିଥିବା ଜଣାପଡ଼ିଛି । ଏହି ଚୋରା କାରବାରରେ ସମ୍ପୃକ୍ତ ଥିବା ଷଣ୍ଢଗାଁ ଅଂଚଳର ମଙ୍ଗୁଲୁ ନାୟକ, ସ୍କଟଲ୍ୟାଣ୍ଡପୁର ଗ୍ରାମର ଭରତ ନାୟକ, ତାଳବେଡ଼ା ଅଂଚଳର ସୁରତ ବେହେରା, ମୁନା ଦେହୁରୀ, ସମଲ ଟିପୋ ଅଂଚଳର ଦୁଷ୍ମନ୍ତ ବେହେରା, ତାଳଚେର ଟାଉନ ୱାର୍ଡ ନଂ-୪ ସିଂହସାହିର ରତି ଅଳଙ୍କାର ସିଂହ ଓ ପର୍ଜଙ୍ଗ ଥାନା ଅନ୍ତର୍ଗତ ଖାଲପାଳ ଗ୍ରାମର ସୌଭାଗ୍ୟ ନାୟକଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ଜଣାପଡ଼ିଛି । ସେହିପରି ଦୁଇଦିନ ପୂର୍ବରୁ କୋଲିୟରୀ ପୋଲିସ୍ ପକ୍ଷରୁ ବଲଣ୍ଡା କନଭର ନିକଟରୁ ଗୋଟିଏ କି ଦୁଇଟି ନୁହେଁ ଏକା ବେଳକେ ୫ଟି କୋଇଲା ବୋଝଇ ଟ୍ରକ ବିନା କାଗଜ ପତ୍ରରେ ବାହାରକୁ ଚାଲାଣ ହେଉଥିବା ବେଳେ ଜବତ କରାଯାଇଥିଲା । ସେଥିରେ ସମ୍ପୃକ୍ତ ଥିବା ୫ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

### ଔଷଧ ବିକ୍ରେତା ସଂଘର କର୍ମକର୍ତ୍ତା ନିର୍ବାଚନ

## ପ୍ରତାପ ସଭାପତି, ସୁବାସ ସମ୍ପାଦକ



କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲା କାମାକ୍ଷାନଗର ଔଷଧ ବିକ୍ରେତା ସଂଘର ବୈଠକ, କର୍ମକର୍ତ୍ତା ନିର୍ବାଚନ ବୁଧବାର ସୋଗର ସ୍ଥିତ ଔଷଧୀୟ ଅରଣ୍ୟ ପରିଷରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସଭ୍ୟ ଦୁଷ୍ମନ୍ତ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ସଂଘର ଆୟ ବ୍ୟୟ ସଂମ୍ପର୍କରେ ଆଲୋଚନା କରାଯାଇ ଆଗାମୀ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ପ୍ରତାପ କୁମାର ସାହୁ, ଉପ ସଭାପତି ହଟକିଶୋର ବିଶ୍ୱାଳ, ସମ୍ପାଦକ ସୁବାସ କୁମାର ସାହୁ, ସହ ସମ୍ପାଦକ ଦେବୀପ୍ରସାଦ ଦାଶ, କୋଷାଧକ୍ଷ ରାମକୃଷ୍ଣ ବେହେରାଙ୍କୁ ମନୋନୀତ କରାଯାଇଥିଲା ।

ଏଥିସହ ସୁଧୀର କୁମାର ପରିଡା, ଦୁଷ୍ମନ୍ତ କୁମାର ନନ୍ଦ, ସଂଜୀବ କୁମାର ପଣ୍ଡା, ବିପିନି ବିହାରି ଦାସ, ଜିବେଶ କୁମାର ମହାନ୍ତି, କାର୍ତ୍ତିକ ମହାନ୍ତି, ମାନସ ରଂଜନ ପାଣୀଙ୍କୁ କାର୍ଯ୍ୟ ନିର୍ବାହି ସଭ୍ୟ ଭାବେ ମନୋନୀତ ହୋଇଥିଲେ । କର୍ମକର୍ତ୍ତାଙ୍କୁ ସଭ୍ୟ ମାନେ ସ୍ୱାଗତ କରିବାପରେ ସେମାନେ ଶପଥ ନେଇଥିଲେ । ବୈଠକରେ କ୍ୟାସଲେସ ଟ୍ରାନ୍ସାକସନ ଉପରେ ଆଲୋଚନା ହୋଇଥିଲା । ଏଥିସହ ଅନେକ ସମୟରେ ପାଇକାରୀ ଔଷଧ ବିକ୍ରେତା ସେଲସ ମ୍ୟାନ ମାନେ ଡକାୟତିର ଶୀକାର ହେଉଥିବାରୁ ସଂଘର କର୍ମକର୍ତ୍ତା ଥାନା ଅଧିକାରୀଙ୍କୁ ଭେଟି ସୁରକ୍ଷା ସଂମ୍ପର୍କରେ ଆଲୋଚନା କରାଯିବାକୁ ନିଷ୍ପତି ହୋଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

### ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ

## ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ ବିଭାଗ ଫାଉଣ୍ଡେସନ୍ କୋର୍ସର ଶୁଭାରମ୍ଭ

ବ୍ରହ୍ମପୁର, (ସବ୍ୟୁ): ଗୁରୁବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗରରେ ଯୁକ୍ତ ୨ ବିଭାଗର ଫାଉଣ୍ଡେସନ କୋର୍ସର ଶୁଭାରମ୍ଭ ହୋଇଯାଇଛି । ଏହି ପାଠ୍ୟକ୍ରମରେ ଓଡିଶାର ସମସ୍ତ ଜିଲ୍ଲାରୁ ପ୍ରାୟ ୫୦୦ ଜଣ ବିଦ୍ୟାର୍ଥୀ ଯୋଗ ଦେଇଛନ୍ତି । ବୋର୍ଡର ଛାତ୍ରଛାତ୍ରୀଙ୍କ ପାଇଁ ଏହି ପାଠ୍ୟକ୍ରମ ଆସନ୍ତା ୨୧.୦୩.୨୦୨୪ ତାରିଖରୁ ଆରମ୍ଭ ହେବ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାମନ୍ଦିରର ଅଧକ୍ଷ ଶ୍ରୀ ଏସ୍. ମୋହନ ରାଓ ପାଠ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଶ୍ରୀ ନାରାୟଣ ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରି ଏହି ପାଠ୍ୟକ୍ରମ



କିଭଳି ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ ହୋଇଥାଏ ତାହା ବର୍ଣ୍ଣନା କରିଥିଲେ । ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଶ୍ରୀମାନ୍ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରି ଅନୁଷ୍ଠାନର ଅନନ୍ୟତା, ସଫଳତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୋସାଣିନୂଆଗାଁର ସମ୍ପାଦକ ଶ୍ରୀ ପ୍ରକାଶ ଚନ୍ଦ୍ର ପାତ୍ର ତାଙ୍କ ବକ୍ତବ୍ୟରେ ଏହି ପାଠ୍ୟକ୍ରମ କିପରି ଉଭୟ ଶିକ୍ଷା ଓ ସଂସ୍କାର ପ୍ରାପ୍ତ ହୋଇଥାଏ ସେ ସମ୍ପର୍କରେ କହିଥିଲେ ।

ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, ସଦସ୍ୟା ପ୍ରଣତି ସାମଲ, ଉପଦେଷ୍ଟା ନରସିଂହ ଚୌଧୁରୀ, ଇଂ ମମତା ପାଣିଗ୍ରାହୀ, ସୁଦର୍ଶନ ପାଢ଼ୀ, ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ଯୁକ୍ତ ତିନି ଅଧକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଶେଷ ଭାଗରେ ଯୁକ୍ତ ଦୁଇ ବିଭାଗର ପର୍ଯ୍ୟାୟ ପ୍ରମୁଖ ତଥା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ସ୍ୱରାଜ୍ୟ ମାଝି ଶ୍ରେଣୀ ଶିକ୍ଷା ସହିତ ସନ୍ଦେହ ମୋଚନ କରିବାକୁ ପରାମର୍ଶ ଦେବା ସହ ଧନ୍ୟବାଦ ପ୍ରଦାନ କରିଥିଲେ ।

## ମାତୃକୃପା ପାଠଚକ୍ର ବାର୍ଷିକ ଉତ୍ସବ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହରସ୍ଥିତ ଚଢେଇ ରଗଡା ଠାରେ ମାତୃକୃପା ପାଠଚକ୍ରର ପଂଚଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ନଳିନୀ ଅପା ଦୁର୍ଗା ସ୍ତୋତ୍ର ପାଠ କରିଥିଲେ ଏବଂ ସମସ୍ତ ଅପା ଭାଇମାନେ ମାତୃବନ୍ଦନା ଗାନ କରିଥିଲେ । ମା' ପୁସ୍ତକର ୪ର୍ଥ ଅଧ୍ୟାୟ ଗୀତାଞ୍ଜଳି ଅପା ପାଠ କରିଥିଲେ । କୁନି ଅପା ଚିରନ୍ତନୀ ବହିର ଆଧ୍ୟାତ୍ମିକତା ଓ ନୈତିକତା ବିଷୟରେ ଭଲ ଭାବରେ ଅପାଭାଇମାନଙ୍କୁ ଆଲୋଚନା କରିଥିଲେ । ସର୍ବଶେଷରେ ପାର୍ବତୀ ଅପା ଧ୍ୟାନ ଓ ପ୍ରାର୍ଥନା ପାଠ କରିଥିଲେ । ଏହି ମାତୃକୃପା ପାଠଚକ୍ରରେ ଯୋଗ ଦେଇଥିବା ଅପାଭାଇ ମାନେ ହେଲେ ପ୍ରଣତୀ ଅପା, ଜସ୍ମିନ୍ ଅପା, ଗୀତାଞ୍ଜଳି ଅପା, ଭୂମି, ମାମୁନି, ପ୍ରଜ୍ଞାପ୍ରିୟା ଅପା, ଦେବ ନନ୍ଦ ଭାଇ, ମୁକୁନ୍ଦ ଭାଇ, ସଂଯୁକ୍ତା ଅପା, ରତ୍ନାବତୀ ଅପା, ନିରୁପମା ଅପା, ଅଜୟ ଭାଇ, ବିପ୍ରବର ଭାଇ ଇତ୍ୟାଦି ଯୋଗ ଦେଇଥିଲେ ।

## ନାବାଳିକା ଦୁଷ୍କର୍ମ ମାମଲାରେ ଯୁବକକୁ ୨୦ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ ବିଚାରପତି ସନ୍ତୋଷ କୁମାର ନାୟକ ଅଭିଯୁକ୍ତ ବାପୁନୀ ସିଂ(୩୦)ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୩ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଓକିଲ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ । ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଡେମ୍ପଉଡା ଗ୍ରାମର ବାପୁନୀ ସିଂଙ୍କ ଶରୀର ଅସୁସ୍ଥ ଥିବାରୁ ଜୈନିକା ଯୁବତୀ ତାଙ୍କ ଘରକୁ ରୋଷେଇ କରିବାକୁ ଯାଉଥିଲେ ।

ପିଡିତା ନାବାଳିକା ଜଣକ ରୋଷେଇରେ ସହାୟତା କରିବା ପାଇଁ ମଧ୍ୟ ଯାଉଥିଲେ । ତେବେ ୨୦୨୧ ନଭେମ୍ବର ୬ତାରିଖ ଦିନ ବାପୁନୀ ସିଂ ଜୋର ଜବରଦସ୍ତ ଭାବେ ଉକ୍ତ ନାବାଳିକାକୁ ଦୁଷ୍କର୍ମ କରିଥିଲେ । ଏହି ଘଟଣା ବାବଦରେ ପରିବାର ଲୋକେ ଜାଣିବା ପରେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଗୁରୁବାର ସମସ୍ତ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି । ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ଜିଲ୍ଲା ଆଇନ୍ ସହାୟତା କର୍ତ୍ତୃପକ୍ଷଙ୍କୁ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଅନୁଗୋଳ ଓକିଲ ସଂଘ ନିର୍ବାଚନ ୩୦ରେ



ଅନୁଗୋଳ, (ସବ୍ୟୁ) : ଓଡିଶା ବାର ଆସୋସିଏସନ ନିର୍ଦ୍ଦେଶ ମତେ ଆସନ୍ତା ୨୦୨୪ – ୨୫ ଆର୍ଥିକ ବର୍ଷ ଅନୁଗୋଳ ଓକିଲ ସଂଘ ନିର୍ବାଚନ ଆଗାମୀ ୩୦ ତାରିଖରେ ହେବାକୁ ଯାଉଛି । ସଭାପତି ପଦ ପାଇଁ ମମତା ପଟ୍ଟନାୟକ, ଦିଲ୍ଲୀପ କୁମାର ସାହୁ, ସୋମନାଥ ରାଉତ, ସେହିପରି ଉପସଭାପତି ପଦ ପାଇଁ ଶିବାସିସ କର ଓ ପ୍ରଦୀପ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପଦ ପାଇଁ ନିରୋଦ କୁମାର ମିଶ୍ର, ଧର୍ମେନ୍ଦ୍ର ନାଥ ମିଶ୍ର ଓ ଧ୍ରୁବ ଚରଣ ସାହୁ, ସହ ସମ୍ପାଦକ ପଦ ପାଇଁ ପ୍ରଦୀପ୍ତ ଭୁତିଆ, ପୁରୁଷୋତ୍ତମ ନାଏକ, କୋଷାଧକ ପଦ ପାଇଁ କୁଶ ସାହୁ ଓ ପ୍ରଦୀପ କୁମାର ପ୍ରଧାନ, ସାଂସ୍କୃତିକ ସମ୍ପାଦକ ପଦ ପାଇଁ ସରିତା ମିଶ୍ର, ବିନୋଦ କୁମାର ପ୍ରଧାନ ଓ ପ୍ରଦୀପ ସେଠୀ ସେମାନଙ୍କର ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି ବୋଲି ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

୧୪ ତାରିଖରେ ଯାଞ୍ଚ, ୧୬ ତାରିଖରେ ପ୍ରତ୍ୟାହାର, ୧୮ ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୩୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ସେହିଦିନ ଅପରାହ୍ଣରେ ଫଳାଫଳ ମଧ୍ୟ ଘୋଷଣା କରାଯିବ ।

## ପୌରପରିଷଦ ପକ୍ଷରୁ ବିଭିନ୍ନ କାର୍ଯ୍ୟ ଉଦ୍‌ଘାଟନ, ଶିଳାନ୍ୟାସ

ବାରିପଦା, (ସବ୍ୟୁ) : ଗୁରୁବାର ବାରିପଦା ପୌରପରିଷଦ ପକ୍ଷରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉଦଘାଟିତ ଓ ଶିଳାନ୍ୟାସ ହୋଇଯାଇଛି । ବାରୁଣୀ ସ୍ଥିତ ଶ୍ମଶାନ ପୁଷ୍କରିଣୀରେ ପୁନଃରୁଦ୍ଧାର କାର୍ଯ୍ୟ କରାଯାଇ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଉଦଘାଟିତ ହୋଇଯାଇଛି ।

ସେହିପରି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ମାରୱାଡି ଶ୍ମଶାନର ଉନ୍ନତିକରଣ କରି ରୂପାନ୍ତରିକରଣ କରାଯାଇଛି । ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇ ବାରୁଣୀ ଶ୍ମଶାନ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପାଦନ କରାଯାଇଛି । ସେହିପରି ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନରେ ମାରୱାଡି ଶ୍ମଶାନ ରୂପାନ୍ତରିକରଣ କରାଯାଇଛି । ସେହିପରି ସ୍ୱଚ୍ଛ ସୁନ୍ଦର ଭାବେ ବାରିପଦା ସହରକୁ ଗଢିତୋଳିବା ଲକ୍ଷ୍ୟରେ ବାରିପଦା ପୌରପରିଷଦ ପକ୍ଷରୁ ବର୍ଯ୍ୟବସ୍ତୁ ପୃଥକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ କରାଯାଇଛି । ଏନେଇ ରଘୁନାଥପୁର ସ୍ଥିତ ପୌରପାଳିକା ବର୍ଜ୍ୟବସ୍ତୁ ସଂଗ୍ରହ କେନ୍ଦ୍ର ପରିସରରେ ଉଦଘାଟିତ ହୋଇଯାଇଛି । ଏଥିସହ ମଧୁବନ ଠାରେ ଭେଣ୍ଡିଂ ଜୋନ୍ ନିର୍ମାଣ ନେଇ ଶିଳାନ୍ୟାସ କରାଯାଇଛି ।

ଏହି ସମସ୍ତ କାର୍ଯ୍ୟକ୍ରମକୁ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଉଦଘାଟନ କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ଉପନଗରପାଳ ସୀମା ଦାସ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖଙ୍କ ସହ ସମସ୍ତ ୱାର୍ଡ କାଉନ୍‌ସିଲର ଉପସ୍ଥିତ ରହିଥିଲେ ।

## ବିଭିନ୍ନ ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ବିଶାଳ ଚାଷୀ ସମାବେଶ

ବ୍ରହ୍ମପୁର, (ସବ୍ୟୁ): କମିଶନ ଡ଼ଃ ସ୍ୱାମୀନାଥନଙ୍କ ସୁପାରିଶ ଅନୁଯାୟୀ ଚାଷୀଙ୍କର ଉତ୍ପାଦିତ ସମସ୍ତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପି ଧାର୍ଯ୍ୟ କରିବା, ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ପାଇଁ ଆଇନ କରିବା ତଥା ଚାଷୀର କୃଷିଋଣ ଛାଡ କରିବା ଦାବିରେ ଆଜି ସଂଯୁକ୍ତ କିଶାନ୍ ମୋର୍ଚ୍ଚା ପକ୍ଷରୁ ନୂଆଦିଲ୍ଲୀର ରାମଲୀଳା ମଇଦାନ ଠାରେ କିଶାନ୍ ମହାପଞ୍ଚାୟତ ଆୟୋଜିତ ହୋଇଛି । ଏହି ପରିପ୍ରେକ୍ଷିରେ କୃଷକମାନଙ୍କ ବିଭିନ୍ନ ଦାବି ନେଇ ତଥା ମୋଦି ସରକାରର କୃଷକ ବିରୋଧି ନୀତି ବିରୁଦ୍ଧରେ ଆଜି ବ୍ରହ୍ମପୁର ସ୍ଥିତ ଆରଡିସି ଅଫିସ ନିକଟରେ ଦକ୍ଷିଣାଞ୍ଚଳ ଜିଲ୍ଲାମାନଙ୍କର କୃଷକମାନଙ୍କ ଏକ ସମାବେଶର ଆୟୋଜନ ହୋଇଯାଇଛି । ସ୍ଥାନୀୟ ଟାଟାବେଞ୍ଜ ଛକ ସ୍ଥିତ ଗଣେଶ ମନ୍ଦିର ଠାରୁ ଜିଲ୍ଲା ତଥା ଜିଲ୍ଲା ବାହାରୁସ ଆସିଥିବା ସହସ୍ରାଧିକ କୃଷକ ଏକ ବିଶାଳ ପଟୁଆରରେ ବାହାରି କମାପଲ୍ଲୀ ଛକ ଦେଇ



ଆରଡିସି ଅଫିସ ନିକଟରେ ପହଞ୍ଚିଥିଲେ । ଏଆଇକେଏସ ସମ୍ପାଦକ ନୀଳକଣ୍ଠ ଦାସ, ଓଡିଶା କୃଷକସଭା ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀ, ଅଖିଳ ଭାରତ କିଶାନ୍ ମଜ୍ଦୁର୍ ସଭାର ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ରଷିକୁଲ୍ୟା ରଇତ ମହାସଭା ନେତା ସିମାଞ୍ଚଳ ନାହାକ ପ୍ରମୁଖଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମାବେଶର ପରିଚାଳନା କରିଥିଲେ ।

ସମାବେଶରେ ଅତିଥି ଭାବେ ଯୋଗଦେଇ ଯୋଗ ଅଖିଳ ଭାରତ କୃଷକ ସଭାର ଉପ ସଭାପତି ଆଶିଷ କାନୁନଗୋ, ଅଖିଳ ଭାରତ କିଶାନ୍ ମଜଦୁର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ଓ କୃଷକ ସଭାର ବରିଷ୍ଠ ନେତା ଜଗନ୍ନାଥ ମିଶ୍ର ପ୍ରମୁଖ ଯୋଗ ଦେଇ ମୋଦି ସରକାରର କୃଷକ ବିରୋଧି ନୀତି, କୃଷକମାନଙ୍କ ପ୍ରତି କରିଥିବା ପ୍ରତାରଣା ଏବଂ ସର୍ବୋପରି କୃଷକମାନଙ୍କ ଆନ୍ଦୋଳନ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । କୃଷକ ମାନଙ୍କ ଆୟକୁ ପାଞ୍ଚ ବର୍ଷ ମଧ୍ୟରେ ଦୁଇଗୁଣ କରିବାକୁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ମୋଦି ସରକାର ଅମଳରେ ଆୟ ତ ଦୁଇ ଗୁଣ ହେଲାନି କିନ୍ତୁ ଋଣଗ୍ରସ୍ତ ହୋଇ ଲକ୍ଷେରୁ ଅଧିକ କୃଷକ ଆତ୍ମହତ୍ୟା କଲେ ବୋଲି ଅଭିଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଆଇକେଏସର ନେତା ଶ୍ରୀହର୍ଷ ରଥ, ଏଆଇକେଏମଏସ୍ ରାଜ୍ୟ କମିଟି ସଭ୍ୟ କେଦାର ଶବର, କୃଷକ ସଭାର ବରିଷ୍ଠ ନେତା କୈଳାଶ ଷଡ଼ଙ୍ଗୀ ପ୍ରମୁଖ ନିଜ ନିଜର ବକ୍ତବ୍ୟରେ କେନ୍ଦ୍ର ସରକାର କୃଷକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ ନକରି ଓଲଟି ସେମନଙ୍କ ଉପରେ ଦମନ ଓ ଉତ୍ପୀଡନ ଚଳାଇଛନ୍ତି ବୋଲି କହିଥିଲେ ।

# ଟ୍ରାନ୍ସଫରମର ସ୍ଥାନାନ୍ତର ପାଇଁ ରାସ୍ତା ଅବରୋଧ



ସୋର, (ସବ୍ୟୁ) : ସୋର ବ୍ଲକ ମାଣତ୍ରି ପଞ୍ଚାୟତ ରଂଗପତି ଗ୍ରାମରେ ଏକ ଖୋଲା ଟ୍ରାନ୍ସଫରମର ବିଦ୍ୟୁତ୍ ଆଘାତ କାରଣରୁ ଏକ ଗାଈର ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ସାମାନ୍ୟ ଆହତ ହୋଇ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଗ୍ରାମ ମଧ୍ୟରେ ରାସ୍ତାକୁ ଲାଗି ଟ୍ରାନ୍ସଫର୍ମର ବସାଯାଇଥିବା ବେଳେ ଏହାର କୌଣସି ସୁରକ୍ଷା ପାଇଁ ଆବଦ୍ଧ କରାଯାଇ ନଥିବାରୁ ଏହି ଦୁର୍ଘଟଣା ବାରମ୍ବାର ଘଟୁଛି। ଗ୍ରାମବାସୀମାନେ ଏହାକୁ ତୁରନ୍ତ ସ୍ଥାନାନ୍ତର ପାଇଁ ଦାବି କରି ରାସ୍ତା ଅବରୋଧ କରିଥିବା ଦେଖାଯାଇଥିଲା। ଯେଉଁ କାରଣରୁ ଗୁରୁବାର ସକାଳେ ଏଠାରେ ବିଦ୍ୟୁତ୍ ଆଘାତରେ ଏକ ଗାଈର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ଏହି ଗ୍ରାମର ଅଶୋକ ଜେନାଙ୍କ ସ୍ତ୍ରୀ ଲିପା ଜେନା ସକାଳେ ତାଙ୍କ ଗାଈକୁ ନେଇ ନିକଟସ୍ଥ ପଡ଼ିଆକୁ ଯାଉଥିଲେ। ଏହି ସମୟରେ ରାସ୍ତା କଡ଼ରେ ଥିବା ଏହି ଅସୁରକ୍ଷିତ ଟ୍ରାନ୍ସଫର୍ମରରୁ ବାହାରିଥିବା ଏକ ତାର ତାଙ୍କ ଗାଈ ଦେହରେ ଲାଗିଯିବାରୁ ଗାଈଟି ବିଦ୍ୟୁତ୍ ଆଘାତର ଶିକାର ହୋଇ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଲିପା ସାମାନ୍ୟ ଆହତ ହୋଇଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲିପାଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇବା ସହିତ ବିଦ୍ୟୁତ୍ ବିଭାଗର ଅବହେଳା ବିରୋଧରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପୁଲିସ ଓ ବିଦ୍ୟୁତ୍ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରୁଥିବା ଜଣାପଡିଛି।

## କଂଗ୍ରେସ ଦଳର ମିଶ୍ରଣ ପର୍ବ

ଆରଡି,(ସବ୍ୟୁ):ଗତ ମଙ୍ଗଳବାର ଚାନ୍ଦବାଲି ନିର୍ବାଚନମଣ୍ଡଳୀର ସୁନ୍ଦରପୁର ପଂଚାୟତରେ ଅନ୍ୟ ଦଳ ଛାଡି ୩୦ପରିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣପର୍ବରେ କଂଗ୍ରେସଦଳର ସଭାପତି ତ୍ରୈଲୋଚନ ପଣ୍ଡା,ବିଧାୟକ ପାର୍ଥୀ ଅମୀୟ ମହାପାତ୍ରଙ୍କ ସହ ବରିଷ୍ଠନେତା ଦିଗମ୍ବର ଦାସ,ସ୍ଥାନୀୟ ନେତା ନରେନ୍ଦ୍ର ବିଶ୍ୱାଳ ଅଭିମନ୍ୟୁ ପଲାଇ,ମିଟୁ ବେହୁରୀଆ, ଆର୍ତ୍ତବନ୍ଧୁ ପାଢୀଙ୍କ ସହ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ମିଶ୍ରଣପର୍ବକୁ ନେଇ କର୍ମୀମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଦେଇଥିଲା।

# ବହୁଚର୍ଚ୍ଚିତ ଡିଗି ଗ୍ରାମୀଣ ପ୍ରମୋଦ ଉଦ୍ୟାନ ଲୋକାର୍ପିତ

ଧାମନଗର,(ସବ୍ୟୁ): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଂଚାୟତ ପଦ୍ମପୋଖରୀ ଗ୍ରାମ ସନ୍ନିକଟ ଡିଗି ଗ୍ରାମୀଣ ପାର୍କର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ବହୁ ପୁରାତନ ବିଶାଳ ଜଳାଶୟ ଓ ତା'ର ବିସ୍ତିର୍ଣ୍ଣ ଆଡିକୁ ବହୁ ଅର୍ଥ ବ୍ୟୟରେ ଏକ ପାର୍କରେ ରୂପାନ୍ତରିତ କରାଯାଇଛି।ଏଠାରେ ବୋର୍ଟ ଚାଳନା,ଖୋଲା ବ୍ୟାୟାମଶାଳା, ସେଲ୍ଫି ପଏଣ୍ଟ ଇତ୍ୟାଦି ମନୋରଞ୍ଜନ ପ୍ରକଳ୍ପ ନିର୍ମାଣ ସରିଥିବାବେଳେ ଦର୍ଶକଙ୍କୁ ଆକୃଷ୍ଟ କରିବାଭଳି ଆହୁରି ଅଧିକ କିଛି କରାଯିବାର ଯୋଜନା ରହିଥିବା ଜଣାଯାଇଛି।ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କ ଉଦ୍ୟମରେ ପ୍ରାୟ ୮୦ ଏକରରୁ ଉର୍ଦ୍ଧ୍ୱ ପରିମିତ ପୋଖରୀ ଓ ଏହାର ଆଡିରେ ଏହି ପାର୍କର ନିର୍ମାଣ କରାଯାଇଥିବା ବେଳେ ଏହାକୁନେଇ ବହୁ ବିବାଦ ଆଜିପର୍ଯ୍ୟନ୍ତ ଲାଗିରହିଛି।ଏପରିକି ଲୋକାୟୁକ୍ତଙ୍କ ପାଖରେ ମାମଲା ବିଚାରାଧୀନ ରହିଛି।ବହୁ ବିରୋଧ ସତ୍ୱେ ବୁଧବାର ଅପରାହ୍ନରେ ଏହି ପ୍ରମୋଦ ଉଦ୍ୟାନର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପାର୍କର ଉଦଘାଟନ କରିଥିବାବେଳେ ଏଥିରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର,ଏସପି ବରୁଣ ଗୁପାଲି,ଧାମନଗର ପଂଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା,ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ,ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ,ବିଡ଼ିଓ ବନବିହାରୀ ଦିଣ୍ଡା, ତହସିଲଦାର ଦୀପକ ଦାସ ଓ ପ୍ରମୁଖ ଯୋଗଦେଇ ଥିଲେ। ତେବେ ନାଲି ଆମ୍ବ ଚାରାରୋପଣ ଦୁର୍ନୀତି, ଆର୍ଥିକ ଅନିୟମିତା ସର୍ବୋପରି ଲୋକାୟୁକ୍ତଙ୍କ ଠାରେ ବିଚାରାଧୀନ ମାମଲା ଏହି ମନୋରମ ଗ୍ରାମୀଣ ଉଦ୍ୟାନ ଆଢୁଆରେ ହଜିଯିବ ବୋଲି ଲୋକେ ଆଲୋଚନା କରୁଛନ୍ତି।

## ଜିଆର୍‌ଏସ୍‌ଙ୍କ ଘରୁ ଲୁଟିନେଲେ ସୁନା ଗହଣା, ନଗଦ ଟଙ୍କା

କେନ୍ଦୁଝର, (ସ୍ୱପ୍ର) : ଦିନ ଦି'ପହରରେ ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ଟଙ୍କା। କେନ୍ଦୁଝର ଜିଲ୍ଲା ଶୁଆକାଟି ବଜାର ନିକଟ ହାଇସ୍କୁଲ ସମ୍ମୁଖରେ ଥିବା ଶୁଆକାଟି ଜିଆର୍‌ଏସ୍ ଦମୟନ୍ତୀ ସାହୁଙ୍କ ଘରେ କେହି ନଥିବାର ସୁଯୋଗ ନେଇ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସୁନା ଗହଣା ଓ ଆଲମାରି ଭିତରେ ଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଦୁର୍ବୃତ୍ତମାନେ ଘର ଚାବି ଭାଙ୍ଗିବା ପରେ ଦୁଇଟି ଆଲମିରାକୁ ଭାଙ୍ଗି ସୁନା ଓ ଟଙ୍କା ଲୁଟି ନେଇଛନ୍ତିଛଜିଆରଏସ୍ ଦମୟନ୍ତୀ ସାହୁ ସରକାରୀ କାମରେ ବାହାରକୁ ଯାଇ ଥିବା ବେଳେ ଗୁରୁବାର ଦିନ ପ୍ରାୟ ୨ଟାରେ ତାଙ୍କ ଘରୁ ସୁନା ଚେନ, ମୁଦି, ଚୁଡ଼ି, ଶଙ୍ଖା, ବଳା ଲୁଟି ନେଇଛନ୍ତି। ଏଥି ସହ ତାଙ୍କ ସ୍ୱାମୀ ଜଣେ ବୀମା ଏଜେଣ୍ଟ ଓ ସେ ରଖିଥିବା ଲୋକଙ୍କ ପ୍ରିମିୟମ ରାଶି ପାଖା ପାଖି ଦେଢ଼ ଲକ୍ଷ ଟଙ୍କା ମଧ୍ୟ ଦୁର୍ବୃତ୍ତ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଶୁଆକାଟି ଫାଣ୍ଡି ପୁଲିସ ପହଞ୍ଚି ତଦନ୍ତ ଚଳାଇଛି।

## ପିଏମ୍-ସୁରଜ ପୋର୍ଟାଲ ଉନ୍ମୋଚିତ

ବାଲେଶ୍ୱର,(ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଦିନ ଭିଡ଼ିଓ କନ୍‌ଫରେସିଂ ମାଧ୍ୟମରେ ଅବହେଳିତ ବର୍ଗଙ୍କୁ ଋଣ ସହାୟତା ପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଜନଶକ୍ତି ଏବଂ ଆଦିବାସୀ ବେପାର ମନ୍ତ୍ରୀ ତଥା ମୟୁରଭଞ୍ଜ ସାଂସଦ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଏଥି ସହିତ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ଯୋଜନା ବିଭାଗର ନିର୍ଦ୍ଦେଶକ ଦୀପ୍ତିଭାନୁ ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଂଜନ ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ବିଦ୍ୟୁତଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଦଳିତ , ପଛୁଆ ଓ ବଂଚିତ ବର୍ଗଙ୍କ କଲ୍ୟାଣ ଦିଗରେ ଦେଶ ଆଉ ଏକ ବଡ଼ ସୁଯୋଗ ଦେଖୁଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ । ଅବହେଳିତ ବର୍ଗଙ୍କୁ ଋଣ ସହାୟତା ପାଇଁ ପିଏମ୍ -ସୁରଜ ଜାତୀୟ ପୋଟାଲ ଗରିବ ଲୋକଙ୍କୁ ପ୍ରାଥମିକତା ଦେବା ପାଇଁ ଏକ ପରିବର୍ତ୍ତନ ମୂଳକ ପଦକ୍ଷେପ, ଯାହାର ଉଦ୍ଦେଶ୍ୟ ହେଉଛି ସମାଜର ସବୁଠାରୁ ଅବହେଳିତ ବର୍ଗର ଉନ୍ନତି । ସମଗ୍ର ଦେଶରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଏହିଋଣ ସହାୟତା ପ୍ରଦାନ କରାଯିବ ଏବଂ ବ୍ୟାଙ୍କ, ଏନ୍‌ବିଏଫ୍‌ସି-ଏମ୍‌ଏଫଆଇ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ମାଧ୍ୟମରେ ସୁବିଧା ଯୋଗାଇଦିଆଯିବ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନେସନାଲ ଏକ୍ସନ ଫର ମେକାନିକାଲ ସେନ୍‌ସିମେଣ୍ଟ ଇକୋସିସ୍ଟମ୍ ଅଧିନରେ ସଫେଇ ମିତ୍ରଙ୍କୁ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ ଏବଂ କିପଲ ପିପିଲ କିଟ୍ ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦେଶର ୫୦୦ରୁ ଅଧିକ ଜିଲ୍ଲାରୁ ପଛୁଆ ବର୍ଗର ୩ ଲକ୍ଷ ହିତାଧିକାରୀ ବିଭିନ୍ନ ସରକାରୀ ଯୋଜନାର ପ୍ରାୟ ୩ଲକ୍ଷ ହିତାଧିକାରୀ ଅଂଶଗ୍ରହଣ କରିଥିଲେ । ଉକ୍ତ ସଭାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର୧୨୫ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ୭୫ ସଫେଇ କର୍ମଚାରୀ ଯୋଗ ଦେଇଥିଲେ।

## ବନାଗ୍ନି ନିରାକରଣ ସଚେତନତା ରାଲି

ବେତନଟୀ , (ସବ୍ୟୁ) : ବୈଶିଙ୍ଗା ବନାଞ୍ଚଳ ଅନ୍ତର୍ଗତ ଦଲକି ଓ ମୋହନପୁର ବନ ସୁରକ୍ଷା ସମିତିରେ ବନାଗ୍ନୀ ନିରାକରଣ ସଚେତନତା ପଦଯାତ୍ରା ବେତନଟୀ ବନଖଣ୍ଡ ଅଧିକାରୀ ମନୁୱାର ଖାନଙ୍କ ତତ୍ତ୍ୱାବଧାନରେ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି ।ଏହି ପଦଯାତ୍ରାର ମୂଖ୍ୟ ଉଦ୍ଦେଶ୍ୟ ଥିଲା ଜଙ୍ଗଲରେ ଯେପରି ନିଆଁ ନ ଲାଗିବା, ଯଦି ନିଆଁ ଲାଗିଲା ତାହା ହେଲେ ତୁରନ୍ତ ଜଙ୍ଗଲ ବିଭାଗ କୁ ଜଣାଇବା, ମିଳିମିଶି ନିଆଁକୁ ଲିଭାଇବା । ତେଣୁ ଜନସଚେତନତା ପାଇଁ ସ୍ଥାନୀୟ ବନସୁରକ୍ଷା ସମିତିର ସଦସ୍ୟ ସଦସ୍ୟାଙ୍କ ମିଳିତ ଆନୁକୂଲ୍ୟରେ ବନ ବିଭାଗର କର୍ମଚାରୀମାନେ ମିଶି ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଜନସାଧାରଣଙ୍କୁ ସଚେତନତା କରିବା ପାଇଁ ଡ଼ାକବାଜି ଯନ୍ତ୍ର ଓ ହାତରେ ପ୍ଲାକାର୍ଡ ସହ ବିଭିନ୍ନ ପଞ୍ଚାୟତ ଓ ଗ୍ରାମ ମଧ୍ୟ ପରିକ୍ରମା କରିଥିଲେ ଌ ଆଜିର ଏହି ସଚେତନତା ରାଲିରେ ଜାଇକା ସଂଯୋଜକ ନିହାରରଞ୍ଜନ ସାମଲ, ବେତନଟୀ ଓ ବୈଶିଙ୍ଗା ବନପାଳ ପ୍ରଶାନ୍ତ କୁମାର ସିଂହସାମନ୍ତ, ବଡାମପୁର ବନପାଳ ଦୀପକ ପାତ୍ର, ବାନରକ୍ଷୀ ହୃଷିକେଶ ବେହେରା, ରାଇଧନ ସିଂ, ସସ୍ମିତା ଶତପଥି, ପ୍ରିୟଙ୍କା ସାହୁ, ଜୟନ୍ତୀ ପାତ୍ର, ଉତ୍ତମ ଦାସ ପ୍ରମୁଖଙ୍କ ସହିତ ଏକାଧିକ ଗଜସାଥୀ ଉପସ୍ଥିତ ଥିଲେ । ନୂଆ ଜଙ୍ଗଲ ସୃଷ୍ଟି କରିବା ଅପେକ୍ଷା ସ୍ଥିତାବସ୍ଥା ଥିବା ଜଙ୍ଗଲ ଗୁଡ଼ିକୁ ରକ୍ଷା କରିବାକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।

## ପାଦ ଚଲା ପୋଲ ଶିଳାନ୍ୟାସ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନଗୁଆ ଗ୍ରାମପଞ୍ଚାୟତ ୧୬ନମ୍ବର ଜାତୀୟ ରାଜପଥର ପାହିମହୁରା ଛକ ଠାରେ ପାଦ ଚଲା ପୋଲ ନିର୍ମାଣ ପାଇଁ ବୁଧବାର ଦିନ ଶିଳାନ୍ୟାସ କରାଯାଇଛି। ଜାତୀୟ ରାଜପଥର ଉକ୍ତ ସ୍ଥାନରେ ଏକ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦୀର୍ଘ ଦିନ ହେବ ଦ୍ୱି ଜଣାଇଥିଲେ। ଦାବି ଅନୁଯାୟୀ କେନ୍ଦ୍ର ସରକାର ପୋଲ ନିର୍ମାଣ ପାଇଁ ୧କୋଟି୬୦ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ଏହି ପୋଲ ନିର୍ମାଣ ପାଇଁ ଉଦ୍ୟମ କରି ସଫଳ ହୋଇଥିବା ବିଜେପି ନେତା ପଞ୍ଚାନନ ରାଉତଙ୍କ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟ ନିମନ୍ତେ ଆଜି ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଅକ୍ଷୟ କୁମାର ସାହୁ, ଦଳର ବରିଷ୍ଠ ନେତା ପ୍ରକାଶ ମହାପାତ୍ର, ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ଜେପି ବର୍ମା, ମଣ୍ଡଳ ସଭାପତି ଗିରିଶ ଚନ୍ଦ୍ର ସାମଲ, ,ସ୍ଥାନୀୟ ସରପଞ୍ଚତୁ କାଞ୍ଚନ୍ବାଳା ପାତ୍ର, ସୁବାସ ଚନ୍ଦ୍ର ପାତ୍ର, ଉମା ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୋଲ ନିର୍ମାଣ କାର୍ଯ୍ୟ ଆସନ୍ତା ୩ମାସ ମଧ୍ୟରେ ଶେଷ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି।

## କାଦବରାଙ୍ଗରେ ଗ୍ରାମୀଣ ଉଦ୍ୟୋଗ ପାର୍କ ଉଦ୍‌ଘାଟନ

ଭଦ୍ରକ, (ସବ୍ୟୁ): ବନ୍ତ ବ୍ଲକ ଅଧୀନରେ କାଦବରାଙ୍ଗ ଗ୍ରାମପଞ୍ଚାୟତରେ ଏକ ଗ୍ରାମୀଣ ଉଦ୍ୟୋଗ ପାର୍କ ବିଧାୟକ ଭଣ୍ଡାରୀ ପୋଖରୀ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନ୍ତ, ଓରମାସ୍‌ର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ ଉପସ୍ଥିତ ଥିଲେ। କାଦବରାଙ୍ଗ ପଞ୍ଚାୟତର କମ୍ୟୁନିଟି, ଏମ୍.ବି.କେ. ଏବଂ ଉକ୍ତ ଗ୍ରାମୀଣ ଉଦ୍ୟୋଗ ପାର୍କରେ କାର୍ଯ୍ୟ କରୁଥିବା ସମସ୍ତ ସଦସ୍ୟାମାନଙ୍କର କିପରି ବହୁବିଧ ଉନ୍ନତି ହେବ ସେଥିନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଟେଲରିଂ, କମ୍ୟୁନିଟି କିଚେନ, ନର୍ସରୀ, ମୁଢ଼ିଭାଟି, ଫିନାଇଲ ତିଆରି, ଡାଲି ପ୍ରୋସେସିଂ ମାଛ ଚାଷ ଆଦି ହାତକୁ ନିଆଯାଇଛି। ଉକ୍ତ ଗ୍ରାମୀଣ ପାର୍କର ମୁଖ୍ୟ ଉଦ୍ଦେଶ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବା। ୨ଟି ଉତ୍ପାଦକ ଗୋଷ୍ଠୀ ଏବଂ ୧୦ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସେହି ଗ୍ରାମୀଣ ପରିସ୍ଥିତିର ସୁଧାର ଆଣିଛନ୍ତି। ମାନ୍ୟବର ବିଧାୟକ ଓରମାସ ଓ ମିଶନ ଶକ୍ତିର ପ୍ରୟାସକୁ ସାଧୁବାଦ ଦେବା ସହ ସମସ୍ତ ପ୍ରକାଶ ସହଯୋଗ କରିବେ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓରମାସର ବିଜିନେସ୍ ମ୍ୟାନେଜର ଜ୍ୟୋତିରଞ୍ଜନ ପାଣୀ ଓ ଏମ୍.ବି.କେ କମଳା ମିଶ୍ର କିପରି ଭ୍ୟାଲ୍ୟୁ ଆଡ଼ିସନ ହୋଇ ଉତ୍ପାଦ ଗୁଡ଼ିକର ବିକ୍ରି ହେବ ସେ ବିଷୟରେ ସମସ୍ତଙ୍କୁ ଅବଗତ କଲେ।

## କାଳବୈଶାଖୀ ପ୍ରଭାବ : ଭାଙ୍ଗିଲା ଗଛ ,ଉଡିଲା ଛପର

ଆରଡି,(ସବ୍ୟୁ):ବୁଧବାର ଅପରାହ୍ନରେ ଆରଡି ସମେତ ଆଖପାଖ ଅଂଚଳରେ ହଠାତ ଆକାଶରେ କଳାବାଦଲ ଘୋଟି ଆସିବା ସହ କାଳବୈଶାଖୀ ପ୍ରଭାବରେ ଝଡତୋଫାନ ସହିତ ବର୍ଷା ଓ ବଜ୍ରପାତରେ ଛୋଟବଡ ଗଛ ଉପୁଡି ପଡିଥିବା ବେଳେ ବହୁ ଛପର ଘର ଉଡିଯାଇଛି। ଦୀର୍ଘ ୧ଘଣ୍ଟା ଧରି ଝଡତୋଫାନ ଓ ବର୍ଷା ଲାଗି ରହିବାରୁ ଭଦ୍ରକ-ଆଖଣ୍ଡଳମଣି ରାସ୍ତା ପାଶର୍ବରେ ଥିବା ଗଛ ଓ ହୋଡିଂ ଭାଙ୍ଗି ପଡି ରାସ୍ତାରେ ପଡି ରହିବାରୁ କିଛି ସମୟ ପାଇଁ ଉଭୟ ପାଶର୍ବରେ ଗାଡି ବସ ଆଦି ଅଟକି ରହିଥିଲେ। ଝଡତୋଫାନ କମିବା ପରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ରାସ୍ତା ସଫା କରାଯିବା ପରେ ସ୍ୱାଭାବିକ ଅବସ୍ଥା ଫେରିଥିଲା। ତାହାସହ ଅନେକ ସ୍ଥାନରେ ବିଦ୍ୟୁତଖୁଣ୍ଟ ଭାଙ୍ଗି ପଡିଥିବା ବେଳେ ତାର ଛିଡି ଯାଇଥିବାରୁ ଦୀର୍ଘ ୪ଘଣ୍ଟାରୁ ଉର୍ଦ୍ଧ ହେବ ବିଦ୍ୟୁତ ସରାବର ବନ୍ଦ ରହିଛି। ଫଳରେ ମୋବାଇଲ ସେବା ଓ ପାନୀୟଜଳ ସେବା ଠପ୍ ହୋଇଯାଇଛି।

## କସିଆ ସାମୁଦ୍ରିକ ଥାନା ନୂତନ ଗୃହ ଲୋକାର୍ପିତ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ସାନକୃଷ୍ଣପୁର ପଂଚାୟତର କସିଆ ସାମୁଦ୍ରିକ ଥାନାର ନୂତନ ଗୃହକୁ ମୁଖ୍ୟମନ୍ତ୍ରୀ ଭର୍ଚ୍ଚୁଆଲ ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ଆୟୋଜିତ ଲୋକାର୍ପିତ ଉତ୍ସବରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାମଦେବ ସିଂ,ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା,ଆଇଆଇସି ସାବିତ୍ରୀ ପଣ୍ଡା,ସାନକୃଷ୍ଣପୁର ସରପଂଚ ସସ୍ମିତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କସିଆ ସାମୁଦ୍ରିକ ଥାନା ୧୯ ଡିସେମ୍ବର ୨୦୧୪ ମସିହାରେ ଆରମ୍ଭ ହୋଇ ସୁନାମୁହିଁ ରେଡକ୍ରସରେ ଚାଲିଆସୁଥିଲା । ସମୁଦ୍ର ଉପକୂଳରେ ବିଦେଶୀ ଶତ୍ରୁଙ୍କ ପ୍ରବେଶକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ଉପକୂଳରେ ଥାନା ପ୍ରତିଷ୍ଠା କରିଛନ୍ତି।

## ବିଜେପିରୁ ଇସ୍ତଫା ଦେଲେ ପୌରାଧ୍ୟକ୍ଷ ମାଧବ ଧଡ଼ା

ସୋର,(ସବ୍ୟୁ) :ସୋର ପୌରାଧ୍ୟକ୍ଷ ମାଧବ ଧଡ଼ା ମଙ୍ଗଳବାର ଦିନ ବିଜେପି ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତାଫା ଦେଇଥିବା ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଷ୍ଟେସନଛକସ୍ଥିତ ରୟାଲ ହୋଟେଲ ସଭାଗୃହରେ ଆୟୋଜିତ ଏହି ସମ୍ବାଦିକ ସମ୍ମିଳନୀରେ ଶ୍ରୀ ଧଡ଼ା ତାଙ୍କର ଇସ୍ତଫା ସଂପର୍କରେ ସୂଚନା ଦେବା ସହିତ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ କୋଣଠେସା କରାଯିବା ସହିତ ଲଗାତର ଅଣଦେଖା କରାଯାଉଛି, ଏହା ଦିନକୁ ଦିନ ଅସହ୍ୟ ହେବାରୁ ସେ ଭାରତୀୟ ଜନତା ପାର୍ଟିରୁ ଇସ୍ତଫା ଦେବା ସଂପର୍କରେ ସଭାପତି ମନମୋହନ ସାମଲଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ଶ୍ରୀ ଧଡ଼ା ୨୦୧୯ ମସିହାରେ ବିଜେଡ଼ିରୁ ଇସ୍ତଫା ଦେଇ ବିଜେପିରେ ଯୋଗଦେଇଥିଲେ। ୨୦୨୨ ପୌର ନିର୍ବାଚନରେ ବିଜେପିରୁ ଟିକେଟ ପାଇଁ ସୋର ପୌର ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଲଢ଼ି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଅବିନାଶ ପାତ୍ରଙ୍କୁ ପରାସ୍ତ କରି ବିଜୟ ଲାଭ କରିଥିଲେ। ଆଗାମୀ ନିର୍ବାଚନକୁ ଆଖିରେ ରଖି ଇସ୍ତଫା ଦେଇ ପୁଣି ତାଙ୍କର ଘର ବାହୁଡ଼ା ହେବକି ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ସେ ଏ ପର୍ଯ୍ୟନ୍ତ କୌଣସି ସ୍ଥିର କରି ନାହାଁନ୍ତି, ସେ ଅନ୍ୟ କୌଣସି ଦଳରୁ ବିଧାୟକ ପଦ ପାଇଁ ପ୍ରାର୍ଥୀ ହୋଇପାରନ୍ତି କି ବୋଲି ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ସେପରି ସୁଯୋଗ ମିଳିଲେ ସେ ନିଶ୍ଚୟ ଚିନ୍ତା କରିବେ। ତେବେ ରାଜନୈତିକ ସମୀକ୍ଷକମାନଙ୍କ ମତ ଅନୁସାରେ ସେ ବିଜେପିରୁ ଟିକେଟ ପାଇବାର ଆଶା କ୍ଷୀଣ ହୋଇଥିବା ବେଳେ ସଂପ୍ରତି ମେଣ୍ଟହେଲେ ସୋର ଆସନ ବିଜେଡି ଭାଗରେ ଯଦି ପଡ଼ିଯାଏ ତେବେ ବିଜେପି ଏବଂ ବିରୋଧୀ ବିଜେଡିଙ୍କ ଭୋଟକୁ ଅକ୍ତିଆର କରିବାକୁ ସକ୍ଷମ ହୋଇପାରିବା ଆଶାରେ ହୁଏତ ତାଙ୍କୁ ଟିକେଟ ମିଳିଯିବ ବୋଲି ଶ୍ରୀ ଧଡ଼ା ଆଶାବାନ୍ଧି ଏପରି ତୁରନ୍ତ ଇସ୍ତଫା ନାଟକ କରିଥିବା କୁହାଯାଇଛି। ଦଳବଦଳ ଆଇନ ଅନୁସାରେ ପାର୍ଟି ସଙ୍କେତରେ ବିଜୟୀ ହୋଇଥିବା ପ୍ରାର୍ଥୀ ୨ ତୃତୀୟାଂଶରୁ ଅଧିକ ସଦସ୍ୟ ସମର୍ଥକଙ୍କ ସହିତ ନଗଲେ ପଦବୀ ହରାଇବାର ସମ୍ଭାବନା ରହିଛି। ସେହି ଅନୁସାରେ ଶ୍ରୀ ଧଡ଼ା ଯଦି ଅତିକମ୍‌ରେ ୯ଜଣ କାଉନ୍‌ସିଲର ତାଙ୍କ ସହିତ ଦଳବଦଳ କଲେ ତାଙ୍କର ଅଧ୍ୟକ୍ଷ ପଦ ରହିବ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି।

# ଅନ୍ତରା ମହୋତ୍ସବ ଚତୁର୍ଥ ସନ୍ଧ୍ୟା



ଖଇରା, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଅନ୍ତରା ହାଇସ୍କୁଲ ପଡିଆରେ ୩ୟ ଓ୪ର୍ଥ ସଂଧ୍ୟାର କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଛନ୍ତି। ତ୍ରିଲୋଚନ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତୃତୀୟ ସଂଧ୍ୟାର ସଭାରେ ବିଶିଷ୍ଟ ସମାଜସେବୀ ତଥା ଓଡିଶା ସରକାରଙ୍କ କଳା,ସଂସ୍କୃତି ଓ ମାନବ ସମ୍ବଳ ବିକାଶ ରାଜ୍ୟ ସମ୍ପାଦକ ଶଶି କୁମାର ସାହୁ ମୁଖ୍ୟଅତିଥି,ଜଗନ୍ନାଥ ଗ୍ରୁପ ଅଫ ଇନିଷ୍ଟିଚ୍ୟୁସନର ଅଧ୍ୟକ୍ଷ ଗଙ୍ଗାଧର ଜେନା ମୁଖ୍ୟବକ୍ତା,ବରଦା ସରପଞ୍ଚ ପରିକ୍ଷିତ ମହାପାତ୍ର,ସରପଞ୍ଚ ରଶ୍ମିତା ଯେନା,ସମିତିସଭ୍ୟା ସବିତାରାଣୀ ପଣ୍ଡା,କମିଟି ସମ୍ପାଦକ ଜ୍ୟୋତିରଞ୍ଜନ ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଖ୍ୟାତ ଚଳଚିତ୍ର ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଅର୍ଚ୍ଚିତାଙ୍କ ସଂଳାପ ରେ ଦର୍ଶକ ତାଳିମାରି ସ୍ୱାଗତ କରିଥିଲେ । ସେହିଭଳି ଚତୁର୍ଥ ସଂଧ୍ୟାରେ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ତଥା ଯୁବ ସଙ୍ଗଠକ ଗଣେଷ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଳା ସଂସ୍କୃତିକୁ ଉଦଜିବିତ କରିବାରେ ମହୋତ୍ସବର ବଡ ଭୂମିକା ରହିଛି ବୋଲି କହିଥିଲେ । ବ୍ୟଙ୍ଗ କବି ଗଗନ ସେଠୀ,ଯୁବ ସଙ୍ଗଠକ ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରସିଦ୍ଧ ଓଲିଉଡ କଳକାର ପୁପିନ୍ଦରଙ୍କ ମନଛୁଆଁ ସଂଳାପ ଦର୍ଶକଙ୍କୁ ବିମୋହିତ କରିଥିଲା ।କୁନି କୁନି କଳକାର ମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା ।

## ମୋବାଇଲ ଲୁଟେରା ଗିରଫ

ଢେଙ୍କିକୋଟ , (ସବ୍ୟୁ) :ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପଇଦାପାଟଣା ପଞ୍ଚାୟତ ଖୁଣ୍ଟାପଡ଼ା ଗ୍ରାମ ଠାରେ ଗତ ୨୧ ତାରିଖ ରେ ହୋଇଥିଲା ମୋବାଇଲ ଫୋନ ଲୁଟ୍ ଘଟଣାରେ ପୋଲିସ ଲୁଟେରାକୁ ଗିରଫ କରିଛି। ଆନନ୍ଦପୁର ଅଂଚଳ ରାମଚନ୍ଦ୍ରପୁର୍ ଥାନା ମଛଝଲୋ ଗ୍ରାମର ପେଶାଦାର ଲୁଟେରା ସୌମ୍ୟରଂଜନ ପଣ୍ଡା( ୨୧ ) ଫ୍ଲିପ୍ କାର୍ଡ ଯୋଗେ ୭୨ ହଜାର ଟଙ୍କାର ଦୁଇଟି ଦାମି ମୋବାଇଲ ଫୋନ ବରାଦ କରିଥିଲେ । ସେ ଦିନ ଫ୍ଲିପ୍ କାର୍ଡ ପିଲା କୁ ଫୋନ୍ କରି ଖୁଣ୍ଟାପଡ଼ା ଗ୍ରାମ ନିକଟରେ ମୋବାଇଲ ଦୁଇଟିକୁ ନେଇ ସେ ଚମ୍ପଟ୍ ମାରିଥିଲା ।ତେବେ ଏ ସଂକ୍ରାନ୍ତରେ ଉକ୍ତ ଫ୍ଲିପ୍ କାର୍ଡ ଯୁବକ ଜଣଙ୍କଙ୍କେକୋଟ ଫାଣ୍ଡି ରେ ଏତାଲା ଦେଇଥିଲେ। ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାୟକ ଘଟଣା କୁ ନିଜ ହାତକୁନେଇ ତଦନ୍ତ ଚାଲୁରଖିଥିଲେ । ବୁଧବାର ଦିନ ଉକ୍ତ ଯୁବକକୁ ତା ନିଜ ଗ୍ରାମ ମଛାଲୋ କୁ ଯାଇ ତା ଘରୁ ଗିରଫ କରିଥିଲେ । ତତ ସହିତ ମୋବାଇଲ ଫୋନ ଦୁଇଟିକୁ ଜବତ କରିଥିଲେ ।ଆଜି କେସ ନମ୍ବର୍ ୧୨୬/୨୪ ଯୋଗେ ଗିରଫକରି ମୋବାଇଲ ଲୁଟେରା ସୌମ୍ୟରଂଜନ ପଣ୍ଡ କୁ ଗିରଫ କରି କୋର୍ଟ ଚାଲାଣ କରଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ମିଡ଼ିଆ କନ୍‌କ୍ଲେଭ ୧୫ରୁ

ବାଲେଶ୍ୱର, (ସବ୍ୟୁ) : ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଚଳିତମାସ ୧୫ ଓ ୧୬ ତାରିଖରେ ଏକ ୨ଦିନିଆ ଆନ୍ତର୍ଜାତିକ କନ୍‌କ୍ଲେଭ ସହ ଆଲୋଚନା ଚକ୍ର ଅନୁଷ୍ଠିତ ହେବାକୁ ଯାଉଛି । ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଆୟୋଜିତ ତଥା ୟୁନିସେଫ୍ ଓ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମ ସମ୍ପର୍କିତ ସମସ୍ତ ସୂଚନା ବିଭାଗର ମୁଖ୍ୟ ତଥା କନ୍‌କ୍ଲେଭର ଆବାହକ ଡକ୍ଟର ଭାରତୀବାଳା ପଟ୍ଟନାୟକ ପ୍ରଦାନ କରିଛନ୍ତି । ଏହାର ମୂଳ ପ୍ରସଙ୍ଗ ଗଣମାଧ୍ୟମ, ରାଜନୀତି ଏବଂ ଗଣତନ୍ତ୍ର ରହିଛି । ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରେ ଏକାଡେମିକ୍, ମିଡ଼ିଆ ପାଇଁ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ପ୍ରଦାନ କରିବା, ବୃତିଗତ, ବିଦ୍ୱାନ ଏବଂ ଅନ୍ୟାନ୍ୟ ବିଶେଷଜ୍ଞଙ୍କୁ ଏହି ଆଲୋଚନା ଚକ୍ରର ଅଂଶୀଦାର କରିବା ସହ ଅଂଶଗ୍ରହଣକାରୀଙ୍କ ଭୂମିକା ଉପରେ ଗଠନମୂଳକ ସଂଳାପରେ ନିୟୋଜିତ କରାଇବା ମୁଖ୍ୟ ଲକ୍ଷ୍ୟ ରହିଛି । ଅଭିବ୍ୟକ୍ତିର ସ୍ୱାଧିନତା, ସାମ୍ବାଦିକତା, ଅଖଣ୍ଡତା ଏବଂ ଦାୟିତ୍ୱବଧତା, ଜନମତ ଗଠନ ଆଦି ପ୍ରସଙ୍ଗଗୁଡ଼ିକୁ ସ୍ଥାନ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଯୋଗଦାନ ସହ ୟୁନିସେଫ୍ ସଂଗଠନର ବିଶେଷଜ୍ଞ ଓ ପ୍ରାୟ ୬୧ରୁ ଉର୍ଦ୍ଧ୍ୱ ଗବେଷକ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମକୁ ସଫଳତା କରିବା ନିମନ୍ତେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଶୁଭେଚ୍ଛାବାର୍ତ୍ତା ପ୍ରଦାନ କରିଛନ୍ତି।

## ମୋଟର ସଂଘର ଥାନାରେ ଏତଲା

ବାଲେଶ୍ୱର, (ସବ୍ୟୁ) :ବାଲେଶ୍ୱର ମୋଟର ସଂଘ ତରଫରୁ ଗୁରୁବାର ଦିନ ବାଲେଶ୍ୱର ସହରସ୍ଥିତ ସହଦେବଖୁଣ୍ଟା ଥାନାରେ ଏକ ଅଭିଯୋଗ ପତ୍ର ଦାଖଲ କରାଯାଇ ପ୍ରଶାନ୍ତ କୁମାର ବାରିକଙ୍କ ନାମରେ ଅଭିଯୋଗ କରାଯାଇଛି । ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ସୁନହଟ ଗ୍ରାମର ବାସିନ୍ଦା ସନାତନ ବାରିକଙ୍କ ପୁତ୍ର ପ୍ରଶାନ୍ତ କୁମାର ବାରିକ ଓରଫ ଫୁକୁଲା ବାଲେଶ୍ୱର ଜିଲ୍ଲା ସଦର ଡାକ୍ତରଖାନାରେ ଆଉଟ୍‌ସୋରସିଂରେ ଚାକିରି କରୁଛନ୍ତି । ସେ ଗତ ୨୦୧୯ ମସିହାରୁ ଏକ ପୁରୁଣା ବସ୍ ଆଣି ସେହି ବସ୍ ଉପରେ ଏକ ପରମିଟ ଆଣି ଅନ୍ୟ ବସ୍ ମାଲିକଙ୍କ ବସ୍ ଆଗରେ ବସ୍ ରଖି ଯୋରଜବରଦସ୍ତ ବିଳମ୍ବ କରି ବସ୍ ଚଳାଚଳ କରୁଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏହାଛଡ଼ା ଶ୍ରୀ ବାରିକ ନିଜ ନାମ ଏବଂ ପରିବାରର ଅନ୍ୟମାନଙ୍କ ନାମରେ ୫ଟି ବସ୍ ଆଣି ନିଜେ ଏବଂ ଅନ୍ୟ ବ୍ୟକ୍ତିମାନଙ୍କ ଜରିଆରେ ସେହିସବୁ ବସ୍‌ଗୁଡ଼ିକ ବସଷ୍ଟାଣ୍ଡକୁ ଆଣି ବସ୍ ଚଳାଚଳରେ ବାଧା ସୃଷ୍ଟି କରିବା ସହିତ ଅନ୍ୟ ବସ୍ ମାଲିକ ଓ ସୁପରଭାଇଜରମାନଙ୍କୁ ଧମକ ଚମକ ଦେବା ସହିତ ଡାକ୍ତରଖାନାରୁ ମିଥ୍ୟା ଇଞ୍ଜୋରି ରିପୋର୍ଟମାନ ଆଣି ମିଥ୍ୟାମାମଲା ରୁଜୁ କରୁଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏହା ଦ୍ୱାରା ବସଷ୍ଟାଣ୍ଡରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାରୁ ପୁଲିସ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଏତଲାରେ ଦର୍ଶାଯାଇଛି । ଏହି ଏତଲାରେ ବସ୍ ସଂଘର ସଭାପତି ମାଧବ ଚନ୍ଦ୍ର ଦାଶ, ଅଜୟ କୁମାର ବିଶ୍ୱାଳ, କମଳାକାନ୍ତ ଦାଶ, ଗଣେଷ ଚନ୍ଦ୍ର ଜେନା,ସରୋଜ କୁମାର ଷଡ଼ଙ୍ଗୀ,ସଂଜୀବ ପଟ୍ଟନାୟକ, ରାକେଶ ଦାଶ , ରାଜେଶ ପେରିୱାଲ ପ୍ରମୁଖ ୨୭ ଜଣ ବସ୍ ମାଲିକ ସ୍ୱାକ୍ଷର କରିଥିବା ଜଣାପଡ଼ିଛି ।

# ଟିପିଏନ୍‌ଓଡିଏଲର ସହଜ ଓ ସରଳ ହେଉଛି ବିତରଣ ପ୍ରକ୍ରିୟା




ବାଲେଶ୍ୱର,(ସବ୍ୟୁ) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନ୍‌ଓଡିଏଲ୍) ନିଜର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇଦେବା କ୍ଷେତ୍ରରେ ସର୍ବଦା ଗୁରୁତ୍ୱ ଦେଇଥିବା ବେଳେ ସେବା ବିତରଣ ପ୍ରକ୍ରିୟାକୁ ଅଧିକ ସହଜ ଓ ସରଳ କରିବା ପାଇଁ ଧ୍ୟାନ ଦେଉଛି । ଉପଭୋକ୍ତା ମାନଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଓ ସେମାନଙ୍କ ହାତପାହାନ୍ତାରେ ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବାକୁ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି । ଉପଭୋକ୍ତାମାନଙ୍କ ବିଦ୍ୟୁତ ସେବା ସମ୍ପର୍କିତ ଯେକୌଣସି ସମସ୍ୟାର ସମାଧାନ ପାଇଁ ୨୪ଘଣ୍ଟିଆ ଦେୟମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦୩୪୫୬୭୧୮/୧୯୧୨ ସୁବିଧା କରାଇବା ସହ ୧୬ଟି ଗ୍ରାହକ ସେବା କେନ୍ଦ୍ର ଓ ୧୩୯ଟି ଅନୁଭବ କେନ୍ଦ୍ର ମଧ୍ୟ ଖୋଲିଛି । ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ଟିପିଏନ୍‌ଓଡିଏଲ୍‌ର ସମସ୍ତ ଡିଭିଜନରେ ଖୋଲିଥିବା ବେଳେ ଅନୁଭବ କେନ୍ଦ୍ର ଗୁଡ଼ିକ ଗ୍ରାମାଞ୍ଚଳ ଉପଭୋକ୍ତାମାନଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଖୋଲିଛି । ଏହି କେନ୍ଦ୍ରଗୁଡ଼ିକରେ ଉପଭୋକ୍ତା ବିଦ୍ୟୁତ ସେବା ସମ୍ପର୍କିତ ନିଜର ଦ୍ୱନ୍ଦ ଦୂର କରିବା, ସମସ୍ୟାର ସମାଧାନ କରିବା ସହିତ ବିଲ୍ ପୈଠ ମଧ୍ୟ କରିପାରିବେ । ଗ୍ରାହକ ସେବାକେନ୍ଦ୍ର ଓ ଅନୁଭବ କେନ୍ଦ୍ରଗୁଡ଼ିକ ଛୁଟିଦିନ ବ୍ୟତୀତ ପ୍ରତିଦିନ ସକାଳ ୯.୩୦ମିନିଟରୁ ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ଖୋଲା ରହୁଥିବା ବେଳେ ସମସ୍ତ ସେକସନ, ସବ୍‌ଡିଭିଜନ ଓ ଡିଭିଜନ ଅଫିସ୍‌ରେ ମଧ୍ୟ ଉପଭୋକ୍ତା ନିଜର ଅଭିଯୋଗ ଦାଖଲ କରିବାର ସୁଯୋଗ ପାଉଛନ୍ତି । ସଠିକ୍ ଏବଂ ସ୍ୱଚ୍ଛ ବିଦ୍ୟୁତ ବିଲ୍ ପ୍ରଦାନ କରିବାରେ ଟିପିଏନ୍‌ଓଡିଏଲ୍ ଗୁରୁତ୍ୱ ଦେବା ସହିତ ଉପଭୋକ୍ତାଙ୍କର ବିଲ୍ ନେଇ କୌଣସି ଅସଙ୍ଗତି ଥିଲେ ସଂଶୋଧନ କରିବା ପ୍ରକ୍ରିୟା ମଧ୍ୟ ସହଜ ହୋଇଛି । ବିଦ୍ୟୁତ୍ ବିଲ୍ ପୈଠ ପ୍ରକ୍ରିୟାକୁ ସହଜ କରିବା ପାଇଁ ଟିପିଏନ୍‌ଓଡିଏଲ୍ ସମସ୍ତ ଡିଜିଟାଲ ପଦ୍ଧତି ଜରିଆରେ ବିଲ୍ ଗ୍ରହଣ କରୁଛନ୍ତି । ସ୍ୱାଇସ୍ ମନି କେନ୍ଦ୍ର, ଏୟାରଟେଲ ପେମେଣ୍ଟ ବ୍ୟାଙ୍କ, ଏସ୍‌ବିଆଇ କଷ୍ଟମର ଟଚ୍ ପଏଣ୍ଟ ଭଳି ବିଭିନ୍ନ ତୃତୀୟ ପକ୍ଷ ସଂସ୍ଥା ଦ୍ୱାରା ବିଦ୍ୟୁତ ବିଲ୍ ପୈଠ ପାଇଁ ସୁବିଧା ଉପଲବ୍ଧ କରିଛି। ସେହିଭଳି ବିଜୁଳି ସେବା ସମ୍ବନ୍ଧିତ ସମସ୍ତ ସହାୟତା ପାଇଁ ମାଇ ଟାଟା ପାୱାର ଅପ୍‌କୁ ବ୍ୟବହାର କରିବାକୁ ଟିପିଏନ୍‌ଓ ଡିଏଲ୍ ପକ୍ଷରୁ ଉପଭୋକ୍ତା ମାନଙ୍କୁ ପରାମର୍ଶ ଦିଆଯାଇଛି ।

## ସମବାୟ ସମିତି ସଭାପତିଙ୍କୁ ଭତ୍ତା ପ୍ରଦାନ ଦାବି

ବନ୍ତ,(ସବ୍ୟୁ) : ସମବାୟ ସମିତିର ସଭାପତି ମାନଙ୍କୁ ଭତ୍ତା ପ୍ରଦାନ ଦାବି ନେଇ ଗୁରୁବାର ଦିନ ବନ୍ତସ୍ଥିତ ଚାଇଁପୁର ସେବା ସମବାୟ ସମିତି ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବନ୍ତ ବ୍ଲକର ବନ୍ତ ଓ ଆଗରପଡା ଠାରେ ଦୁଇଟି ସମବାୟ ବ୍ୟାଙ୍କ ଥିବା ବେଳେ ୧୧ଟି ସମବାୟ ସମିତି ରହିଛି । ଏସବୁ ସମିତି ଗୁଡିକରେ ସଭାପତି ମାନେ ସମବାୟ ନିର୍ବାଚନ ନିୟମ ଅନୁଯାୟୀ ନିର୍ବାଚିତ ହୋଇ ୫ ବର୍ଷ ପାଇଁ କାର୍ଯ୍ୟ କରୁଛନ୍ତି । ସମିତିର ସଭାପତି ମାନେ ଚାଷୀ ମାନଙ୍କୁ ବିଭିନ୍ନ କାର୍ଯ୍ୟରେ ବିନା ପାରିଶ୍ରମିକରେ ସେବା ଯୋଗାଇ ଦେବା ସହ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନାକୁ ସଫଳ ରୂପାୟନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଏପରିସ୍ଥଳେ ରାଜ୍ୟ ସରକାର ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଏନ.ଏନ.ସି ଓ ପୌରପାଳିକାର ସମସ୍ତ ଜନପ୍ରତି ମାନଙ୍କ ପାଇଁ ମାସିକ ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି । ମାତ୍ର ସମିତିର ସଭାପତି ମାନଙ୍କ ପାଇଁ ରାଜ୍ୟ ସରକାର କୌଣସି ପାରିଶ୍ରମିକ କିମ୍ବା ଭତ୍ତାର ସୁବିଧା କରିନାହାନ୍ତି । ଏସଂପର୍କରେ ରାଜ୍ୟ ସରକାର ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଚାଇଁପୁର ସମିତିର ଅଜୟ କୁମାର ନାୟକ, ବସନ୍ତ କୁମାର ବେହେରା, ବିଜୟ କୁମାର ନାୟକ, ସେକ୍ କଦମ୍, ମଳୟ କୁମାର ରାଉତ, ଜୟନ୍ତ କୁମାର ସାମଲ, ରଞ୍ଜନ କୁମାର ସାହୁଙ୍କ ସମେତ ଅନ୍ୟ ସଭାପତି ମାନେ ଦାବୀ କରିଛନ୍ତି । ଏଥିନେଇ ଏକ ଦାବୀ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା ।

(ଶ୍ରୀମଭଗବଦ୍ ଗୀତା ୪/୨୬)

–ଜ୍ଞାନଯୋଗଃ–

(ଶ୍ରୀଭଗବାନୁବାଚ )

**ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ ସଂଯମାଗ୍ନିଷୁ ଜୁହ୍ୱତି**
**ଶବ୍ଦାଦୀନ୍ ବିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ୱତି ॥୨୬॥**

କେହି କେହି ବୈଷ୍ଣବ ବ୍ରହ୍ମଚାରୀ ସଂଯମରୂପ ଅଗ୍ନିରେ ଶ୍ରୋତ୍ରାଦି ଇନ୍ଦୟିୟମାନଙ୍କୁ ହୋମ କରନ୍ତି (ଅର୍ଥାତ୍ ସେମାନେ ଇନ୍ଦ୍ରିୟମାନଙ୍କୁ ନିରୋଧ କରି ସଂଯମପୟଧାନ ହୋଇ ଅବସ୍ଥାନ କରନ୍ତି), କେହି କେହି ଗ୍ୟହସ୍ଥ ଇନ୍ଦ୍ରିୟରୂପ ଅଗ୍ନିରେ ଶବ୍ଦାଦି ବିଷୟସମୂହ ନିକ୍ଷେପ କରନ୍ତି (ଅନାସକ୍ତ ହୋଇ ବିଷୟ ସବୁ ଭୋଗ କରନ୍ତି) ॥୨୬॥

## ସମ୍ପାଦକୀୟ

# ରାଜତନ୍ତ୍ର ଫେରିବ ?

୧୬ ବର୍ଷ ପୂର୍ବେ ନେପାଳରେ ସାଧାରଣ ଜନତାଙ୍କ ବିରୋଧ ଯୋଗୁଁ ସେତେବେଳେ ନେପାଳର ରାଜା ଥିବା ଜ୍ଞାନେନ୍ଦ୍ର ଶାହାଙ୍କୁ ରାଜଗାଦି ଛାଡିବାକୁ ପଡିଥିଲା ଏବଂ ଗଣତନ୍ତ୍ର ପାଇଁ ବାଟ ଛାଡିବା ପାଇଁ ବାଧ କରାଯାଇଥିଲା । ବର୍ତ୍ତମାନ ପୁଣି ଗୋଟିଏ ନୂଆ ଆନ୍ଦୋଳନ ଦେଶରେ ମୁଣ୍ଡ ଟେକୁଛି ଏବଂ ସେମାନେ ରାଜାଙ୍କୁ ରାଜ ସିଂହାସନକୁ ଫେରାଇ ଆଣିବାକୁ ଚାହୁଁଛନ୍ତି । ନେପାଳ ରାଜଧାନୀରେ ଏଭଳି ମାନସିକତା ଥିବା ଆନ୍ଦୋଳନକାରୀ ଏକାଠି ହେଇ ଶାହାଙ୍କୁ ରାଜା ଭାବରେ ପୁନଃ ସ୍ଥାପନ କରିବାପାଇଁ ଦାବି କରୁଛନ୍ତି ଏବଂ ହିନ୍ଦୁ ଧର୍ମ ଦେଶର ଧର୍ମ ଭାବରେ ଘୋଷଣା କରାଯିବା ନେଇ ସେମାନେ ଦାବି କରୁଛନ୍ତି । ଦେଶର ପ୍ରମୁଖ ରାଜନୈତିକ ଦଳଗୁଡିକ ଦୁର୍ନୀତିଗ୍ରସ୍ତ ଏବଂ ଜନତାଙ୍କୁ ସୁସ୍ଥ ଶାସନ ଦେଇ ପାରୁନାହାନ୍ତି ଯେଉଁଥିପାଇଁ ଲୋକମାନେ ବିରକ୍ତି ପ୍ରକାଶ କରୁଛନ୍ତି ବୋଲି ରାଜ ଶାସନ ସପକ୍ଷବାଦୀମାନେ ଯୁକ୍ତି କରୁଛନ୍ତି । 'କମ୍ ବ୍ୟାକ କିଙ୍ଗ...ଆଣ୍ଡ ସେଭ ଦି କଣ୍ଟ୍ରି...ଲିଭ ଲଙ୍ଗ ଆୱାର ବିଲଭେଡ କିଙ୍ଗ' (ଫେରିଆସ ରାଜା...ଏବଂ ଆମ ଦେଶକୁ ରକ୍ଷା କର ...ଆମର ପ୍ରିୟ ରାଜା ଦୀର୍ଘଜୀବୀ ହୁଅନ୍ତୁ) –ଗତ ମାସରେ କାଠମାଣ୍ଡୁରେ ହେଇଥିବା ଏକ ରାଲିରେ ଏହିଭଳି ସ୍ଲୋଗାନ ଦେଇଥିଲେ ଆନ୍ଦୋଳନକାରୀ । ରାଜତନ୍ତ୍ର ସପକ୍ଷରେ ରାଲିଗୁଡିକ ବୃଦ୍ଧି ପାଇବାରେ ଲାଗିଛି ଏବଂ ବହୁ ସଂଖ୍ୟାରେ ଘର ଓ ବ୍ୟବସାୟ ପୂର୍ବ ରାଜା ଏବଂ ତାଙ୍କ ପୂର୍ବଜଙ୍କ ଚିତ୍ର ପ୍ରଦର୍ଶନ କରୁଛନ୍ତି । ୨୦୦୫ରେ ଯେତେବେଳେ ସେ ସମ୍ପୂର୍ଣ୍ଣ ଶକ୍ତି ହାସଲ କଲେ ସେ ପର୍ଯ୍ୟନ୍ତ ତାଙ୍କର ସେମିତି କୌଣସି କ୍ଷମତା ନ ଥିଲେ ମଧ୍ୟ ସେ ଦେଶର ସାମ୍ବିଧାନିକ ମୁଖ୍ୟ ଥିଲେ । ସେ ସରକାର ଏବଂ ସଂସଦକୁ ଭଙ୍ଗ କରି ରାଜନେତା ତଥା ସାମ୍ବାଦିକଙ୍କୁ କାରାଗାରରେ ରଖିଥିଲେ, ଯୋଗାଯୋଗ ବନ୍ଦ କରି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଏବଂ ଦେଶକୁ ଶାସନ କରିବା ପାଇଁ ସେନା ବ୍ୟବହାର କରିଥିଲେ । ତାଙ୍କର ଏହି କାର୍ଯ୍ୟକୁ ବିରୋଧ କରି ସାରା ଦେଶରେ ଆନ୍ଦୋଳନ ମୁଣ୍ଡ ଟେକିଲା ଏବଂ ହଜାର ହଜାର ଆନ୍ଦୋଳନକାରୀ ପାର୍ଲିଆମେଣ୍ଟକୁ କ୍ଷମତା ହସ୍ତାନ୍ତର କରିବା ପାଇଁ ତାଙ୍କୁ ବାଧ କଲେ । ଦୁଇ ବର୍ଷ ପରେ ରାଜତନ୍ତ୍ର ଶାସନ ସମାପ୍ତ କରିବା ପାଇଁ ପାର୍ଲିଆମେଣ୍ଟ ନିଷ୍ପତ୍ତି ନେଲା ଏବଂ ରାଜା ଜ୍ଞାନେନ୍ଦ୍ର ରାଜପ୍ରାସାଦ ଛାଡି ସାଧାରଣ ନାଗରିକ ଭାବରେ ଜୀବନ ନିର୍ବାହ କଲେ । ଆନ୍ଦୋଳନକାରୀଙ୍କ କହିବା କଥା, ଆମ ଦେଶ ଏହାର ମୂଲ୍ୟବୋଧ ଏବଂ ପରିଚୟ ବଜାୟ ରଖି ପାରିବ ଯଦି ଏହା ରାଜତନ୍ତ୍ରକୁ ଫେରିଆସିବ ଏବଂ ରାଜା ସିଂହାସନରେ ପୁନଃସ୍ଥାପିତ ହେବେ । ଦେଶର ଅଧିକାଂଶ ରାଜନୈତିକ ଦଳ, ଏ ପ୍ରକାର ଚିନ୍ତାଧାରା ଓ ଦାବିକୁ ପ୍ରତ୍ୟାଖାନ କରିଛନ୍ତି । ନେପାଳୀ କଂଗ୍ରେସର ବରିଷ୍ଠ ନେତା ନାରାୟଣ ପ୍ରକାଶ ସୌଦ ଯିଏକି ୨୦୦୬ ରେ ରାଜଶାସନ ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଉଥିଲେ, ସ୍ପଷ୍ଟ ଭାଷାରେ ଏହି ଭାବନା ଓ ଦାବିକୁ ଅଗ୍ରାହ୍ୟ କରିଛନ୍ତି ଏବଂ କହିଛନ୍ତି, ନେପାଳ ଗୋଟିଏ ଗଣତନ୍ତ୍ର ଏବଂ ରାଜତନ୍ତ୍ର କେବେବି ଫେରିପାରିବନି । ସେ ଆହୁରି ମଧ୍ୟ କହିଛନ୍ତି, ସମ୍ବିଧାନ ପରିବର୍ତ୍ତନ କଲେ ହିଁ ରାଜତନ୍ତ୍ର ଫେରି ଆସିପାରିବ ଯାହା ସମ୍ଭବ ନୁହେଁ । ଅନ୍ୟ ଏକ ରାଜନୈତିକ ଦଳ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ଏହି ଦାବିକୁ ସମର୍ଥନ କରୁଛି । କାରଣ ଏହି ପାର୍ଟି ରାଜଶାସନ ସହଯୋଗରେ ୧୯୯୦ ମସିହାରେ ପ୍ରତିଷ୍ଠା ହେଇଥିଲା । ପାର୍ଲିଆମେଣ୍ଟରେ ଏହାର ୧୪ ସଦସ୍ୟ ଅଛନ୍ତି ଯାହା ମୋଟ ଆସନ ସଂଖ୍ୟାର ମାତ୍ର ୫ ପ୍ରତିଶତ । ଏହି ପାର୍ଟିର ନେତାମାନେ ପ୍ରଧାନମନ୍ତ୍ରୀଙ୍କୁ ଦେଖାକରି ଏ ସମ୍ପର୍କରେ ତାଙ୍କର ଦାବି ଜଣାଇଛନ୍ତି । ଏହା ନିଶ୍ଚିତ ଯେ' ନେପାଳରେ ରାଜତନ୍ତ୍ର ଫେରିବା କଷ୍ଟକର ପାଠ । କିନ୍ତୁ, ବର୍ତ୍ତମାନର ଶିକ୍ଷିତ ସମାଜ ଏଥିନେଇ ଦାବି କରୁଛନ୍ତି କାହିଁକି ? ଗଣତନ୍ତ୍ର ସ୍ୱାଦ ଚାଖିଲା ପରେ, ପୁଣି ଥରେ ରାଜତନ୍ତ୍ରକୁ ଫେରିବାକୁ ଚାହୁଁଛନ୍ତି କାହିଁକି ? ଏହା ପାଇଁ ହୁଏତ ନେପାଳ ଶାସନରେ ରହୁଥିବା ରାଜନୈତିକ ଦଳ ଦାୟୀ...ସେଠାକାର ବ୍ୟବସ୍ଥା ଦାୟୀ । କାରଣ ଗଣତନ୍ତ୍ରର ମୂଳ ମନ୍ତ୍ରରୁ ସେମାନେ ଦୂରେଇ ଯାଉଛନ୍ତି । ଜନତାଙ୍କ ସ୍ୱର ସର୍ବୋଚ୍ଚ ସ୍ତରରେ ଉପସ୍ଥାପିତ ହେଇପାରୁନାହିଁ । ଏହାର ଯତ୍ନ ନେବା ଆବଶ୍ୟକ । ନଚେତ୍, ଗଣତନ୍ତ୍ରର ବଦନାମ ହେବ ଏବଂ ଅହଙ୍କାରୀ ରାଜତନ୍ତ୍ର ପୁଣିଥରେ ଫେରିଆସିବା ପାଇଁ ଲୋକମତକୁ ବିଭ୍ରାଟ କରିବ ।

# ହରିୟାଣାରେ ନୂଆ ସରକାର

ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୈତିକ ପାଣିପାଗ ସେତିକି ବଦଳିବାରେ ଲାଗିଛି । ହରିଆଣାରେ ବିଜେପି ଏହାର ସହଯୋଗୀ ଜନନାୟକ ଜନତା ପାର୍ଟି (ଜେଜେପି)କୁ ଛାଡି ଦେଇଛି ଏବଂ ବିଧାନସଭା ନିର୍ବାଚନର ୭ ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରିଛି । ଲୋକସଭା ନିର୍ବାଚନ ପାଇଁ ଆସନ ବାଣ୍ଟିବା ନେଇ ଶାସକ ବିଜେପି–ଜେଜେପି ମିଳିତ ମଞ୍ଚର ବିଭାଜନ ହେବା ମାତ୍ରେ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଏବଂ ତାଙ୍କ କ୍ୟାବିନେଟ ଇସ୍ତଫା ଦେଇଥିଲେ ଏବଂ ଏହାର କିଛି ଘଣ୍ଟା ପରେ ନୟାବ ସିଂହ ସାଇନି ହରିୟାଣା ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି । ହରିୟାଣାରେ ୨୦୧୯ ବିଧାନସଭା ନିର୍ବାଚନ ପରେ ବିଜେପି–ଜେଜେପି ମିଳିତ ମଞ୍ଚ ଶାସନ ବ୍ୟବସ୍ଥାରେ ଥିଲେ ଏବଂ ଏ ପର୍ଯ୍ୟନ୍ତ ସୁରୁଖୁରୁରେ ଚାଲୁଥିଲା । ଆସନ ଭଗବଣ୍ଟାକୁ ନେଇ ଦୁଇ ଦଳ ମଧ୍ୟରେ ବିବାଦ ଦେଖାଦେଲା ଓ ଶେଷରେ ଦୁଇ ଦଳ ଅଲଗା ହେଇଗଲେ । ୨୦୧୯ ଲୋକସଭାରେ ବିଜେପି ହରିଆଣାରେ ପୁରା ୧୦ଟି ଆସନରେ ବିଜୟୀ ହେଇଥିଲା ଏବଂ ୫୮ ପ୍ରତିଶତ ଭୋଟ ପାଇଥିଲା । କିନ୍ତୁ ଅଳ୍ପ କେତେମାସ ବ୍ୟବଧାନରେ ହେଇଥିବା ବିଧାନସଭା ନିର୍ବାଚନରେ, ଏହା ଏହାର ଭୋଟ୍ ଅଂଶ ପ୍ରାୟ ୨୨ ପ୍ରତିଶତ ପଏଣ୍ଟ ହ୍ରାସ ପାଇଲା ଏବଂ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରିପାରିଲା ନାହିଁ ଏବଂ ଯେଉଁଥିପାଇଁ ବିଜେପି ଜେଜେପିର ସହଯୋଗରେ ମନ୍ତ୍ରୀମଣ୍ଡଳ କଲା । ଏହା ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବେଶ୍ ବୃଦ୍ଧି ପାଇଛି ଏବଂ ଲୋକସଭା ନିର୍ବାଚନ ପାଇଁ ଲୋକେ ମୋଦିଙ୍କ ନା ରେ ହିଁ ଭୋଟ ଦେବେ । ତେଣୁ ବିଜେପି ଜେଜେପିକୁ ହୁଏତ ଅଧିକ ଆସନ ଦେବା ପାଇଁ ରାଜି ହେଲାନାହିଁ । ତେବେ ଜେଜେପି ସହ ଆସନ ଭଗବଣ୍ଟା ସଫଳ ନ ହେବା ଏବଂ ସେଥିପାଇଁ ଦୁଇ ଦଳ ପରସ୍ପର ଠାରୁ ଅଲଗା ହେଇଯିବାର ଅର୍ଥ ହୁଏତ ବିଜେପିର ରାଜନୈତିକ ଭୋକର ଅନ୍ୟ ଏକ ଉଦାହରଣ । ସେହିପରି ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରିବା ଦଳର ଏକ ପୁରୁଣା ରଣନୀତି । ବିଜେପି ମତଦାନ ପୂର୍ବରୁ ଦଳ ଗୁଜୁରାଟ, କର୍ଣ୍ଣାଟକ ଏବଂ ଉତ୍ତରାଖଣ୍ଡରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରିଥିଲା । ଗୁଜରାଟ ଓ ଉତ୍ତରାଖଣ୍ଡରେ ରଣନୀତି ସଫଳ ହେଇଥିବାବେଳେ କର୍ଣ୍ଣାଟକରେ ଦଳ ହାରିଯାଇଥିଲା । ମୁଖ୍ୟମନ୍ତ୍ରୀ କିଛି ଦିନ ରହିଲା ପରେ, ତାଙ୍କ ବିରୋଧରେ ଥିବା ଅସନ୍ତୋଷରୁ ଜନତାଙ୍କୁ କ୍ଷାନ୍ତ କରିବା ପାଇଁ, ଏହା ଏକ ରଣନୀତି । ମୁଖ୍ୟମନ୍ତ୍ରୀ ଭାବରେ ସାଇନିଙ୍କୁ ନେବାର କାରଣ ହୁଏତ ରାଜ୍ୟରେ ଜାତି ଓ ଓବିସି ସମୀକରଣ ଉପରେ ଧ୍ୟାନ ଦେଇଛି ଦଳ । ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡରେ ବିଜେପି ମଧ୍ୟ ସମାନ ପଦକ୍ଷେପ ନେଇଛି (ନିର୍ବାଚନ ଜିତିବା ପରେ) । ତେବେ ସମସ୍ତ ଅଣ–ଜାଟ ଗୋଷ୍ଠୀ ଉପରେ ବିଜେପିର ପ୍ରଭାବ ରହିଛି । କିନ୍ତୁ ଜାଟ ସମ୍ପ୍ରଦାୟ ରାଜନୈତିକ ଦୃଷ୍ଟିରୁ ରାଜ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ । ସେମାନଙ୍କ ଉପରେ ବିଜେପିର ସେତେ ପ୍ରଭାବ ନ ଥିବା କୁହାଯାଉଛି ଯାହା ବିଜେପି ପାଇଁ ଚିନ୍ତାର କାରଣ ହେଇପାରେ । ବରଖାସ୍ତ ହୋଇଥିବା ମୁଖ୍ୟମନ୍ତ୍ରୀ ଖଟ୍ଟର ବା ନୂଆ ମୁଖ୍ୟମନ୍ତ୍ରୀ ସାଇନି, କେହିବି ଜାଟ୍ ନୁହନ୍ତି । ଅନ୍ୟପକ୍ଷରେ ବିଜେପିର ହିସାର ସାଂସଦ ବୀରେନ୍ଦ୍ର ସିଂହ ଦଳରୁ ଇସ୍ତଫା ଦେଇ କଂଗ୍ରେସରେ ଯୋଗଦେଇଛନ୍ତି । ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ବିଜେପି ଛାଡି କଂଗ୍ରେସକୁ ଯିବା ନିଶ୍ଚୟ ଗୋଟିଏ ବିରଳ ପଦକ୍ଷେପ । ବିଜେପି ଛାଡିବାର କାରଣ ସମ୍ପର୍କରେ ସେ କହିଛନ୍ତି, କୃଷକ ବିରୋଧ, ମହିଳା କୁସ୍ତିଯୋଦ୍ଧ ସମ୍ମୁଖୀନ ହେଉଥିବା ଯୌନ ଉତ୍ପୀଡ଼ନ ଏବଂ ଅଗ୍ନିଭିର ଯୋଜନା ଉପରେ ସେ ସନ୍ତୁଷ୍ଟ ନୁହନ୍ତି । ଏହାକୁ ଏକ ସଙ୍କେତ ଭାବରେ ବ୍ୟାଖ୍ୟା କରାଯାଉଛି ଯେ ହରିୟାଣାର ଜାଟ ସମ୍ପ୍ରଦାୟ ଅସନ୍ତୁଷ୍ଟ । ଏ ସବୁ ଭିତରେ ବିଜେପିର ରଣନୀତି କି ପ୍ରକାର ପ୍ରଭାବ ପକାଇବ, ତାହା ଏବେଠାରୁ ଆକଳନ କରିବା କଷ୍ଟସାଧ ।

# କିମ୍ବଦନ୍ତୀ ମହିଳା ମାଳତୀ ଚୌଧୁରୀ



ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତର ମୁକ୍ତି ସଂଗ୍ରାମ କଥା ଉଠିଲେ ଓଡିଶାର ଏମିତି ଏକ ପରିବାରର କଥା ଉଠେ ଯେଉଁ ପରିବାର ଦେଶକୁ ସ୍ୱାଧୀନ କରିବା ଲାଗି ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇଥିଲେ । ସମ୍ଭ୍ରାନ୍ତପଣ ଓ ଜମିଦାରୀ ଥାଟକୁ ଆଡେଇଦେଇ ଏହି ପରିବାର ଦେଶର ସ୍ୱରାଜ୍ୟ ପାଇଁ ନିଜକୁ ଯେତିକି ସମର୍ପି ଦେଇଥିଲେ, ଓଡିଆ ସାହିତ୍ୟର ଅଭିବୃଦ୍ଧି ପାଇଁ ସେତିକି ସମର୍ପିତ ଥିଲେ । ଏହି ପରିବାର ହେଉଛି ଜଗତସିଂହପୁରର 'ଚୌଧୁରୀ ପରିବାର' । ଏହି ପରିବାରର ମୁଖିଆ ଥିଲେ ଗୋକୁଳାନନ୍ଦ ଚୌଧୁରୀ,ସେତେବେଳର ପ୍ରତିଷ୍ଠିତ ଆଇନଜୀବୀ ଓ ବିଶିଷ୍ଟ ଜମିଦାର । ମାଳତୀ ଚୌଧୁରୀ ଥିଲେ ଏହି ପରିବାରର ସାନ ବୋହୂ । ଏକାଧାରରେ ସେ ଥିଲେ ମହାନ୍ ଦେଶପ୍ରେମୀ, ଆଦର୍ଶ ସହଧର୍ମିଣୀ, ସୁଦକ୍ଷା ସଂଗଠିକା ଓ ସର୍ବୋପରି ଦରିଦ୍ର,ନିରନ୍ନ ଓ ବୁଭୁକ୍ଷୁ ମଣିଷର ସୁଖଦୁଃଖର ସାଥୀ । ଭାରତର ମୁକ୍ତି ସଂଗ୍ରାମରେ ମାଳତୀ ଚୌଧୁରୀ ଥିଲେ ଜଣେ ସ୍ୱୟଂସମ୍ପୂର୍ଣ୍ଣା ବିପ୍ଳବିନୀ । ଏଥିପାଇଁ ସେ ଲାଠି ମାଡ଼ ଖାଇଛନ୍ତି, କାରାବରଣ କରିଛନ୍ତି ଓ ବ୍ରିଟିଶ୍ ପୁଲିସ୍ ଫଉଜର ସାମ୍ନା କରିଛନ୍ତି ।

ଏହି କିମ୍ବଦନ୍ତୀ ମହିଳା ୧୯୦୪ ମସିହା ଜୁଲାଇ ୨୬ ତାରିଖରେ କଲିକତା ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଥିଲେ ସେତେବେଳର ପାଟନା ହାଇକୋର୍ଟର ସୁନାମଧନ୍ୟ ବାରିଷ୍ଟର କୁମୁଦନାଥ ସେନ୍ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଚୌଧୁରୀ ପରିବାରର କୁଳବଧୂ ଓ ମହାନ ଦେଶଭକ୍ତ ଓ ରାଷ୍ଟ୍ରନୀତିଜ୍ଞ ନବକୃଷ୍ଣ ଚୌଧୁରୀଙ୍କ ଧର୍ମପତ୍ନୀ । ବାଲ୍ୟକାଳରୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର, ବାପୁ ମହାତ୍ମା ଓ ସନ୍ଥ ବିନୋବାଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ସେମାନଙ୍କ ତ୍ୟାଗ ଓ ଆଦର୍ଶରେ ନିଜକୁ ଗଢି ନେଇଥିଲେ । ସେହିପରି ପରେ ବଡ଼ ଯା' ରମାଦେବୀ, ଦେଢଶୁର ଗୋପବନ୍ଧୁ ଚୌଧୁରୀ, ସ୍ୱାମୀ ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶ ତାଙ୍କୁ ଜଣେ ସଫଳ ନାରୀନେତ୍ରୀ ହେବାରେ ଯଥେଷ୍ଟ ସହାୟକ ହୋଇଥିଲା । ଆଉ ତା' ପରର ଘଟଣା ଥିଲା ଏକ ସ୍ୱର୍ଣ୍ଣାଭ ଇତିହାସ ।

୧୯୨୭ ମସିହା ଜୁଲାଇ ୨୭ ତାରିଖରେ ମାଳତୀ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କଲାପରେ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା । ଏହାପରେ ସେ ମାଳତୀ ଚୌଧୁରୀ ହୋଇ ଏକ ମହାନ ବିପ୍ଳବିନୀ ମହିଳା ରୂପେ ଆତ୍ମପ୍ରକାଶ କରିଥିଲେ । ଦାମ୍ପତ୍ୟ ସୁଖକୁ ପଛରେ ପକାଇ ମାଳତୀ ଚୌଧୁରୀ ଜମିଦାର ଉଆସ ଛାଡି ତରିକୁନ୍ଦ ଠାରେ ଥିବା କୃଷି ଫାର୍ମରେ ଯାଇ ରହିଲେ । କଲିକତାର ସୁନାମଧନ୍ୟ ବାରିଷ୍ଟରଙ୍କ ଝିଅ ମାଳତୀଙ୍କ ପାଇଁ ନା ସେଠାରେ ଥିଲା ଗାଧୁଆଘର ନା ପାଇଖାନା । ଆଦର୍ଶ ପତ୍ନୀ ଥିଲେ ସେ । ସେଠାରେ ସ୍ୱାମୀ ନବକୃଷ୍ଣଙ୍କ ସହ ମିଶି ଚଳିବାରେ ମାଳତୀ ଦେବୀଙ୍କର କୌଣସି ଆପତ୍ତି ନଥିଲା । ଏହି କୃଷି ଆଶ୍ରମରେ ମାଳତୀ ଦେବୀ ସ୍ୱାମୀଙ୍କ ସହ ମିଶି କୃଷିକାର୍ଯ୍ୟ ଆରମ୍ଭ କରିଥିଲେ । ଏଥସହିତ ନୈଶ୍ୟ ବିଦ୍ୟାଳୟ ସ୍ଥାପନ, ଅସ୍ପୃଶ୍ୟତା ନିବାରଣ ଓ ଯୁବ ସଂଗଠନ ଆଦି କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିଥିଲେ ସେ । ସ୍ୱାମୀ ସ୍ତ୍ରୀ ଉଭୟେ କିଛିଦିନ ଏହି ଫାର୍ମରେ ରହିବା ପରେ ତରିକୁନ୍ଦ କୃଷିଫାର୍ମକୁ କର୍ମୀସଂଘକୁ ଦାନ କରିଦେଇଥିଲେ । ମାଳତୀ ଦେବୀ ନିଜର ସମସ୍ତ ସୁନା ଗହଣାକୁ ସଂଘ ହାତରେ ଅର୍ପଣ କରିଦେଇଥିଲେ । ଏଥିରୁ ମିଳିଥିବା ଟଙ୍କାରେ କଂଗ୍ରେସ ସମାଜବାଦୀ କର୍ମୀସଂଘର ମୁଖପତ୍ର 'ସାରଥୀ' ପତ୍ରିକା ପ୍ରକାଶିତ ହୋଇଥିଲା । ୧୯୩୪ରେ ଏହି ସଂଘ ସର୍ବ ଭାରତୀୟ କଂଗ୍ରେସ ଦଳରେ ମିଶିଯାଇଥିଲା ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମା ଗାନ୍ଧି ଲବଣ ସତ୍ୟାଗ୍ରହ ଡାକରା ଦେଲେ । ଓଡ଼ିଶାର ଇଞ୍ଚୁଡି ଓ କୁଜଙ୍ଗରେ ଏହି ଲବଣ ଆଇନ ଭଙ୍ଗକରି ମାଳତୀ ଚୌଧୁରୀ ଜେଲ୍ ଗଲେ । ଏହାପରେ ବିଦେଶୀ ଦ୍ରବ୍ୟ ବର୍ଜନ, ନିଶା ନିବାରଣ ଓ ଗାଁ ଗାଁ ବୁଲି ସତ୍ୟାଗ୍ରହ କାର୍ଯ୍ୟ କରିବା ଯୋଗୁ ସେ ବନ୍ଦୀ ହୋଇ ପୁଣି ଛ' ମାସ ପାଇଁ ଶିଶୁକନ୍ୟା ଉତ୍ତରା ସହ ଭାଗଲପୁର ସେଣ୍ଟ୍ରାଲ୍ ଜେଲ୍‌ରେ ରହିଲେ । ୧୯୩୧ ମସିହା ଗାନ୍ଧି–ଇରୱିନ୍ ଚୁକ୍ତିରେ ମାଳତୀ ଦେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୁନଶ୍ଚ ୧୯୩୨ରେ ଗିରଫ ହୋଇ ଶିଶୁପୁତ୍ର ବିନାୟକ ସହ ହଜାରିବାଗ୍ ଜେଲ୍‌ରେ ରହିଥିଲେ । ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବାରୁ ବ୍ରିଟିଶ୍ ସରକାର ତାଙ୍କୁ ଅଟକବନ୍ଦୀ କରି ରଖିଥିଲେ । ସେତିକିବେଳେ ତାଙ୍କ ବଡଝିଅ ଉତ୍ତରା ମାତ୍ର ୧୫ ବର୍ଷ ବୟସରେ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ ।

୧୯୪୨ରେ ଜେଲ୍‌ରୁ ମୁକ୍ତି ପାଇବା ପରେ ଦୁସ୍ଥ, ଦରିଦ୍ର, ଆଦିବାସୀ ଓ ଅନାଥ ଶିଶୁଙ୍କ ସେବା କରିବା ପାଇଁ ମାଳତୀ ଚୌଧୁରୀ ଅନୁଗୁଳ ଠାରେ ଆରମ୍ଭ କରିଥିଲେ ବାଜିରାଉତ ଛାତ୍ରାବାସ । ବାଜିରାଉତଙ୍କ ସ୍ମୃତିରେ ଆରମ୍ଭ ଏହି ଛାତ୍ରାବାସରେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସେ । ନବବାବୁ ଓ ମାଳତୀ ଦେବୀ ଏହି ଛାତ୍ରାବାସର ବାପାମାଆ ସଦୃଶ ଥିଲେ । ଏହି ଛାତ୍ରାବାସରେ ସେ ଦୁହେଁ ବାପି ଓ ନୁମା ନାମରେ ପରିଚିତ ଥିଲେ । ଦେଶ ସ୍ୱାଧୀନ ହେବାପରେ ମଧ୍ୟ ସେ ଆଦିବାସୀ ସେବା, ନାରୀ ଜାଗରଣ, କର୍ମୀ ତାଲିମ୍ ଆଦି କାର୍ଯ୍ୟକ୍ରମ କରିବା ସଙ୍ଗେ ସଙ୍ଗେ ଅନ୍ୟାୟ ଓ ଅନୀତି ବିରୋଧରେ ଜୀବନପଣ କରି ଲଢୁଥିଲେ । ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବି ମାଳତୀ ଦେବୀ ନିଜର କର୍ମକ୍ଷେତ୍ର ବାଜିରାଉତ ଛାତ୍ରାବାସ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ହୋଇ ରହିଥିଲେ । ଆଦିବାସୀଙ୍କ ମଧ୍ୟରୁ ଅଜ୍ଞାନ ଓ ଦାରିଦ୍ର୍ୟ ଦୂର କରିବା ପାଇଁ ଏବଂ ସେମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ଓ ଶୋଷଣକୁ ବନ୍ଦ କରିବା ପାଇଁ ସେ ଉତ୍କଳ ନବଜୀବନ ମଣ୍ଡଳ ଗଢିଥିଲେ ।

ଜଣେ ବିପ୍ଳବିନୀ ଭାବେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିବା ସହିତ ସମାଜରୁ ଦୁର୍ନୀତି, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାରେ ମାଳତୀ ଦେବୀଙ୍କ ଦୃଢତା ତାଙ୍କୁ ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଦେଇଛି । ଖଟିଖିଆ ମଣିଷ, ଦରିଦ୍ର ଚାଷୀ ଓ ମଜଦୁର ହୃଦୟରେ ପ୍ରାଣ ସଂଚାର କରିବା ଥିଲା ତାଙ୍କ ଜୀବନର ବ୍ରତ । ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳଧରି ମାନବ ସେବାରେ ନିଜକୁ ସେ ଉତ୍ସର୍ଗୀକୃତ କରିଛନ୍ତି । ସ୍ନେହ, ଆଦର ଓ ସେବାଯତ୍ନ ଯୋଗୁଁ ତାଙ୍କୁ ୧୯୮୭ରେ ଜାତୀୟ ପୁରସ୍କାର ମିଳିଥିଲା । ମହିଳା, ଶିଶୁକଲ୍ୟାଣ ଓ ଉନ୍ନୟନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୧୯୮୮ରେ ତାଙ୍କୁ ଯମୁନାଲାଲ ବଜାଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏସବୁ ଅର୍ଥକୁ ସେ ମାଳତୀ ଦେବୀ–ନବକୃଷ୍ଣ ଟ୍ରଷ୍ଟ ଗଠନରେ ବିନିଯୋଗ କରିଥିଲେ । ୧୯୯୫ରେ ଉତ୍କଳ ସମ୍ମାନ ଓ ୧୯୯୮ରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ସମ୍ମାନ 'ଦେଶୀକୋତ୍ତମ' ଉପାଧିରେ ତାଙ୍କୁ ଭୂଷିତ କରାଯାଇଥିଲା ।

୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ମହୀୟସୀ ମହିଳା ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ବାଜିରାଉତ ଛାତ୍ରାବାସରେ । ତାଙ୍କ ପ୍ରଦର୍ଶିତ ମାର୍ଗ ଓ ଉତ୍ସର୍ଗୀକୃତ ଜୀବନର ଆଦର୍ଶ ଇତିହାସର ପାଣ୍ଡୁଲିପି ହୋଇରହିଛି । ସେ ପାଣ୍ଡୁଲିପିକୁ ପଢିବାର ଅଛି ଓ ତାର ସାରମର୍ମକୁ ବୁଝିବାର ଅଛି ।

**ସଭାପତି, ସାରସ୍ୱତ ପରିଷଦ**
**ଜଗତସିଂହପୁର ମୋ–୯୯୩୭୧୫୧୦୫୨**

# ସଚେତନତା ଓ ଉପଭୋକ୍ତା



ସୌର ଚନ୍ଦ୍ର ମହାପାତ୍ର

ପ୍ରତି ବର୍ଷ ମାର୍ଚ୍ଚ ୧୫ରେ ପାଳିତ ହୁଏ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ । ୧୫ ମାର୍ଚ୍ଚ ୧୯୬୨ରେ ଏକ ଭାଷଣରେ ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡ଼ି କହିଥିଲେ ଏହାର ସଂଜ୍ଞା ଅନୁଯାୟୀ ଉପଭୋକ୍ତାର ଅର୍ଥ ଆମେ ସମସ୍ତେ । ଉପଭୋକ୍ତା ହେଉଛି ସବୁଠାରୁ ବଡ଼ ବିତ୍ତୀୟ ଗୋଷ୍ଠୀ । ପ୍ରାୟ ସମସ୍ତ ଘରୋଇ ତଥା ସରକାରୀ ବିତ୍ତୀୟ ନିଷ୍ପତ୍ତି ଦ୍ୱାରା ଉପଭୋକ୍ତାମାନେ ହିଁ ସର୍ବାଧିକ ପ୍ରଭାବିତ ହୁଅନ୍ତି । ଏହା ସତ୍ତ୍ୱେ ଏହା ଏଭଳି ଏକ ଗୋଷ୍ଠୀ, ଯାହାର ସ୍ୱର କାହାର କାନରେ ପଡ଼େନାହିଁ । ପରବର୍ତ୍ତୀ କାଳରେ କେନେଡ଼ିଙ୍କ ଏହି ଭାଷଣ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇ, ଉପଭୋକ୍ତା ଅଧିକାର ସକ୍ରିୟବାଦୀ ଅନୱାର ଫଜଲ, ଏ ବାବଦରେ ଜନସଚେତନତା ସୃଷ୍ଟି ପାଇଁ ୧୫ ମାର୍ଚ୍ଚ ୧୯୮୩ରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ ଆରମ୍ଭ କରିଥିଲେ । ସଂପ୍ରତି କଂଜ୍ୟୁମର ଇଣ୍ଟରନେସନାଲ୍ ଆନୁକୂଲ୍ୟରେ ସାରା ବିଶ୍ୱରେ ଏହି ଦିବସ ପାଳନ କରାଯାଉଛି । ୧୨୦ଟି ଦେଶରେ ଏହି ସଂସ୍ଥା ସକ୍ରିୟ । ଏହି ଅଣ ଲାଭକାରୀ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ଲଣ୍ଡନରେ ଅବସ୍ଥିତ ।

ଚିଲି, ଦକ୍ଷିଣ ଆଫ୍ରିକା, ମାଲେସିୟା ଏବଂ ଓମାନରେ ଏହାର ଶାଖା କାର୍ଯ୍ୟାଳୟମାନ ରହିଛି । ଉପଭୋକ୍ତାଙ୍କୁ ସେମାନଙ୍କ ଅଧିକାର ବାବଦରେ ସଚେତନ କରାଇବା ଲକ୍ଷ୍ୟ ନେଇ ଏହି ସଂସ୍ଥା ୧୯୬୦ରୁ କାର୍ଯ୍ୟ କରୁଛି । ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ପ୍ରୟୋଗ ହେବା ସହ ଲୋକମାନେ ଉତ୍ପାଦର ବ୍ୟବହାର ଠାରୁ ବିଜ୍ଞାପନ ଏବଂ ବ୍ୟବସାୟ ଆଦି ସମସ୍ତ ବ୍ୟବସ୍ଥାରେ ଏଆଇକୁ ଉପଯୋଗ କରୁଛନ୍ତି । ଏହି ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ବିଶ୍ୱ ସମୁଦାୟରେ ଗ୍ରାହକମାନେ କିପରି ସେବା ସଠିକ ଉତ୍ପାଦ ପାଇପାରିବେ ଏ ନେଇ ଧ୍ୟାନ କେନ୍ଦ୍ରିତ କରିବା । ଖାଉଟିମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ବିଶ୍ୱ ଖାଉଟି ଅଧିକାର ଦିବସ ପ୍ରତି ବର୍ଷ ପାଳନ ହୋଇ ଆସୁଛି । ଚଳିତ ଅର୍ଥାତ୍ ୨୦୨୪ ବର୍ଷର ବିଶ୍ୱ ଖାଉଟି ଅଧିକାର ଦିବସର ବାର୍ତ୍ତା ହେଉଛି – 'ଖାଉଟିମାନଙ୍କ ପାଇଁ ଯଥାର୍ଥ ତଥା ଦାୟିତ୍ୱବାନ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ' ।

ରାଜ୍ୟର ଜଣେ ବ୍ୟକ୍ତିଙ୍କୁ ଏକ ସପିଂ ମଲ ମାତ୍ର ଛଅ ଟଙ୍କା ମୂଲ୍ୟର କ୍ୟାରି ବ୍ୟାଗ ଦେଲାନାହିଁ । ପରବର୍ତ୍ତୀ ସମୟରେ ଜିଲ୍ଲା ଖାଉଟି ଅଦାଲତରେ ସେ ସପିଂ ମଲ ଠାରୁ କ୍ଷତି ପୂରଣ ବାବଦରେ ୨୫ ହଜାର ଟଙ୍କା ପାଇଲେ । ସୂଚନାଥାଉକି ୨୪୯ଟଙ୍କା ମୂଲ୍ୟର ଟି ସାର୍ଟ କିଣିଥିଲେ କିନ୍ତୁ କ୍ୟାସ କାଉଣ୍ଟରରେ ତାଙ୍କୁ ଏ ବ୍ୟାଗ ପାଇଁ ଅତିରିକ୍ତ ଛଅଟଙ୍କା ମଗା ଯାଇଥିଲା । ତେବେ ସେହି ସପିଂ ମଲରେ କ୍ୟାରି ବ୍ୟାଗ ପାଇଁ ଅତିରିକ୍ତ ଦେୟ ପ୍ରଦାନ ନିମିତ୍ତ କୌଣସି ସୂଚନା ନଥିବାରୁ ସେ ରାଜ୍ୟ ଆୟୋଗରେ ଥିବା କାଉନସେଲିଂ ସେଣ୍ଟର ଓ ଜିଲ୍ଲା ଖାଉଟି ଅଦାଲତରେ ଅଭିଯୋଗ ଦରଜ କରିଥିଲେ । ଜଣେ ଗ୍ରାହକକୁ ମାନସିକ କଷ୍ଟ, ନିର୍ଯ୍ୟାତନା ନିମିତ୍ତ ୧୫ ହଜାର ଟଙ୍କା ସହିତ କ୍ଷତିପୂରଣ ଓ ନିୟମ ଉଲ୍ଲଂଘନ ବାବଦକୁ ୧୦ ହଜାର ଟଙ୍କା ସମୁଦାୟ ୨୫ ହଜାର ଟଙ୍କା ସେ ସପିଂ ମଲ କର୍ତ୍ତୃପକ୍ଷ ଖାଉଟିଙ୍କୁ ପ୍ରଦାନ କରିଥିଲେ । ସେହିପରି ସମ୍ବଲପୁରର ଜଣେ ଭଦ୍ର ବ୍ୟକ୍ତି ତାଙ୍କ ଦସ୍ତାବିଜ୍‌ର ଫଟୋ କପି ବାବଦ ଦୁଇଟଙ୍କା ଦେବାକୁ ତାଙ୍କ ପାଖରେ ଥିବା ପାଞ୍ଚଟଙ୍କିଆ ନୋଟ ଦେଇଥିଲେ କିନ୍ତୁ ଦୋକାନୀ ଜଣଙ୍କ ତିନିଟଙ୍କା ନ ଫେରାଇ ବରଂ ଦୁର୍ବ୍ୟବହାର ପ୍ରଦାନ କରିଥିଲେ । ଜଣେ ଖାଉଟିଙ୍କ ବା ଗ୍ରାହକଙ୍କ ପ୍ରତି ସମ୍ପୃକ୍ତ ବ୍ୟବସାୟୀଙ୍କ ଅଣପେଷାଦାର ଆଚରଣକୁ ସେ ଗ୍ରହଣ କରିପାରିନଥିଲେ ଓ ଏ ମାମଲା ଖାଉଟି ଅଦାଲତରେ ଦାଏର କରିଥିଲେ । କ୍ଷତିପୂରଣ ବାବଦକୁ ତାଙ୍କୁ ୨୫ ହଜାର ଟଙ୍କା ମିଳିଥିଲା । ଇଏ ଥିଲା ଭାତ ହାଣ୍ଡିରୁ ଦୁଇଟି ଉଦାହରଣ । ଏପରି ଘଟଣା ନିୟମିତ ଭାବେ ଆମେ ପ୍ରାୟତଃ ସାମ୍ନା କରୁଛୁ । ଖାଉଟି ଉପଭୋକ୍ତା ନିୟମ ଭିତରେ ରାସ୍ତା କଡ଼ରେ ବିକ୍ରି କରୁଥିବା ସାଧାରଣ ଦୋକାନିଟିଏ ହୁଅନ୍ତୁ ବା ବଡ଼ ସପିଂ ମଲ କମ୍ପାନୀ ସମସ୍ତେ ଏହି ନିୟମରେ ଅନ୍ତର୍ଭୁକ୍ତ ।

ବାସ୍ତବ କଥା ହେଉଛି କେବଳ ଓଡ଼ିଶା ବା ଭାରତରେ ନୁହେଁ ସାରା ବିଶ୍ୱରେ ପ୍ରତିଦିନ ଅନେକ ଲୋକ ଠକାମିରେ ଶିକାର ହେଉଥିଲେ ମଧ୍ୟ ପ୍ରାୟତଃ ଖାଉଟିମାନେ ନିଜ ଅଧିକାର ଓ ସୁରକ୍ଷା ସମ୍ପର୍କରେ ଅଜ୍ଞ ଥିବାରୁ ଅନେକ ଲୋକେ ନିଜ ଭାଗ୍ୟକୁ ନିନ୍ଦା କରି ଚୁପଚାପ ରହିଯାଆନ୍ତି । ଏପରି ଅନେକ ଲୋକ ରହିଛନ୍ତି ଯେଉଁମାନେ ଏହାକୁ ନିଜେ ମାମୁଲି ଭାବି ଦୁଇଟଙ୍କାର କଥା, ବା ପାଞ୍ଚଟଙ୍କାର କଥା ବା ଟଙ୍କା ଦଶଟାର କଥା କହି ନିଜେ ନୀରବ ରହିଯାଆନ୍ତି ଏହା ଆଦୌ ଠିକ୍ ନୁହେଁ । କାରଣ ଆପଣଙ୍କର ଏହି ସରଳ ନିରୁତ୍ସାହଜନିତ ନୀରବତା ସେପରି ଧୂର୍ତ୍ତ ମାନଙ୍କୁ ଉଚିତ ଶିକ୍ଷା ଦେଇପାରିନଥାଏ ଯାହାଦ୍ୱାରା ସେମାନେ ଅନ୍ୟମାନଙ୍କୁ ଠକିବାର ସାହାସ ପାଇଥାନ୍ତି । ଅସଲ କଥା ହେଉଛି ଜଣେ ଗ୍ରାହକ ସଚେତନ ଥିଲେ ଯେ କୌଣସି ବ୍ୟବସାୟୀ ତାଙ୍କୁ ଠକିବା ଏତେ ସହଜ କଥା ନୁହେଁ । ଆଉ ଯଦିବା ଠକିବା ପାଇଁ ଚେଷ୍ଟା କରନ୍ତି ଗ୍ରାହକ ଜଣଙ୍କ ବ୍ୟବସାୟୀଙ୍କୁ ଖାଉଟି ଅଦାଲତକୁ ଟାଣି ପାରିବେ । କେବଳ ଛୋଟ ବ୍ୟବସାୟୀ ନୁହଁନ୍ତି ଯେ କୌଣସି ନାମିଦାମୀ କମ୍ପାନୀ ହୋଇଥିଲେ ମଧ୍ୟ ସେମାନେ ଏଥିରୁ ବର୍ତ୍ତି ପାରିବେ ନାହିଁ । କେବଳ ଦରଦାମ ମୂଲ୍ୟ ନୁହେଁ ଖାଦ୍ୟର ଗୁଣବତ୍ତା ମଧ୍ୟ ମାମଲାରେ ଅନ୍ତର୍ଭୁକ୍ତ ।

ସେହିପରି ସୂଚୀତ ବ୍ୟବସ୍ଥାରେ ଉଲ୍ଲେଖଥାଇ ତାହା ସାମଗ୍ରୀରେ ଉପଲବ୍ଧ ନଥିଲେ ଏହା ମଧ୍ୟ ଖାଉଟି ମାମଲାରେ ଅନ୍ତର୍ଭୁକ୍ତ ହୋଇପାରିବ । କଥାରେ ଅଛି 'ଅନ୍ଧ ଥରେ ବାଡ଼ି ହଜାଏ' । ଆଉ ଯଦି ଆପଣ କୌଣସି ପରିସ୍ଥିତିରେ କେବେ ବି, କେଉଁଠାରେ ବି ବ୍ୟବସାୟୀଙ୍କ ଠକାମି ବା ନିଜ ଅସାବଧାନତା କାରଣରୁ ଏହାର ଶିକାର ହେଉଛନ୍ତି ତେବେ ଏହାକୁ ପୁନରାବୃତ୍ତି କରିବାର ସୁଯୋଗ ଦିଅନ୍ତୁ ନାହିଁ ।

ଆଜିକାଲି ଗ୍ରାହକଙ୍କ ଅଧିକାରକୁ ସୁରକ୍ଷିତ ରଖି ସେମାନଙ୍କୁ ବିଭିନ୍ନ ସ୍ତରରେ ଖାଉଟି ଅଦାଲତ ହେଉ, ଖାଉଟି ଫୋରମ, ଖାଉଟି ମଞ୍ଚ ପରି ବିଭିନ୍ନ ବ୍ୟବସ୍ଥା ରହିଛି ସେମାନଙ୍କର ସହଯୋଗ ନିଅନ୍ତୁ ଆଉ ଏପରି ଠକ ଓ ଧୂର୍ତ୍ତ ମାନଙ୍କୁ ଉଚିତ ଶିକ୍ଷା ଦେବା ସହ ନିଜ ଅଧିକାର ଲଢ଼ିବାକୁ ପ୍ରେରଣା ସୃଷ୍ଟି କରିବା ସହ ଏହା ଅନ୍ୟମାନଙ୍କ ପାଇଁ ଯେପରି ପ୍ରେରଣାଦାୟୀ ହେବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ ।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା**
**ହାଇକୋର୍ଟ,'ସତ୍ୟାଳୟ'**
**ପ୍ଲଟ ନଂ – ୧୦୮୭/ଡ଼ି, ସେକ୍ଟର–୬,**
**କଟକ, ମୋ–୯୪୩୭୦୦୪୪୬୬**

# ଶାସ୍ତ୍ର ଆଉ ଜୀବନ...

ଜଣେ ବ୍ୟକ୍ତି ନିଜ ରାସ୍ତାରେ ଯାଉଥିଲେ । ସେ ଜଣେ ବ୍ରାହ୍ମଣ ଥିଲେ ଆଉସିଧା ସାଧା ଲୋକଥିଲେ । ହଠାତ୍ ଜଣେ କଂସେଇ ଦୌଡିକରି ଆସିଲା । ସେ ନିଜର ଗାଈକୁ ଖୋଜୁଥିଲା, ଯିଏ ତା'ହାତରୁ ଖସିକରି ପଳେଇ ଥିଲା । ସେ ସେହି ବ୍ରାହ୍ମଣଙ୍କୁ ପଚାରିଲେ, ଆପଣ ଦେଖିଛନ୍ତି କି ଏହିବାଟ ଦେଇ କୌଣସି ଗାଈର ଯିବାର ! କଂସେଇ ହାତରେ କଟୁରୀ ଥିଲା । ବ୍ରାହ୍ମଣ ତାକୁ ଟିକିଏ ଭଲ ଭାବରେ ଦେଖିଲେ ଆଉ ନିଶ୍ଚିନ୍ତ ହୋଇଗଲେ କି ସେ ବ୍ୟକ୍ତି ଜଣେ କଂସେଇ । ଆଉ ତା'ର ଆଖି କହୁଥିଲା ସେ ସେହି ଗାଈକୁ ଏହି ମୁହୂର୍ତ୍ତରେ ହାଣି ଦେବ ।

ସେ ଖାଲି କହୁଥାଏ ଗାଈଟା ଏପଟେ ଯାଇଛି ନା'ସେପଟେ ଯାଇଛି । ଏବେ ବ୍ରାହ୍ମଣ ଟିକିଏ ଅସୁବିଧାରେ ପଡିଗଲେ । ସେ ବହିରେ ପାଠ ପଢିଥିଲେ କି ମିଛ କହିବା ନିଷିଦ୍ଧ କର୍ମ ଅଟେ । ଯଦି ସତ୍ୟକହି ଦେବେ ତା'ହେଲେ, ସେ କଂସେଇ ଗାଈକୁ ଧରି ପକେଇବ । ଆଉ ତା'ର ହତ୍ୟା କରିଦେବ । ଆଉ ହତ୍ୟାରେ ଭାଗିଦାରୀ ହେବା ନିଷିଦ୍ଧ ଅଟେ । ଯଦି ମିଛ କହିବି, ତା'ହେଲେ ମଧ୍ୟ ନିଷିଦ୍ଧ କର୍ମହେବ, ସତ୍ୟ କହିଲେ ମଧ୍ୟ ନିଷିଦ୍ଧ କର୍ମହୋଇକରି ରହିବ । ଏବେ ବ୍ରାହ୍ମଣ ବହୁତ ମୁଷ୍କିଲ୍‌ରେ ପଡିଗଲେ । ଆଉ କଂସେଇ ଏପଟେ ରାଗିକରି କହିଲା, ଜଲ୍ଦି କୁହ ଯଦି ଜଣା ଅଛି ତା'ହେଲେ କୁହ, ଯଦି ଜଣା ନାହିଁତା'ହେଲେ କହିଦିଅ କି ମୋତେ ଜଣା ନାହିଁ । ସେ ବ୍ରାହ୍ମଣ କହିଲେ, ମୁଁ ଏବେ ଟିକିଏ ଅଡୁଆରେ ପଡି ଯାଇଛି ।

ମୋତେ ଟିକିଏ ଭାବିବାକୁ ସମୟ ଦିଅ । ନିଷିଦ୍ଧ କର୍ମର କଥା ଥିଲା । ଏବେ ସେ କଂସେଇ କହିଲା, ଆରେ ପାଗଳ ! ମୁଁ ପଚାରୁଛି ପରା ଗାଈ ମୋର କେଉଁଠି ଅଛି ? ଏଠାରେ ନିଷିଦ୍ଧ କର୍ମର କୌଣସି ପ୍ରଶ୍ନ ନାହିଁ । କେବଳ ଗାଈର ପ୍ରଶ୍ନ ଉଠୁଛି । ଗାଈ କୁଆଡେ ଗଲା ? ଯଦି ଦେଖିଛ କୁହ, ଯଦି ନ ଦେଖିଛ ତା'ହେଲେ କୁହ ଯେ ନା'ମୁଁ ଦେଖିନି । ସେ କହିଲେ ଟିକିଏ ରୁହ । ପ୍ରଶ୍ନ ନିଷିଦ୍ଧ କର୍ମର ।

ଜୀବନଟା ବହୁତ ଜଟିଳ । ସେଥିରେ ବସ୍ତୁ ଏମିତି ହୋଇ ନଥାଏ । ଯେମିତି ଶାସ୍ତ୍ରରେ ହୋଇଥାଏ । ଶାସ୍ତ୍ର ସରଳ ଅଟେ । କିଛିଲୋକ ଶାସ୍ତ୍ରକୁ ଜଟିଳ ବୋଲି ଭାବନ୍ତି, ଆଉ ଜୀବନକୁ ସରଳ ଭାବିଥାନ୍ତି । କିନ୍ତୁ ମୋ ମତରେ ଶାସ୍ତ୍ର ବିଲକୁଲ୍ ସରଳ ଆଉ ଜୀବନ ବହୁତ ଜଟିଳ । କାହିଁକିନା ଶାସ୍ତ୍ରରେ ସବୁ ପ୍ରଶ୍ନ ନିର୍ଣ୍ଣିତ ପ୍ରଶ୍ନ ଅଟେ । ଜୀବନର ସବୁ ପ୍ରଶ୍ନ ଅନିର୍ଣ୍ଣିତ ଅଟେ । ସେଠାରେ ପ୍ରତିଫଳକୁ ନିର୍ଣ୍ଣୟ କରିବାକୁ ପଡିଥାଏ । କି କ'ଣ କରିବି? ଆଉ ଏମିତି କ୍ଷଣ ସବୁବେଳେ ଆସେ, ଯେତେବେଳେ କେବେ ବି ଶାସ୍ତ୍ର ସାଥ୍ ଦେଇ ନଥାଏ ସେତେବେଳେ ସ୍ୱୟଂକୁ ନିର୍ଣ୍ଣୟ କରିବାକୁ ପଡିଥାଏ ।

**ମନୋଜ କୁମାର ବେହେରା**
**ବାୟାବାବା ମଠ ଲେନ୍,**
**ୟୁନିଟ୍–୯,ଭୁବନେଶ୍ୱର**
**ମୋ–୭୯୭୮୮୩୦୬୧୧**

ଦେଶରେ '**ସିଏଏ କାର୍ଯ୍ୟକାରୀତା**' ହେବା ନେଇ ଆପଣଙ୍କ ମତାମତ ଆମକୁ ଏକ ସପ୍ତାହ ମଧ୍ୟରେ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

## ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ନୂତନ ଆଲୋକବର୍ତ୍ତିକା

# ବଡପଡାରେ ନୂତନ ଶିକ୍ଷା ସୌଧ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ସ୍ୱାଭିମାନ ଅଞ୍ଚଳରେ ସୃଷ୍ଟି ହୋଇଛି ଶିକ୍ଷାର ନୂତନ ଆଲୋକବର୍ତ୍ତିକା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନଫରେନ୍ସିଂ ଜରିଆରେ ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ବଡପଡାଠାରେ ଏକ ଅତ୍ୟାଧୁନିକ ଶିକ୍ଷା ସୌଧ ଉଦଘାଟନ କରିଛନ୍ତି ।



ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ମାଲକାନଗିରି ସବୁବେଳେ, ସବୁ କାମରେ ମୋର ପ୍ରଥମ ପସନ୍ଦ ହୋଇ ରହି ଆସିଛି । ଟଙ୍କିକିଆ ଚାଉଳ ହେଉ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ ବା ଲକ୍ଷ୍ମୀ ଯୋଜନା ସବୁ କାର୍ଯ୍ୟକ୍ରମ ମୁଁ ପ୍ରଥମେ ଏହିଠାରୁ ହିଁ ଆରମ୍ଭ କରି ଆସିଛି । ପିଲାମାନଙ୍କ ପାଠ ପଢାର ସୁବିଧା ତଥା ସେମାନଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଏହି ଅନୁଷ୍ଠାନ ଗଢା ଯାଇଛି । ଏହି ସବୁ ସୁବିଧା ସହରର କୌଣସି ଆଧୁନିକ ଶିକ୍ଷା ଅନୁଷ୍ଠାନର ସୁବିଧାଠାରୁ କମ୍ ନୁହେଁ ବୋଲି ସେ କହିଥିଲେ । ସ୍ୱାଭିମାନ ଅଞ୍ଚଳର ପିଲାମାନେ ଏହାର ସୁଯୋଗ ନେଇ ନିଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢିବେ ବୋଲି ସେ ଆଶା ଓ ବିଶ୍ୱାସ ପ୍ରକଟ କରିଥିଲେ । ଶୃଙ୍ଖଳା, ପ୍ରତିବଦ୍ଧତା ସହିତ କଠିନ ପରିଶ୍ରମ ଓ ନିଷ୍ଠାର ସହ କାମ କଲେ ସଫଳତାର ମାର୍ଗ ପ୍ରଶସ୍ତ ହୁଏ ବୋଲି ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଶିକ୍ଷା ସୌଧରେ ଥିବା ସମସ୍ତ ସୁବିଧାର ଉପଯୋଗ କରି ନିଜର ପ୍ରତିଭାର ବିକାଶ ପାଇଁ କାମ କରିବାକୁ ସେ କହିଥିଲେ । ନିଜ ପରିବାର, ନିଜ ସ୍କୁଲ ଓ ନିଜ ଗାଁ ପାଇଁ ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ । ଅନୁସୂଚିତ ଜାତି ଓ ଜନଜାତି ପିଲାମାନେ ପାଠପଢାଠାରୁ ଖେଳ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବହୁତ ଭଲ ପ୍ରଦର୍ଶନ କରୁଛନ୍ତି ମତ ଦେଇ ମୁଖ୍ୟମନ୍ତ୍ରୀ ଏଥିପାଇଁ ଖୁସି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଯୋଗଦେଇ କହିଥିଲେ ଯେ ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ଏକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏହା ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳର ଯୁବଗୋଷ୍ଠୀ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପାଇବେ । ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ମାଲକାନଗିରିରୁ ହିଁ କରାଯାଇଛି । ସ୍ୱାଭିମାନ ଅଞ୍ଚଳର ବିକାଶ ନିମନ୍ତେ ସେତୁ ଯୋଜନାର ପରିକଳ୍ପନା ଜରିଆରେ ଅଞ୍ଚଳରେ ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା ଭିତ୍ତିଭୂମିର ବିକାଶ ହୋଇପାରିଛି ।

ଏହି ଶିକ୍ଷା ସୌଧରେ ପ୍ରଥମରୁ ଉଚ୍ଚ ମାଧ୍ୟମିକ (ଦ୍ୱାଦଶ ଶ୍ରେଣୀ) ପର୍ଯ୍ୟନ୍ତ ପିଲାମାନେ ଗୋଟିଏ ସ୍ଥାନରେ ଶିକ୍ଷା ଲାଭ କରିପାରିବେ । ୭ ଏକର ଜମିରେ ସ୍ଥାପନ କରାଯାଇଥିବା ଏହି ଆଧୁନିକ ଶିକ୍ଷା ସୌଧ ପାଇଁ ୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏଥିରେ ୧,୦୦୦ ରୁ ଅଧିକ ପିଲା ପାଠ ପଢିବେ । ଭବିଷ୍ୟତ ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବାକୁ ଏଥିରେ ସମସ୍ତ ଆଧୁନିକ ସୁବିଧା ସୁଯୋଗ ରହିଛି । ସ୍ମାର୍ଟ କ୍ଲାସ ରୁମ, ୩ ହଜାର ପୁସ୍ତକ ବିଶିଷ୍ଟ ଇ-ଲାଇବ୍ରେରୀ, ଟ୍ରାଇବାଲ କର୍ଣ୍ଣର, କୁନି ପିଲାଙ୍କ ଆକ୍ଟିଭିଟି ରୁମ, ଏନସିସି ପ୍ରକୋଷ୍ଠ, କମ୍ପ୍ୟୁଟର ଲ୍ୟାବ, ବିଜ୍ଞାନ ପରୀକ୍ଷାଗାର, ୨୦୦ ଆସନ ବିଶିଷ୍ଟ ଛାତ୍ରାବାସ, ୫୦୦ ଆସନ ବିଶିଷ୍ଟ ଛାତ୍ରୀନିବାସ, ଓପନ ଜିମ, ସୋଲାର ସୁବିଧା ରହିଛି । କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ପରିଷଦ ସଭାପତି ସମାରୀ ଟାଙ୍ଗୁଲୁ ଏହି ଶିକ୍ଷା ସୌଧ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ୫-ଟି ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ଉଦ୍ୟମର ଉଚ୍ଚପ୍ରଶଂସା କରିଥିଲେ ।

**ବିକାଶ କାମରେ ମାଲକାନଗିରି ସବୁବେଳେ ମୋର ପ୍ରଥମ ପସନ୍ଦ: ମୁଖ୍ୟମନ୍ତ୍ରୀ**
**ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା ହେବ, ଯୁବଗୋଷ୍ଠୀ ପାଇବେ ନିଯୁକ୍ତି : ୫-ଟି ଅଧ୍ୟକ୍ଷ**
**ପ୍ରଥମ ଶ୍ରେଣୀରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ପାଠ ପଢିବେ ପିଲା**
**୫-ଟି ଉପକ୍ରମରେ ସମସ୍ତ ଆଧୁନିକ ବ୍ୟବସ୍ଥା, ଖର୍ଚ୍ଚ ୧୯ କୋଟି**
**କଠିନ ପରିଶ୍ରମ, ଶୃଙ୍ଖଳା, ନିଷ୍ଠାର ସହ ପାଠ ପଢିବାକୁ ପରାମର୍ଶ**

## ପ୍ରଫେସର ଡଃ ରେଖା ଦାସଙ୍କୁ ଟାଇମ୍ସ ୱମେନ୍ ଆଚିଭର୍ସ ଅଫ ଓଡିଶା ସମ୍ମାନ




କଟକ, (ସ୍ୱପ୍ର): ଆଚାର୍ଯ୍ୟ ହରିହର ପିଜିଆଇ କ୍ୟାନ୍ସର ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଣ୍ଟ ଓ ଆଇସିୟୁ ଇନ୍ଚାର୍ଜ ଏବଂ ଶାନ୍ତି ମେମୋରିଆଲ ହସ୍ପିଟାଲର ନିର୍ଦ୍ଦେଶିକା ପ୍ରଫେସର ଡଃ ରେଖା ଦାସଙ୍କୁ ଆନ୍ତର୍ଜାତୀୟ ମହିଳା ଦିବସରେ ଟାଇମ୍ସ ୱମେନ ଆଚିଭର୍ସ ଅଫ୍ ଓଡିଶା ୨୦୨୪'ରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଦ ଟାଇମ୍ସ ଗ୍ରୁପ୍ ପକ୍ଷରୁ ଭିନ୍ନ ଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସଫଳତାକୁ ସ୍ୱୀକୃତି ପ୍ରଦାନ କରିବା ଓ ସମ୍ମାନିତ କରିବା ପାଇଁ ଆୟୋଜନ କରାଯାଇଥିଲା । ଡଃ ରେଖା ଦାସଙ୍କୁ କ୍ରିଟିକାଲ କେୟାର କ୍ଷେତ୍ରରେ ତାଙ୍କର ଅତୁଳନୀୟ ଯୋଗଦାନ ପାଇଁ ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଦିବ୍ୟା ଦତ୍ତାଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଡଃ ରେଖା ଦାସ ଏହି କାର୍ଯ୍ୟକ୍ରମର ସ୍ୱାସ୍ଥ୍ୟସେବା ସମ୍ପର୍କିତ ଆଲୋଚନାରେ ଜଣେ ପ୍ୟାନେଲିଷ୍ଟ ଭାବେ ମଧ୍ୟ ଯୋଗ ଦେଇଥିଲେ। ପ୍ରଫେସର ଡଃ ରେଖା ଦାସ ଜଣେ ଇନ୍‌ଟେନ୍‌ସିଭ କେୟାର ଏକ୍ସପର୍ଟ ଅଟନ୍ତି ଯାହାଙ୍କର ଏହି କ୍ଷେତ୍ରରେ ୩୦ ବର୍ଷର ଅଭିଜ୍ଞତା ରହିଛି। ଇଣ୍ଡିଆନ ସୋସାଇଟି ଅଫ୍ ଆନାସ୍ଥେସିଓଲୋଜିଷ୍ଟର ପୂର୍ବତନ ଅଧ୍ୟକ୍ଷା ଏବଂ ଆଇଏସ୍ଏ ନ୍ୟାଶନାଲର ବର୍ତ୍ତମାନର ଗଭର୍ଣ୍ଣିଂ କାଉନ୍ସିଲ ମେମ୍ବର ଥିବା ଡଃ ରେଖା ଦାସ ଦ ଇଣ୍ଡିଆନ ସୋସାଇଟି ଅଫ୍ କ୍ରିଟିକାଲ କେୟାର ମେଡିସିନର କଟକ ଶାଖାର ପ୍ରତିଷ୍ଠାତା ଓ ପୂର୍ବତନ ସଚିବ ଅଟନ୍ତି। ଶାନ୍ତି ମେମୋରିଆଲ ହସ୍ପିଟାଲରେ ଏଥିକ୍ସ କମିଟିର କ୍ଲିନିକାଲ ମେମ୍ବର ଥିବା ଡଃ ରେଖା ଦାସ ହେଉଛନ୍ତି ଗଭୀର ଜ୍ଞାନ ଓ ଅଧ୍ୟବସାୟର ଜଣେ ମହିଳା। ସେ ଇନ୍‌ଟେନ୍ସିଭ କେୟାର କ୍ଷେତ୍ର ଓ ଏହାର ଦକ୍ଷତାକୁ ଉନ୍ନତ କରିବା ଦିଗରେ ନିରନ୍ତର ଭାବେ କାର୍ଯ୍ୟ କରୁଛନ୍ତି।

## ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ଭାଗବତ ଟୁଙ୍ଗୀ ପ୍ରଚାର ସମିତି ସଦସ୍ୟ

# ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ଗଠନର ଉଦ୍ୟମରେ ସହଯୋଗ କରନ୍ତୁ : ପାଣ୍ଡିଆନ



ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସଂସ୍କୃତିର ପ୍ରସାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ରାଜ୍ୟର ପ୍ରତ୍ୟେକ ଭାଗବତ ଟୁଙ୍ଗୀକୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ରାଜ୍ୟର ଆଧ୍ୟାତ୍ମିକତା ଓ ସଂସ୍କୃତି ପ୍ରିୟ ଜନସାଧାରଣ ବେଶ ଖୁସି ଅଛନ୍ତି ।

ଗୁରୁବାର ନବୀନ ନିବାସ ଠାରେ ରାଜ୍ୟ ଭାଗବତ ଟୁଙ୍ଗୀ ପ୍ରଚାର ସମିତି ପକ୍ଷରୁ ସଭାପତି ବାବାଜୀ ସ୍ୱାଇଁ, ସମ୍ପାଦକ ଓ ଶତାଧିକ ସଦସ୍ୟ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହିତ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ପଦକ୍ଷେପ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଆଧ୍ୟାତ୍ମିକତା ଦିଗରେ ପ୍ରେରିତ କରିବ ବୋଲି ସେମାନେ କହିଥିଲେ । ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ସବୁବେଳେ ଆଧୁନିକତା ସହ ଆଧ୍ୟାତ୍ମିକତାର ପ୍ରସାର ଉପରେ ଗୁରୁତ୍ୱ ଦିଅନ୍ତି । ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ମଧ୍ୟ ଏହି ଲକ୍ଷ୍ୟ ରହିଛି । ଆପଣମାନେ ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ଗଠନ ଉଦ୍ୟମରେ ସହଯୋଗ କରନ୍ତୁ ବୋଲି ସେ ପ୍ରଚାର ସମିତିର ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ ।

# ମହିଳାଙ୍କ ସଫଳତାକୁ ଆଲୋକିତ କରିଛି ବ୍ରିକ୍ସ ସିସିଆଇ ଡବ୍ଲୁଇର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ବ୍ରିକ୍ସ ଚାମ୍ବର ଅଫ୍ କମର୍ସର ମହିଳା ସଶକ୍ତିକରଣ ଶାଖା ବ୍ରିକ୍ସ ସିସିଆଇ ଡବ୍ଲ୍ୟୁ ପକ୍ଷରୁ 'ଦ ଚେଞ୍ଜିଂ ନ୍ୟାରେଟିଭ୍: ୱମେନ ଡେଭ୍‌ଲପମେଣ୍ଟ ଟୁ ୱମେନ୍-ଲେଡ୍ ଡେଭ୍‌ଲପମେଣ୍ଟ' ବିଷୟବସ୍ତୁ ଉପରେ ଏହାର ୪ର୍ଥ ବାର୍ଷିକ ଶୀଖର ସମ୍ମିଳନୀ ଓ ସମ୍ମାନ ସମାରୋହର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରିକ୍ସ ସିସିଆଇ ଡବ୍ଲ୍ୟୁଇ ପକ୍ଷରୁ 'ବ୍ରିକ୍ସର ନୂତନ ଯୁଗ: ମହିଳା ସଶକ୍ତିକରଣ ପାଇଁ ବୈଷୟିକ ଓ ବ୍ୟବସାୟ କ୍ଷେତ୍ରରେ ନୂତନ ଦିଗ' ନାମକ ଏକ ରିପୋର୍ଟ ଉନ୍ମୋଚନ କରାଯାଇଥିଲା। ଯାହା ବ୍ରିକ୍ସ ଦେଶଗୁଡିକରେ ମହିଳାଙ୍କ ପାଇଁ ଟେକ୍ନୋଲୋଜି ଓ ଉଦ୍ୟୋଗିକତା ପରିଦୃଶ୍ୟ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଛି । ଏହି ଶାଖା ସମ୍ମିଳନୀରେ ବ୍ରିକ୍ସ ସିସିଆଇ ଡବ୍ଲ୍ୟୁଇ ଗ୍ଲୋବାଲ ୱମେନ ଲିଡରସିପ୍ ପ୍ରୋଗ୍ରାମର ମହିଳା ଅଂଶଗ୍ରହଣକାରୀଙ୍କ ପ୍ରଥମ ବ୍ୟାଚ୍‌ର ସମାବର୍ତ୍ତନ ସମାରୋହର ମଧ୍ୟ ଆୟୋଜନ କରିଥିଲା । ଏହି ସମ୍ମିଳନୀରେ ରୁଷ୍, ଚୀନ୍, ବ୍ରାଜିଲ, ଦକ୍ଷିଣ ଆଫ୍ରିକା, ଇରାନ, କ୍ୟୁବା, କୋଷ୍ଟାରିକା, ଚିଲି, ବେଲାରୁସ, ଜାମ୍ବିଆ, ଅଙ୍ଗୋଲା, ଚାଡ୍, କୋମୋରସ, ଭେନେଜୁଏଲା ଭଳି ଦେଶଗୁଡିକର ଦୂତାବାସର ଡିପ୍ଲୋମାଟମାନେ ଯୋଗ ଦେଇଥିଲେ । ସମ୍ମିଳନୀରେ ରାଜ୍ୟସଭା ସାଂସଦ ଓ ପଦ୍ମ ବିଭୂଷଣ ସମ୍ମାନପ୍ରାପ୍ତ ଡଃ ସୋନାଲ୍ ମାନ୍‌ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହାବ୍ୟତୀତ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ସାଜିଆ ଇଲ୍‌ମି, ଉତର ପ୍ରଦେଶର ପୂର୍ବତନ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ମନ୍ତ୍ରୀ ସ୍ୱାତି ସିଂହ, ପୂର୍ବତନ ବ୍ରିକ୍ସ ସେର୍‌ପା ଭାରତ ସରକାରଙ୍କ ସଚିବ ଆମ୍ବାସାଡର ସୟ ଭଟ୍ଟାଚାର୍ଯ୍ୟ (ଅବସରପ୍ରାପ୍ତ), ନୂଆଦିଲ୍ଲୀ, ଉତର ପୂର୍ବାଂଚଳ ପାଇଁ ସ୍ପେଶିଆଲ ପୁଲିସ୍ ୟୁନିଟ୍ ଏବଂ ମହିଳା ଓ ଶିଶୁଙ୍କ ପାଇଁ ସ୍ପେଶିଆଲ ପୋଲିସ୍ ୟୁନିଟ୍‌ର ପୋଲିସ୍ ଇନ୍-ଚାର୍ଜର ସ୍ୱତନ୍ତ୍ର ଆୟୁକ୍ତ ଆଇପିଏସ୍, ଅଜୟ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ ।

## ସ୍ତ୍ରୀ ଶବ ସହ ୩ ଦିନ

ଭୁବନେଶ୍ୱର, (ସବ୍ୟୁ) : ସ୍ତ୍ରୀ ଶବ ସହ ତିନିଦିନ ବିତାଇଥିବା ସ୍ୱାମୀ ଗୋଲକ ବିହାରୀ ଜେନାକୁ ଗିରଫ କରିଛି ମୈତ୍ରୀବିହାର ଥାନା ପୋଲିସ । ପାରିବାରିକ କଳହରୁ ସ୍ତ୍ରୀକୁ କାଠଫାଳିଆରେ ପିଟି ହତ୍ୟା କରିଥିବା ପୋଲିସ କହିଛି ।

ସାଲିଆ ସାହି ତାରିଣୀନଗର ବସ୍ତିରେ ରୁହନ୍ତି ପୋଲସରାର ଗୋଲକ ବିହାରୀ ଜେନା ଓ ତାଙ୍କ ସ୍ତ୍ରୀ ଜି.ଉଦୟଗିରିର ସ୍ୱପ୍ନା ଜେନା । ତାଙ୍କର ୪ଟି ସନ୍ତାନ ଥିବାବେଳେ ବଡ଼ପୁଅ ଗାଁକୁ ଯାଇଥିଲେ । ଏହି ଅବସରରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଟଙ୍କା ପଇସାକୁ ପାଟିତୁଣ୍ଡ ହୋଇଥିଲା । ପାଟିତୁଣ୍ଡରେ ଉତ୍କ୍ଷିପ୍ତ ହୋଇ ସ୍ୱାମୀ ଗୋଲକ ସ୍ତ୍ରୀ ମୁଣ୍ଡକୁ କାଠଫାଳିଆରେ ପିଟିଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣା ତିନିଦିନ ତଳର ହୋଇଥିବାବେଳେ ଗୋଲକ ସ୍ତ୍ରୀର ଶବକୁ ଘର ଭିତରେ ରଖି ଗନ୍ଧ ନହେବା ପାଇଁ ଧୁପ ଝୁଣା ଦେଇଥିଲା । ଦୁଇଦିନ ପରେ ଗୁରୁବାର ପୋଲିସ ଖବର ପାଇ ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ ସହ ପହଞ୍ଚିଥିଲା । ପୋଲିସ ତଦନ୍ତ କରୁଥିବାବେଳେ ସ୍ୱାମୀ ଗୋଲକ ପୋଲିସକୁ ଧରାଦେଇ ସ୍ତ୍ରୀ ବାଡ଼େଇଥିବା କହିଛି । ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଥିବା ବେଳେ ପୋଲିସ ଗଳିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି । ଗୁରୁବାରର ଏହି ଘଟଣା ସେହି ଅଞ୍ଚଳ ଲୋକଙ୍କ ଭିତରେ ଚର୍ଚ୍ଚା ହେଉଛି ।

## ସ୍କିଲ୍ ପରିସଂସ୍ଥାନକୁ ଗତି ଦେବା ପାଇଁ

# ବିଭିନ୍ନ ଷ୍ଟ୍ରାଟେଜିକ୍ ପଦକ୍ଷେପର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ନୂଆଦିଲ୍ଲୀ ସ୍ଥିତ କୌଶଳ ଭବନରୁ ଭିଡିଓ କନଫରେନ୍ସିଂ ଜରିଆରେ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅନ୍ତର୍ଗତ ସ୍କିଲ୍ ପରିସଂସ୍ଥାନକୁ ମଜଭୂତ୍ କରିବା ସହ ଗତି ଦେବା ପାଇଁ ବିଭିନ୍ନ ଷ୍ଟ୍ରାଟେଜିକ୍ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି । ଆଜିର ବୁଝାମଣା ପତ୍ର ଓ ଲୋକାର୍ପିତ ପଦକ୍ଷେପ ଗୁଡିକ ସ୍କିଲ୍ ଇଣ୍ଡିଆ ମିଶନର ପରିସରକୁ ଅଧିକ ସମ୍ପ୍ରସାରଣ କରିବା ସହ ଦେଶର ଅଧିକାଂଶ ଜନସଂଖ୍ୟାକୁ ଦକ୍ଷତା ପରିସରକୁ ଆଣିବ । ଆମର ଯୁବବର୍ଗ ଏବଂ କର୍ମଚାରୀମାନଙ୍କୁ ବିକଶିତ ନୂତନ ବିଶ୍ୱ ବ୍ୟବସ୍ଥାରେ ଅଗ୍ରଣୀ ଭାବରେ ଉଭା ହେବା ପାଇଁ ସଠିକ୍ ଦକ୍ଷତା ପ୍ରଦାନ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।




ଏହି କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ରମନ୍ତ୍ରୀ ଏନଏସଡିସି ସହଯୋଗରେ ଦକ୍ଷତା ବିକାଶ କେନ୍ଦ୍ର(ଏସଡିଆଇ), ଭୁବନେଶ୍ୱରରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ଦୁଇଟି ଅତ୍ୟାଧୁନିକ କେନ୍ଦ୍ର ଯଥା ଏଚଭିଏସି ଏବଂ ମିଡିଆ ଏବଂ ମନୋରଞ୍ଜନ ପାଇଁ ଉତ୍କର୍ଷ କେନ୍ଦ୍ରର ଲୋକାର୍ପଣ କରିଛନ୍ତି । ସେ କହିଛନ୍ତି ଯେ ଏସଡିଆଇ, ଭୁବନେଶ୍ୱରରେ ଲୋକାର୍ପିତ ହୋଇଥିବା ଉତ୍କର୍ଷ କେନ୍ଦ୍ର ଯୁବବର୍ଗଙ୍କୁ ମିଡିଆ ଏବଂ ମନୋରଞ୍ଜନ କ୍ଷେତ୍ରରେ ଅଧିକ ଦକ୍ଷ କରିବ । ଏସଡିଆଇ ଭୁବନେଶ୍ୱରରେ ଏଚଭିଏସି ଏବଂ ମିଡିଆ ଆଣ୍ଡ୍ ମନୋରଞ୍ଜନ ପାଇଁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଉଦଘାଟନ ଓଡ଼ିଶାର ଦକ୍ଷତାକୁ ଆଗକୁ ବଢାଇବା ଦିଗରେ ଅଧିକ ଶକ୍ତି ପ୍ରଦାନ କରିବ । ମିଡିଆ ଏବଂ ମନୋରଞ୍ଜନ ପାଇଁ ଉକ୍ତ କେନ୍ଦ୍ରରେ ଗ୍ରାଫିକ୍ ଡିଜାଇନ, ସୋସିଆଲ ମିଡିଆ ମ୍ୟାନେଜର, ଡିଜିଟାଲ ମାର୍କେଟିଂ ମ୍ୟାନେଜର, ଭିଡିଓ ଏଡିଟିଂ, ସାଉଣ୍ଡ ଏଡିଟିଂ, ଭିଡିଓ ବ୍ଲଗର ଏବଂ ଡିଜିଟାଲ/ଷ୍ଟିଲ୍ ଫଟୋଗ୍ରାଫି ଇତ୍ୟାଦି ପାଠ୍ୟକ୍ରମ ପ୍ରଦାନ କରାଯିବ । ସେହିପରି ଏଚଭିଏସି ପାଇଁ ଅତ୍ୟାଧୁନିକ କେନ୍ଦ୍ରରେ ହିଟିଂ, ଭେଣ୍ଟିଲେସନ ଏବଂ ଏୟାର କଣ୍ଡିସନିଂ ଉପରେ ପାଠ୍ୟକ୍ରମ ପ୍ରଦାନ କରିବ ।ଏହି କେନ୍ଦ୍ରଟି ଯୁବବର୍ଗଙ୍କୁ ଶିଳ୍ପ କ୍ଷେତ୍ର ପାଇଁ ପ୍ରସ୍ତୁତ କରାଇବା ପାଇଁ ଦକ୍ଷ କରାଇବ । ଏହି ପଦକ୍ଷେପ ଦ୍ୱାରା ସେମାନେ ରୋଜଗାରକ୍ଷମ ହେବା ସହ ସେମାନଙ୍କ ଜୀବିକା ବୃଦ୍ଧି ହେବ । ସେମାନେ ଉଦ୍ୟୋଗୀ ହେବା ପାଇଁ ସମର୍ଥ ହୋଇପାରିବେ ।

କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ନିଜବଡ୍ ଏବଂ ଭାରତ ସରକାରଙ୍କ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ, ଶ୍ରମ ମନ୍ତ୍ରଣାଳୟ ଓ ଇପିସିଏଚ, ଡାରେକ୍ଟରେଟ୍ ଜେନେରାଲ ଅଫ୍ ଟ୍ରେନିଂ(ଡିଜିଟି) ଓ ଫ୍ୟୁଚର୍ ରାଇଟ୍ସ ସ୍କିଲ୍ ନେଟୱାର୍କ ସହ ପୃଥକ ପୃଥକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ଏହାସହ ସ୍କିଲ୍ ଇଣ୍ଡିଆ ଓ ପିଏମକେଭିୱାଇ ଅନ୍ତର୍ଗତ ପିଏମ ବିଶ୍ୱକର୍ମା ଅନ୍ତର୍ଗତ ଶିଳ୍ପ ସମୂହଙ୍କ ମଧ୍ୟରେ ଷ୍ଟ୍ରାଟେଜିକ୍ ପାର୍ଟନରସିପ ପାଇଁ ବୁଝାମଣା ହୋଇଛି । ଏଆଇ ଏବଂ ଅନ୍ୟାନ୍ୟ ସୀମାନ୍ତ କ୍ଷେତ୍ରରେ ୪ଟି ନ୍ୟୁ ଏଜ୍ କୋର୍ସର ଶୁଭାରମ୍ଭ ହୋଇଛି । ଏହି ଦକ୍ଷତାଭିତ୍ତିକ ପଦକ୍ଷେପ ଗୁଡିକ ଏବଂ ବୁଝାମଣା ଆମ ଜନସଂଖ୍ୟାକୁ ଏକବିଂଶ ଶତାବ୍ଦୀର ନିଯୁକ୍ତି ପାଇଁ ପ୍ରସ୍ତୁତ କରିବ । ସେମାନଙ୍କୁ ଉଦ୍ଭାବକ ଏବଂ ଉଦ୍ୟୋଗୀ ଭାବରେ ବିକଶିତ କରିବାରେ ସାହାଯ୍ୟ କରିବ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ଯୋଗଦାନ କରିବ ବୋଲି ଶ୍ରୀ ପ୍ରଧାନ କହିଥିଲେ ।

# କଟକ ନଗର ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

କଟକ (ସବ୍ୟୁ)ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ନଗର ଯୁବ କଂଗ୍ରେସ ସଭାପତି ଡଃ ବିପ୍ଳବ ଶିଳାଦିତ୍ୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରିଣୀ ବୈଠକ ଆୟୋଜିତ ହୋଇଯାଇଛି । ଉକ୍ତ ବୈଠକରେ ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ଓ ରାଜ୍ୟ ପ୍ରଭାରୀ ମିଳିନ୍ଦ ଗୌତମ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ଜିଲ୍ଲା କଂଗ୍ରେସ ବରିଷ୍ଠ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, ସମ୍ପାଦକ ସଚ୍ଚିଦାନନ୍ଦ ରାଉତ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ସତ୍ୟଜିତ ସେଠୀ, ସଦର ଯୁବ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ପରିଜା, ଚୌଦ୍ୱାର କଟକ ଯୁବ କଂଗ୍ରେସ ସଭାପତି ସନ୍ତୋଷ ପ୍ରଧାନ, ଆଡଭୋକେଟ ସତ୍ୟଜିତ ଦାସ, ଚନ୍ଦ୍ରକାନ୍ତ ଖଟୁଆ, ସତ୍ୟବ୍ରତ ମହାନ୍ତି, ଯୁବନେତା ନିତ୍ୟାନନ୍ଦ ମଲ୍ଲିକ, ଅମିତ ବେହେରା, ବିପ୍ଳବ ରାଉତ, ନଗର ମହିଳା କଂଗ୍ରେସ ନେତ୍ରୀ ସସ୍ମିତା ମହାନ୍ତି ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୁବ ବିରୋଧି ନୀତି ବିରୁଦ୍ଧରେ ପ୍ରବଳ ବର୍ଷିଥିଲେ । ଯୁବ ବର୍ଗଙ୍କୁ ଉଭୟ ଭିତିରି ମିଳିତ ସରକାର ନିଯୁକ୍ତି କର୍ମଯୋଗାଣ ନଦେଇ ବେକାର ରଖି ନିଜ ଦଳୀୟ କାର୍ଯ୍ୟକ୍ରମରେ ଲଗାତାର ଖଟାଇ ଆସୁଥିବାର ଆକ୍ଷେପ କରିଛି ନଗର ଯୁବ କଂଗ୍ରେସ । ଆଗାମୀ ଦିନରେ କଂଗ୍ରେସ ସରକାର ଗଢିବ ଓ ରାହୁଲ ଗାନ୍ଧିଙ୍କର ଯୁବା ନ୍ୟାୟ ନୀତିରେ ପ୍ରଥମ ବର୍ଷରୁ ୩୦ଲକ୍ଷ ବେରୋଜଗାର ଯୁବବର୍ଗଙ୍କୁ ନିଯୁକ୍ତିର ସୁଯୋଗ ପ୍ରଦାନ କରାଯିବ ସଭାରେ ଘୋଷଣା ହୋଇଥିଲା । ଏହା ସହିତ କଂଗ୍ରେସ ଦଳ ଆଗାମୀ ନିର୍ବାଚନରେ ବାରବାଟୀ-କଟକ ବିଧାନ ସଭା ପାଇଁ ଡଃ ବିପ୍ଳବ ଶିଳାଦିତ୍ୟଙ୍କୁ ପ୍ରାର୍ଥୀ ଭାବେ ସମସ୍ତ ଯୁବ ବର୍ଗ ଦାବୀ କରିଥିଲେ । ଶେଷରେ ଜିଲ୍ଲା ଆଡଭୋକେଟ ସଞ୍ଜୀବ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟିକା, ଔଷଧ ଓ ରାଜସ୍ୱ ଗୃହ ଉଦ୍‌ଘାଟିତ

କଟକ, (ସ୍ୱପ୍ର): ପୂର୍ତ୍ତ ବିଭାଗ-୨ ପକ୍ଷରୁ ସିଏମସି ୫୪ନଂ ୱାର୍ଡ ଅନ୍ତର୍ଗତ ନୂଆବଜାର ପୋତାପୋଖରି ସ୍ଥିତ ଏଜି କଲୋନୀଠାରେ ୧କୋଟି ଟଙ୍କା ବ୍ୟୟରେ ରାଜସ୍ୱ ନିରୀକ୍ଷକଙ୍କ ଆବାସିକ କାର୍ଯ୍ୟାଳୟ, ପୋତାପୋଖରୀ ଠାରେ କଟକ ଜିଲ୍ଲା ପାଇଁ ୧.୫୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ଔଷଧ ଗୋଦାମ ଗୃହ ଓ ୬୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଜିଲ୍ଲା ଟିକା ଭଣ୍ଡାର ଗୃହର ଉଦ୍‌ଘାଟନ ହୋଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିର୍ମିତ ଗୃହକୁ ଉଦ୍‌ଘାଟନ କରି କହିଲେ ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟ ନିର୍ମାଣ ହେବା ଦ୍ୱାରା ୪୨,୪୩, ୪୭, ୫୪ ଓ ୫୫ନଂ ୱାର୍ଡବାସୀ ବିଶେଷ ଭାବେ ଉପକୃତ ହେବେ । ଖାଲି ସେତିକି ନୁହେଁ ନବନିର୍ମିତ ଟିକା ଓ ଔଷଧ ଗୋଦାମ ଗୃହରୁ ଔଷଧ ଓ ସମସ୍ତ ଟିକା କଟକ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏଠାରୁ ପ୍ରେରଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ କର୍ପୋରେଟର ତାପସ ରଞ୍ଜନ ସମାନ୍ତରାୟ, ସୁବୋଧ ମହାନ୍ତି, ଦୁର୍ଯ୍ୟୋଧନ ସାହୁ, ଉମେଶ ସାହୁ, ଅଶୋକ ପତି, ପ୍ରଦୀପ କୁମାର ଦାସ, ପ୍ରକାଶ ପଟ୍ଟନାୟକ, ଚନ୍ଦ୍ରକାନ୍ତ ଦାସ, ଅଭୟ ଲେଙ୍କା, ତନ୍ମୟ ରାଉତ, ବିନୋଦ ନାୟକଙ୍କ ସମେତ ପୂର୍ତ୍ତବିଭାଗ କର୍ମଚାରୀ ଓ ବହୁ ସଂଖ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।



# ଓଡ଼ିଶାରେ ରେଡିସନ ଗ୍ରୁପର ପ୍ରଥମ ହୋଟେଲ

ଭୁବନେଶ୍ୱର (ସବ୍ୟୁ) : ଭାରତର ଅତୁଳନୀୟ ଗନ୍ତବ୍ୟସ୍ଥଳଗୁଡ଼ିକରେ ଏହାର ମହତ୍ୱାକାଂକ୍ଷୀ ସମ୍ପ୍ରସାରଣ ରଣନୀତି କୁ ଅନୁସରଣ କରି ରେଡିସନ୍ ହୋଟେଲ ଗ୍ରୁପ୍ ଓଡ଼ିଶାର ଗୋପାଳପୁରରେ ରେଡିସନ୍ ଇଣ୍ଡିଭିଜୁଆଲର ସଦସ୍ୟ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ସ୍ୱାକ୍ଷରିତ ହେବ । ଅବସରରେ ପରେ ଖୁସି ପ୍ରକାଶ କରିଛନ୍ତି । ୧୦୦ ରୁମ ବିଶିଷ୍ଟ ଏହି ହୋଟେଲକୁ ପଦ୍ମ ଇଷ୍ଟର୍ଣ୍ଣ ହୋଟେଲ ପ୍ରାଇଭେଟ୍ ଲିମିଟେଡ୍ ବିକଶିତ କରିଛି ଏବଂ ୨୦୨୪ ର ଦ୍ୱିତୀୟ କ୍ୱାର୍ଟରରେ ଏହାର ଶୁଭାରମ୍ଭ ହେବାକୁ ଯାଉଛି।



ଦକ୍ଷିଣ ଓଡ଼ିଶାର ସୁନ୍ଦର ଗୋପାଳପୁର ବେଳାଭୂମିରେ ରେଡିସନ୍ ଏନିସିଆନ୍ସର ସଦସ୍ୟ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ଅବସ୍ଥିତ ଏବଂ ଅତିଥିମାନଙ୍କୁ ଶାନ୍ତିପୂର୍ଣ୍ଣ ରହଣି ପାଇଁ ପ୍ରତିଶ୍ରୁତି ଦେଇଥାଏ।

ଓଡ଼ିଶାରେ ଆମର ପ୍ରଥମ ହୋଟେଲ, ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ, ରେଡିସନ ଇଣ୍ଡିଭିଜୁଆଲର ସଦସ୍ୟ, ସ୍ୱାକ୍ଷରିତ ହେବା ଦେଶର ଟିୟର ଦୁଇ ଓ ତିନି ଅଂଚଳରେ ଆମର ସମ୍ପ୍ରସାରଣ ଯୋଜନାର ପ୍ରମାଣ । ରେଡିସନ ହୋଟେଲ ଗ୍ରୁପରେ ଆମେ ପ୍ରମୁଖ ସହର ବାହାରେ ଗୁଣାତ୍ମକ ଆତିଥେୟତା ଅଭିଜ୍ଞତାକୁ ପହଂଚାଇବା ଉପରେ ଗୁରୁତ୍ୱ ଦେଉଛୁ ବୋଲି କହିଛନ୍ତି ରେଡିସନ ହୋଟେଲ ଗ୍ରୁପର ଦକ୍ଷିଣ ଏସିଆ ବିକାଶ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଦେବାଶିଷ ଶ୍ରୀବାସ୍ତବ ।

# କେୟାର ହସ୍ପିଟାଲ ପକ୍ଷରୁ ବିଶ୍ୱ କିଡ୍‌ନୀ ଦିବସ



ଭୁବନେଶ୍ୱର (ସବ୍ୟୁ): କେୟାର ହସ୍ପିଟାଲ ଭୁବନେଶ୍ୱରରେ ବିଶ୍ୱ କିଡ୍‌ନୀ ଦିବସ ପାଳିତ ହୋଇଛି । ଏହି ଅବସରରେ ହସ୍ପିଟାଲର କ୍ଲିନିକାଲ ନିର୍ଦ୍ଦେଶକ ଏବଂ ଏଚ୍‌ଓଡି ନେଫ୍ରୋଲୋଜି ଆଣ୍ଡ ରେନାଲ ଟ୍ରାନ୍ସପ୍ଲାଣ୍ଟ କହିଛନ୍ତି ଜରୁରୀକାଳିନ ପରିସ୍ଥିତିରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନେ ନିରନ୍ତର ସମନ୍ୱିତ ଚିକିତ୍ସା ପାଇଁ ଆବଶ୍ୟକତା ହେତୁ ଜନସଂଖ୍ୟାରେ ସବୁଠାରୁ ଅସୁରକ୍ଷିତ ଅଟନ୍ତି ଯାହା ଆଜିବନ ଏବଂ ଜଡିତ ଜଟିଳ ଚାଲୁଥିବା ଚିକିତ୍ସା ଅଟେ । ଆସୋସିଏଟ୍ କ୍ଲିନିକାଲ ନିର୍ଦ୍ଦେଶକ ଡ. ଅଶୋକ ପଣ୍ଡା କିଡ୍‌ନୀ ପ୍ରତିରୋପଣ ପାଇଁ କେୟାର ହସ୍ପିଟାଲରେ ଦିଆଯାଉଥିବା ବିଶେଷ ଚିକିତ୍ସା ଉପରେ ଆଲୋକପାତ କରିଥିଲେ । ଡ. ସାନନ୍ଦା ବାଗ୍ ସିନିୟର କନ୍‌ସଲ୍‌ଟାଣ୍ଟ ୟୁରୋଲୋଜି କହିଛନ୍ତି କିଡ୍‌ନୀ ରୋଗ ବିରୁଦ୍ଧରେ ଲଢ଼େଇ ଜାରି ରଖିବା ପାଇଁ କେୟାର ହସ୍ପିଟାଲ ସଚେତନତା ସୃଷ୍ଟି କରୁଛି । ମେଡିକାଲ ଅଧିକ୍ଷକ ଡାକ୍ତର ଏ.ଶ୍ୟାମ ପ୍ରସାଦ କହିଛନ୍ତି ଆମର ଟ୍ରାନ୍ସପ୍ଲାଣ୍ଟ ପ୍ରୋଗ୍ରାମ ଆରମ୍ଭ କରିବାର ୨ବର୍ଷ ହୋଇସାରିଛି ଏବଂ ସର୍ବାଧିକ ଦକ୍ଷତା ଥିବା ରୋଗୀଙ୍କୁ ଚିକିତ୍ସା କରିବାରେ ସଫଳ ହୋଇଛୁ । ଏଭିପି ଡ. ଲୋକନାଥ ଦାସ ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ ।

# ବଢ଼ିଛି ମୁଣ୍ଡ ପିଛା ଆୟ

**ନୂଆଦିଲ୍ଲୀ:** ଭାରତରେ ଲୋକଙ୍କ ହାରାହାରି ଆୟୁଷ ୨୦୨୨ରେ ୬୭.୭ ବର୍ଷ ରହିଛି । ବର୍ଷକ ତଳେ ଏହା ୬୨.୭ ରହିଥିଲା । ସେହିପରି ଭାରତୀୟଙ୍କ ମୋଟ ଜାତୀୟ ଆୟ (ଜିଏନଆଇ ମୁଣ୍ଡ ପିଛା) ମଧ୍ୟ ବର୍ଷକ ମଧ୍ୟରେ ୬.୩% ବି ୬୯୫୧ ଡଲାର ହୋଇଯାଇଛି । ମିଳିତ ଜାତିସଂଘର ମାନବ ବିକାଶ ସୂଚକାଙ୍କ ବା ଏଚଡିଆଇ ରିପୋର୍ଟରେ ଏପରି କୁହାଯାଇଛି । ସେହିପରି ଭାରତର ଏପରି ଅଭିବୃଦ୍ଧିକୁ ପ୍ରଶଂସା କରାଯାଇଛି । ଏଚଡିଆଇ ଜାରି କରିଥିବା ୧୯୩ ଦେଶର ତାଲିକାରେ ଭାରତର ସ୍ଥାନ ୧୩୪ ନମ୍ବରରେ ରହିଛି । ୨୦୨୨ରେ ଥିବା ତଥ୍ୟକୁ ଆଧାର କରି ରିପୋର୍ଟ ପ୍ରକାଶ କରାଯାଇଛି । ଭାରତର ମୋଟ ଏଚଡିଆ ସ୍କୋର ହେଉଛି ୦.୬୪୪ । ଏହି ପଏଣ୍ଟ ଆଧାରରେ ଭାରତ ମଧ୍ୟମ ମାନବ ବିକାଶ ଅର୍ଥ ମଧ୍ୟମ ଗତିରେ ମାନବ ବିକାଶ କରୁଥିବା ଦେଶର ତାଲିକାରେ ରହିଛି । ୧୯୯୦ରେ ଭାରତର ଏଚଡିଆ ୦.୪୩୪ ପଏଣ୍ଟ ଥିଲା । ୨୦୨୨ ବେଳକୁ ଏଥିରେ ୪୮.୪% ସକାରାତ୍ମକ ପରିବର୍ତ୍ତନ ହୋଇଛି । ମାନବ ବିକାଶ, ଦୀର୍ଘ ଓ ସୁସ୍ଥ ଜୀବନ, ଶିକ୍ଷାଧିକାର ଓ ଜୀବନ ଶୈଳୀର ମାନ ଭଳି ତଥ୍ୟକୁ ଆଧାର କରି ଏଚଡିଆଇ ପ୍ରସ୍ତୁତ କରାଯାଏ । ମିଳିତ ଜାତିସଂଘର ବିକାଶମୂଳକ କାର୍ଯ୍ୟକ୍ରମର ପ୍ରତିନିଧି କାଇଟ୍ଲିନ ୱାଇଜନ କହିଛନ୍ତି, ବିଗତ ବର୍ଷ ଗୁଡ଼ିକରେ ଭାରତ ମାନବ ବିକାଶରେ ଅହେତୁକ ପରିବର୍ତ୍ତନ କରିଛି । ୧୯୯୦ରୁ ଇତି ମଧ୍ୟରେ ଜୀବନ ଧାରଣ କ୍ଷମତା ୯.୧ ବର୍ଷ ବଢ଼ିଛି । ସ୍କୁଲ ଶିକ୍ଷାର ଆଶାତୀତ ବର୍ଷ ୪.୬କୁ ବଢ଼ିଛି । ଏହାର ଅର୍ଥ ସ୍କୁଲ ଶିକ୍ଷାର ଅଭିବୃଦ୍ଧି ୩.୮ ବର୍ଷକୁ ବଢ଼ିଛି । ଭାରତର ମୁଣ୍ଡ ପିଛା ଆୟ ପ୍ରାୟ ୨୮୭% ଅଭିବୃଦ୍ଧି ହୋଇଛି । ଭାରତ ବେଶ ଭଲ ଭାବେ ଲିଙ୍ଗଗତ ଅସମାନତାକୁ ଦୂର କରିବାକୁ ଚେଷ୍ଟା ଜାରି ରଖିଛି । ଭାରତର ଲିଙ୍ଗଗତ ଅସମାନତା ସୂଚକାଙ୍କ ବା ଜିଆଇଆଇ ୦.୪୩୭ ରହିଛି । ଏହା ବିଶ୍ୱର ଜିଆଇଆଇ ହାର ଠାରୁ ଢେର ଭଲ । ଭାରତ ଏହି ତାଲିକାରେ ଥିବା ୧୬୬ ଦେଶ ମଧ୍ୟରୁ ୧୦୮ ନମ୍ବରରେ ରହିଛି ।

# ପ୍ରତ୍ୟାହାର ହେବନି ସିଏଏ

**ନୂଆଦିଲ୍ଲୀ:** ନାଗରିକତା ସଂଶୋଧନ ଆଇନ(ସିଏଏ)କୁ ନେଇ ବିରୋଧୀଙ୍କ ଆକ୍ଷେପ ମଧ୍ୟରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା । ସେ କହିଛନ୍ତି, ଶରଣାର୍ଥୀଙ୍କୁ ନ୍ୟାୟ ଦେବା ସିଏଏର ମୁଖ୍ୟ ଉଦ୍ଦେଶ୍ୟ । ଏହାକୁ କେବେ ହେଲେ ପ୍ରତ୍ୟାହାର କରାଯିବ ନାହିଁ । ସିଏଏ ଆଦୌ ମୁସଲମାନମାନଙ୍କ ବିରୁଦ୍ଧରେ ନୁହେଁ । ବିରୋଧୀ ଦଳର ନେତାମାନେ ଏହାକୁ ନେଇ ମିଥ୍ୟା ରାଜନୀତି କରୁଛନ୍ତି । ବିଭାଜନ ବେଳେ ପାକିସ୍ତାନରେ ୨୩ ପ୍ରତିଶତ ହିନ୍ଦୁ ଥିଲେ, ଆଜି ୩.୭ ପ୍ରତିଶତ ଅଛନ୍ତି । ଅନ୍ୟମାନେ କୁଆଡେ ଗଲେ? ଏତେ ସଂଖ୍ୟକ ଲୋକ ତ ଭାରତକୁ ଆସିନାହାନ୍ତି । ସେମାନଙ୍କର ଧର୍ମ ପରିବର୍ତ୍ତନ କରାଯାଇଛି ଏବଂ ତାଙ୍କୁ ଅପମାନିତ କରାଯାଇଛି । ଦେଶ ଏ ଉପରେ ବିଚାର କରିବା ଉଚିତ ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି ଶାହ ।



ସେ ଆହୁରି କହିଛନ୍ତି, ୧୯୫୧ରେ ବାଂଲାଦେଶରେ ୨୨ ପ୍ରତିଶତ ହିନ୍ଦୁ ଥିଲେ । ୨୦୧୧ ଜନଗଣନା ଅନୁସାରେ ୧୦ ପ୍ରତିଶତ ଅଛନ୍ତି । ୧୯୯୨ରେ ଆଫଗାନିସ୍ତାନରେ ୨ ଲକ୍ଷ ଶିଖ ଏବଂ ହିନ୍ଦୁ ଥିଲେ, ଏବେ ମାତ୍ର ୫୦୦ ଅଛନ୍ତି । କଣ ଏମାନଙ୍କର ଆସ୍ଥା ଅନୁସାରେ ବଞ୍ଚିବାର ଅଧିକାର ନାହିଁ କି ବୋଲି ଶାହା ପ୍ରଶ୍ନ କରିଛନ୍ତି । ବିରୋଧୀ କାହିଁକି ରୋହିଙ୍ଗ୍ୟାଙ୍କ ବିଷୟରେ ଆଲୋଚନା କରୁନାହାନ୍ତି, କେଜରିୱାଲ କେବେ ହେଲେ ରୋହିଙ୍ଗ୍ୟାଙ୍କ କଥା କହନ୍ତିନି । ବିରୋଧୀ ତୁଷ୍ଟିକରଣ ରାଜନୀତି କରୁଛନ୍ତି ବୋଲି ଶାହ କହିଛନ୍ତି । ସେ ଆହୁରି କହିଛନ୍ତି, ସିଏଏ ହେଉଛି ଏହି ଦେଶର ନିୟମ । ଆମେ ଘୋଷଣାପତ୍ରରେ ସିଏଏ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲୁ । ବିଜେପିର ଏଜେଣ୍ଡା ସମ୍ପୂର୍ଣ୍ଣ ସ୍ୱଷ୍ଟ । ମୋଦିଙ୍କ ପ୍ରତ୍ୟେକ ଗ୍ୟାରେଣ୍ଟି ପୂରଣ ହେବ ବୋଲି ଶାହା କହିଛନ୍ତି ।

## ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ ଅସୁସ୍ଥ



**ପୁଣେ:** ଭାରତର ପୂର୍ବତନ ତଥା ପ୍ରଥମ ମହିଳା ରାଷ୍ଟ୍ରପତି ପ୍ରତିଭା ପାଟିଲ ଅସୁସ୍ଥ । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମହାରାଷ୍ଟ୍ରର ପୁଣେ ସହରର ଏକ ଘରେ । ଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଜ୍ୱର ଏବଂ ଛାତି ସଂକ୍ରମଣ ଯୋଗୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି । ହସ୍ପିଟାଲ ତରଫରୁ ମିଳିଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ହସ୍ପିଟାଲର ଜଣେ ବରିଷ୍ଠ ଅଧିକାରୀ କହିବା ମୁତାବକ, ୮୯ ବର୍ଷୀୟ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କୁ ବୁଧବାର ରାତିରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେ ଜ୍ୱର ଏବଂ ତାଙ୍କ ଛାତିରେ ସଂକ୍ରମଣ ହୋଇଛି । ଚିକିତ୍ସା ପରେ ସେ ବର୍ତ୍ତମାନ ସୁସ୍ଥ ଅଛନ୍ତି ଏବଂ ଚିକିତ୍ସିତ ହେଉଛନ୍ତି । ଡାକ୍ତରଙ୍କ କଡ଼ା ଦେଖାରଖାରେ ତାଙ୍କୁ ରଖାଯାଇଛି । କହିରଖୁ ଯେ, ପ୍ରତିଭା ପାଟିଲ ହେଉଛନ୍ତି ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ଥିଲେ । ସେ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ରହିଥିଲେ ।

## ନିଜ ଘରେ ଖସିପଡ଼ି ମମତା ଆହତ

**କୋଲକାତା:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁତର ଆହତ ହୋଇଛନ୍ତି । ନିଜ ବାସଭବନରେ ଖସିପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା କୁହାଯାଉଛି । ଏନେଇ ଅଖିଳ ଭାରତୀୟ ତୃଣମୂଳ କଂଗ୍ରେସ ଟ୍ୱିଟ୍ କରି ସୂଚନା ଦେଇଛି । ଦଳ ଟ୍ୱିଟ୍ କରି କହିଛି ଯେ ସେ ଗୁରୁତର ଆହତ ହୋଇଛନ୍ତି । ତାଙ୍କ ପାଇଁ ସମସ୍ତେ ପ୍ରାର୍ଥନା କରନ୍ତୁ । ଏସଏସକେଏମ ହସ୍ପିଟାଲର ଜଣେ ଅଧିକାରୀଙ୍କ କହିବା ଅନୁସାରେ, ଦକ୍ଷିଣ କୋଲକାତାର ବାଲିଗଞ୍ଜ ଜିଲ୍ଲାରେ ଏକ କାର୍ଯ୍ୟକ୍ରମରୁ ନିଜ ବାସଭବନକୁ ଫେରିବାର କିଛି ସମୟ ପରେ ଏହି ଦୁର୍ଘଟଣା ହୋଇଥିଲା । ସେ ନିଜ ବାସଭବନରେ କୌଣସି କାରଣରୁ ଖସିପଡ଼ିଥିଲେ ଓ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ଏହା ପରେ ତାଙ୍କୁ ତୁରନ୍ତ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ଟିଏମସି ନେତା



ଅଭିଷେକ ବାନାର୍ଜୀ ତାଙ୍କୁ ଏସଏସକେଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଏହା ପୂର୍ବରୁ ଜାନୁଆରୀ ୨୪ରେ ମମତା ବାନାର୍ଜୀ ମଧ୍ୟ ଆହତ ହୋଇଥିଲେ । ଅନ୍ୟ ଏକ ଗାଡ଼ି ସହ ଧକ୍କା ହେବାରୁ ବର୍ତ୍ତିବା ପାଇଁ ତାଙ୍କ କାର୍କୁ ହଠାତ୍ ଅଟକାଇବାକୁ ପଡ଼ିଥିଲା । ଏହି କାରଣରୁ ଡ୍ରାଇଭରଙ୍କ ପାଖରେ ବସିଥିବା ମମତା ବାନାର୍ଜୀଙ୍କ ମୁଣ୍ଡ ୱିଣ୍ଡସ୍କ୍ରିନରେ ବାଜିବା ସହ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ସେହିପରି ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା ।

## ବିଲେଇ ପାଇଁ ଜାପାନରେ ହାଇ ଆଲର୍ଟ

**ଟୋକିଓ:** ଜାପାନର ଏକ ସହରରେ ବିଲେଇ ପାଇଁ ହାଇ ଆଲର୍ଟ ଜାରି କରାଯାଇଛି । ବିଲେଇ ରାତି ଅଧରୁ କୁଆଡେ ପଳାଇ ଯାଇଥିବା କୁହାଯାଉଛି । ଏହା ପୂର୍ବରୁ ବିଲେଇ ବିପଜ୍ଜନକ ରାସାୟନିକ ପଦାର୍ଥ ଥିବା ଟ୍ୟାଙ୍କରେ ଖସି ପଡ଼ିଥିଲା । ହିରୋସୀମାର ଫୁକୁୟାମାରେ ଅଧିକାରୀମାନେ ବିଲେଇ ଖୋଜାରେ ଲାଗିଛନ୍ତି । ବିଲେଇ ପାଖକୁ ନ ଯିବା ଲାଗି ଲୋକମାନଙ୍କୁ ସତର୍କ ସୂଚନା ଜାରି କରାଯାଇଛି । ସିସି ଟିଭି ଭିଡ଼ିଓ ଫୁଟେଜରୁ ଜଣାପଡୁଛି ରବିବାର ବିଳମ୍ବିତ ରାତିରେ ବିଲେଇକୁ ଏକ ପ୍ଲେଟିଂ ଫ୍ୟାକ୍ଟ୍ରି ବାହାରୁ ଥିବାର ଦେଖିବାକୁ ମିଳୁଛି । ବିଲେଇ ପଞ୍ଝାର ଚିହ୍ନ ହେକ୍ସାଭାଲାଣ୍ଟ କ୍ରୋମିୟମ ରଖାଯାଇଥିବା ୩ ମିଟର ଟ୍ୟାଙ୍କରେ ପଡ଼ିଯାଇଥିଲା । ଏହି ରାସାୟନିକ ପଦାର୍ଥ ଯୋଗୁ କ୍ୟାନସର ହୋଇଥାଏ । ଏହାର ପ୍ରଭାବରେ ନିଶ୍ୱାସ ଦେବାରେ ସମସ୍ୟା ଏବଂ ଶରୀରରେ ଜଳାପୋଡ଼ା ହୋଇଥାଏ । ଫ୍ୟାକ୍ଟ୍ରିର ପ୍ରବନ୍ଧକ ଅକିହିରୋ କୋବାୟାଶି କହିଛନ୍ତି ସପ୍ତାହାନ୍ତ ଛୁଟି ପରେ କର୍ମଚାରୀମାନେ ଫେରି ଦେଖିଥିଲେ ରାସାୟନିକ ଥିବା ଟ୍ୟାଙ୍କର ଢାଙ୍କୁଣି ଆଶିଂକ ଫାଟି ଯାଇଛି । ସେମାନେ ବିଲେଇ ପଞ୍ଝା ଦେଖି ତାକୁ ଖୋଜିଥିଲେ । କିନ୍ତୁ ବିଲେଇ ମିଳି ନ ଥିଲା । ବିଶେଷଜ୍ଞଙ୍କ ଅନୁସାରେ ଏହି ରାସାୟନିକ ପଦାର୍ଥ ସଂସ୍ପର୍ଶରେ ଆସିବା ପରେ ବିଲେଇ ମରିଯିବାର ଆଶଙ୍କା ରହିଛି । ତେବେ ସରକାରଙ୍କ ଆଖିରୁ ନିଦ ହଜିଯାଇଥିବା କୁହାଯାଉଛି ।

## କଂଗ୍ରେସ ଆକାଉଣ୍ଟ ପୁଣି ଅଚଳ

**ନୂଆଦିଲ୍ଲୀ:** ପୁଣି ଥରେ ଅଚଳ ହୋଇଗଲା କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ । ଖର୍ଚ୍ଚ କରିବାକୁ ଟଙ୍କାଟେ ବି ନାହିଁ । ଆର୍ଥିକ ସଙ୍କଟ ଦେଇ ଗତି କରୁଛି କଂଗ୍ରେସ । ପୁଣି ଥରେ ଅଚଳ ହୋଇଗଲା କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ । ଖର୍ଚ୍ଚ କରିବାକୁ ଟଙ୍କାଟେ ବି ନାହିଁ । ଆର୍ଥିକ ସଙ୍କଟ ଦେଇ ଗତି କରୁଛି କଂଗ୍ରେସ । ଦାନ ରୂପରେ ଟଙ୍କା ଜମା ହେଉଥିବା କଂଗ୍ରେସ ଆକାଉଣ୍ଟକୁ ବିଜେପି ଅଚଳ କରି ଦେଇଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ । ବିଜେପି ସରକାର ହୀନ ରାଜନୈତିକ ଚକ୍ରାନ୍ତ କରି କଂଗ୍ରେସର ଆକାଉଣ୍ଟକୁ ଫ୍ରିଜ୍ କରି ଦେଇଥିବା ସେ ଅଭିଯୋଗ କରିଛନ୍ତି । ଏଥିସହ ଆୟକର ବିଭାଗ ବି ଜୋରିମାନା ଲଗାଇଥିବା ସେ ଅଭିଯୋଗ ଆଣିଛନ୍ତି । ବିଜେପିର ଏପରି ହୀନ ଚକ୍ରାନ୍ତ ସମ୍ପର୍କରେ ସମଗ୍ର ଦେଶବାସୀଙ୍କୁ ଅବଗତ କରାଇବା ସହ ଦେଶର ସମ୍ବିଧାନ ଓ ଲୋକତନ୍ତ୍ରକୁ ବଞ୍ଚାଇବାକୁ ଅପିଲ୍ କରିଛନ୍ତି ଖଡଗେ । ତେଣୁ ଆଗାମୀ ଲୋକସଭା ନିର୍ବାଚନରେ କଂଗ୍ରେସ୍ ସପକ୍ଷରେ ଭୋଟ ଦେବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି । ଏନେଇ ସେ କହିଛନ୍ତି, ଫ୍ରିଜ୍ ହୋଇଯାଇଥିବା ଆକାଉଣ୍ଟରେ ଆମ ପାର୍ଟିର ଟଙ୍କା ଥିଲା, ଯାହାକୁ କି ଜନସାଧାରଣ ଦାନ ରୂପରେ ଦେଇଥିଲେ । ହେଲେ ବିଜେପି ସରକାର ତାକୁ ବି ଫ୍ରିଜ କରି ଦେଇଛି । ଫଳରେ ଖର୍ଚ୍ଚ କରିବାକୁ ଆମ ପାଖରେ ଟଙ୍କାଟିଏ ବି ନାହିଁ । ନିଜ ନିର୍ବାଚନୀ ବଣ୍ଡ ସମ୍ପର୍କୀତ ତଥ୍ୟ ସର୍ବ ସମ୍ମୁଖକୁ ଆଣିବାକୁ ଚାହୁଁ ନ ଥିବା ବେଳେ ବିଜେପି କିନ୍ତୁ ଆମ ଆକାଉଣ୍ଟ ଫ୍ରିଜ କରି ଦେଇଥିବା କହିଛନ୍ତି ଖଡଗେ । ନିଜ ଚୋରି ଯେପରି ଧରା ନ ପଡ଼ିବ ସେଥିନିମନ୍ତେ ସେମାନେ ଏହାକୁ ଜୁଲାଇ ପର୍ଯ୍ୟନ୍ତ ଘୁଞ୍ଚାଇବାକୁ ଯଥାସମ୍ଭବ ଚେଷ୍ଟା ଚଳାଇଥିଲେ । ମାତ୍ର ସୁପ୍ରିମକୋର୍ଟଙ୍କ କଡ଼ା ଟିପ୍ପଣୀ ଯୋଗୁ ସେମାନେ ଏଥିରେ ସଫଳ ହୋଇ ପାରିଲେନି । ଏହା ପୂର୍ବରୁଗତ ଫେବୃଆରୀ ମାସରେ କଂଗ୍ରେସର ମୋଟ ୯ଟି ବ୍ୟାଙ୍କ ଆକାଉଣ୍ଟ ଅଚଳ ହୋଇଯାଇଥିଲା । ଏହି ସବୁ ଖାତାରେ ଥିବା ଟଙ୍କା ଉଠାଣ ଉପରେ ଇନକମ୍ ଟ୍ୟାକ୍ସ ଡିପାର୍ଟମୋଣ୍ଟ ରୋକ୍ ଲଗାଇଥିଲା । ଏନେଇ କଂଗ୍ରେସ ଆୟକର ଅପିଲେଟ୍ ଟ୍ରିବ୍ୟୁନାଲରେ ଏକ ଆବେଦନ କରିଥିବା ବେଳେ ତାହା ସଚଳ ହୋଇଥିଲା । ଏବେ ପୁଣି ଥରେ ନିର୍ବାଚନ ପୂର୍ବରୁ ଏହି ସମସ୍ୟାର ସମ୍ମୁଖୀନ ହୋଇଛି କଂଗ୍ରେସ ।






# ମୁମ୍ବାଇ ଜିତିଲା ୪୨ତମ ଟାଇଟଲ

ମୁମ୍ବାଇ,୧୪ା୩(ଏଜେନ୍ସି): ୮ ବର୍ଷ ପରେ ରଣଜୀ ଟ୍ରଫି ଟାଇଟଲ ହାତେଇବାରେ ସଫଳ ହୋଇଛି ମୁମ୍ବାଇ ଦଳ । ଗୁରୁବାର ଶେଷ ହୋଇଥିବା ରଣଜୀ ଟ୍ରଫି ଫାଇନାଲରେ ବିଦର୍ଭଙ୍କୁ ୧୬୯ ରନ୍ ବ୍ୟବଧାନରେ ହରାଇ ମୁମ୍ବାଇ ୪୨ତମ ଟାଇଟଲ ହାସଲ କରି ଇତିହାସ ରଚିଛି । ଏକଦା ମୁମ୍ବାଇ ପକ୍ଷରୁ ୫୩୮ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟ ବିଦର୍ଭ ସମ୍ମୁଖରେ ଧାର୍ଯ୍ୟ ହୋଇଥିଲା । ପ୍ରଥମ ଇନିଂସରେ ଭଲ ବ୍ୟାଟିଂ କରିପାରିନଥିବା ବିଦର୍ଭ ଦ୍ୱିତୀୟ ଇନିଂସରେ ମୁମ୍ବାଇକୁ କଡା ଟକ୍କର ଦେଇଥିଲା । କରୁଣ ନାଏର ୭୪, ଅକ୍ଷୟ ୱାଦେକର ୧୦୨, ହର୍ଷ ଦୁବେ ୬୫ ରନ୍‌ର ଇନିଂସ ଖେଳିଥିଲେ । ଏମାନେ ଆଉଟ୍ ହେବା ପରେ ମୁମ୍ବାଇ ହାତକୁ ମ୍ୟାଚ ଚାଲିଯାଇଥିଲା । ମୁମ୍ବାଇ ପକ୍ଷରୁ ତନୁସ କୋଟିଆନ ସର୍ବାଧିକ ୪ ୱିକେଟ ନେଇଥିଲେ । ତୁଷାର ଦେଶ ପାଣ୍ଡେ ଓ ମୁସିର ଖାନ୍ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।




ଉଚ୍ଚକୋଟିର ଇନିଂସ ପାଇଁ ମୁସର ଖାନ୍‌ଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ସେହିଭଳି ତନୁସ ପ୍ଲେୟାର ଅଫ୍ ଦ ସିରିଜ ହୋଇଥିଲେ । ୨୦୧୫-୧୬ରେ ଶେଷଥର ପାଇଁ ମୁମ୍ବାଇ ଦଳ ସୌରାଷ୍ଟ୍ରକୁ ହରାଇ ଚାମ୍ପିଅନ୍ ହୋଇଥିଲା । ଅନ୍ୟପଟେ ବିଦର୍ଭର ତୃତୀୟଥର ଟାଇଟଲ ଜିତିବାର ସ୍ୱପ୍ନ ଧୂଳିସାତ ହୋଇଛି । ମୁମ୍ବାଇ ପ୍ରଥମ ଇନିଂସରେ ୨୨୪ ରନ୍ କରିଥିବା ବେଳେ ବିଦର୍ଭ ୧୦୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ମୁମ୍ବାଇ ଦ୍ୱିତୀୟ ଇନିଂସରେ ମୁସିର ଖାନ୍‌ଙ୍କ ଶତକ ଓ ଶ୍ରେୟାସ ଆୟରଙ୍କ ୯୫ ରନ୍ ସହାୟତାରେ ୪୧୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ହର୍ସ ଦୁବେ ବିଦର୍ଭ ପକ୍ଷରୁ ସର୍ବାଧିକ ୫ ୱିକେଟ୍ ନେଇଥିଲେ ।

# ୨୬୯ ପଦକ ପାଇଁ ୫୬.୯୩ ଲକ୍ଷ ପୁରସ୍କାର ରାଶି

ଭୁବନେଶ୍ୱର,୧୪ା୩(ସବ୍ୟୁ): ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ଅର୍ଥରାଶି ପୁରସ୍କାରରେ ସମ୍ମାନିତ କରାଯାଇଛି । ଏଥିରେ ୨୬୯ ପଦକ ପାଇଁ କୃଡ଼ି କ୍ରୀଡ଼ାବିତଙ୍କୁ ମୋଟ ୫୬ ଲକ୍ଷ ୯୩ ହଜାର ଟଙ୍କାର ପୁରସ୍କାର ରାଶି ପ୍ରାଦନ କରାଯାଇଛି ।

କଳିଙ୍ଗ ଷ୍ଟାଡ଼ିୟମ ସ୍ଥିତ ଟେନିସ ସେଣ୍ଟର ଅଡ଼ିଟୋରିୟମ୍ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ହକି ପ୍ରମୋସନ କାଉନସିଲ ଅଫ ଓଡ଼ିଶାର ଅଧକ୍ଷ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ କ୍ରୀଡ଼ାବିତମାନଙ୍କୁ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ଆଥଲେଟିକ୍ସ, ସ୍ୱିମିଙ୍ଗ, ରଗବୀ, ହକି, ବ୍ୟାଡ଼ମିଣ୍ଟନ, ଟେନିସ, ଭାରତ୍ତୋଳନ, ଭଲିବଲ, ବିଚ ଭଲିବଲ, ସୁଟିଂ, ଯୋଗାସନ ଏବଂ କରାଟେ ଆଦି ମୋଟ ୨୦ ଟି ବର୍ଗରେ ଜାତୀୟ ତଥା ଅନ୍ତର୍ଜାତୀୟ




କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ପୁରସ୍କାର ପ୍ରାଦନ କରାଯାଇଥିଲା । କ୍ରୀଡ଼ାବିତଙ୍କ ମଧ୍ୟରେ ପ୍ରତ୍ୟାଶା ରାୟ ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ ଏବଂ ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଚାମ୍ପିଅନସିପରେ ସର୍ବାଧିକ ୧୨ଟି ପଦକ ହାସଲ କରି ମୋଟ ୩ଲକ୍ଷ ୮୨ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପାଇଛନ୍ତି ।

ଏଠାରେ ସୂଚନା ଯୋଗ୍ୟ କି ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ବିଭିନ୍ନ କ୍ରୀଡ଼ାରେ ପଦକ ବିଜେତାଙ୍କୁ ଅର୍ଥରାଶି ପୁରସ୍କାର ଏହାର ଅଂଶ ବିଶେଷ ଓ ୫-ଟ୍ଵ ମନ୍ତ୍ରର ସଠିକ ଅନୁପାଳନ ସହ ପଦକ ବିଜେତାଙ୍କୁ ତତକ୍ଷଣାତ ଅର୍ଥ ପୁରସ୍କାର ପ୍ରଦାନକୁ କ୍ରୀଡ଼ା ଓ ଯୁବସେବା ବିଭାଗ ପାଳନ କରି ଆସିଛି ।

ଆଜିର ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ହକି ପ୍ରମୋସନ କାଉନସିଲ ଅଫ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର ଏବଂ ଓଏସଡ଼ି ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, କୋଚ ଏବଂ କ୍ରୀଡ଼ାବିତ ମାନେ ଉପସ୍ଥିତ ଥିଲେ ।

# ଭିଜି ଟ୍ରଫି: ନର୍ଥ ଜୋନ୍‌କୁ ହରାଇଲା ଇଷ୍ଟ ଜୋନ୍

ଭୁବନେଶ୍ୱର,୧୪ା୩(ସବ୍ୟୁ): ଆସାମର ଗୌହାଟୀରେ ଚାଲିଥିବା ବିସିସିଆଇର ଘରୋଇ ପ୍ରତିଯୋଗିତା ଭିଜି ଟ୍ରଫିରେ ଗୁରୁବାର ଡିଫେଣ୍ଡିଂ ଚାମ୍ପିଅନ୍ ନର୍ଥ ଜୋନ୍‌କୁ ଇଷ୍ଟ ଜୋନ୍ ହରାଇଛି । ଲିଗ୍ ପର୍ଯ୍ୟାୟର ଶେଷ ମ୍ୟାଚରେ ଇଷ୍ଟ ଜୋନ୍ ଦଳ ଏକ ୱିକେଟ୍‌ରେ ଜମାଣିଆ ବିଜୟୀ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ନର୍ଥ ଜୋନ୍ ୪୩.୫ ଓଭରରେ ୧୮୩ ରନ୍ କରିଥିଲା । କିଟ୍‌ର ଶିବାସିସ୍ ସାହୁ ୭ ବୋଲିଂ କରି ୨୮ ରନ୍ ବିନିମୟରେ ୪ ୱିକେଟ୍ ଦଖଲ କରିଥିଲେ । ପାର୍ଥ ସାରଥୀ ନାୟକ ୨ ୱିକେଟ୍ ନେଇଥିଲେ । ୧୮୪ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ଇଷ୍ଟଜୋନ୍ ଦଳ ୪୭.୨ ଓଭରରେ ୯ ୱିକେଟ୍ ହରାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ଏହି ମ୍ୟାଚରେ ଗୌହାଟୀ ବିଶ୍ୱବିଦ୍ୟାଳୟର ଛାତ୍ର ଗୌରବ ସାଇକିଆ ୫୨ ରନ୍‌ର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ର ସୁଜଲ ସିଂ ୩୭ ରନ୍ ଓ ଶ୍ରେଷ୍ଠ ସିଂ ୩୬ ରନ୍ ତଥା କିଟ୍‌ର ପାର୍ଥ ସାରଥୀ ନାୟକ ୨୬ ରନ୍ କରିଥିଲେ । ଇଷ୍ଟଜୋନ୍ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ୫ ଜଣ ସମ୍ବଲପୁର ବିଶ୍ୱବିଦ୍ୟାଳୟର ୨ ଜଣ ତଥା ଉତ୍କଳ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଜଣେ ଲେଖାଏଁ ଛାତ୍ର ସ୍ଥାନ ପାଇଛନ୍ତି । ପ୍ରଫେସର ଅଚ୍ୟୁତ ସାମନ୍ତ ଇଷ୍ଟଜୋନ୍ ଦଳର ସଫଳତା ପାଇଁ ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ ସ୍ୱାଗତ ଜଣାଇଛନ୍ତି ।

# ଚାନ୍ଦପୁର ପ୍ରିମିୟର ଲିଗ ଉଦ୍‌ଘାଟିତ

ପାଣିକୋଇଲି,୧୪ା୩(ସବ୍ୟୁ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଠାରେ ରାତ୍ରୀକାଳୀନ ଚାନ୍ଦପୁର ପ୍ରିୟର ଲିଗ ଉଦ୍‌ଘାଟିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ (ନିୟୁ କିଙ୍ଗ କେବ୍ରା, ମହାବୀର ସୁପର କିଙ୍ଗ, ତ୍ରୀଷା ଚ୍ୟାଲେଞ୍ଜର, ଅନୁରାଗ ୱାରିଅସ, ଲାୟନ ଇଲେଭେନ, ମା ମଙ୍ଗଳା ଟାଇଟନସ) ଭାଗନେବା ସହ ୫ ଦିନବ୍ୟାପି ଏହା ଚାଲୁ ରହିବ । ଏହି ଟୁର୍ଣ୍ଣାମେଣ୍ଟକୁ ପାଣିକୋଇଲିର ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ନିୟୁ କିଙ୍ଗ କୋବ୍ରା ବନାମ ତ୍ରୀଶା ଚ୍ୟାଲେଞ୍ଜର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିୟୁ କିଙ୍ଗ କୋବ୍ରା ପ୍ରଥମେ ବ୍ୟାଂଟି କରି ନିର୍ଦ୍ଧାରିତ ୬ ଓଭରରେ ୫ ୱିକେଟ ହରାଇ ୩୨ ରନ ସଂଗ୍ରହ କରିଥିଲା । ଜବାବରେ ତ୍ରୀଶା ଚ୍ୟାଲେଂଜର ୫.୨ଓଭରରେ ୩୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା ।


## ସୂଚନା

ସମୟ
BHIM
SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


# ପ୍ରଥମ ରାଜ୍ୟସ୍ତରୀୟ ନିମନ୍ତ୍ରଣ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଅନୁଗୁଳ,୧୪ା୩(ସବ୍ୟୁ): ଅନୁଗୁଳର ଅନ୍ୟତମ କ୍ରୀଡା ଅନୁଷ୍ଠାନ ବ୍ୟାଡ଼ମିଣ୍ଟନ କ୍ଲବ ଆନୁକୂଲ୍ୟରେ ଆଜି ଠାରୁ ପ୍ରଥମ ରାଜ୍ୟସ୍ତରୀୟ ନିମନ୍ତ୍ରଣ ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଅନୁଗୋଳ ଷ୍ଟାଡିୟମ ପରିସରରେ ଥିବା ବିଜୁ ପଟ୍ଟନାୟକ ଇଣ୍ଡୋର ହଲ ଠାରେ ଆୟୋଜନ କରାଯାଇଅଛି । ଏହି ଟୁର୍ନାମେଣ୍ଟ ଚଳିତ ମାସ ୧୫ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଣ୍ଟରେ ସାରା ଓଡ଼ିଶରୁ ପ୍ରାୟ ୧୦୦ ଟିମ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି । ଏହା ଅନୁଗୋଳରେ ପ୍ରଥମ କରି ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ବ୍ୟାଡ଼ମିଣ୍ଟନ କ୍ଲବ, ଅନୁଗୋଳ ପକ୍ଷରୁ ଆୟୋଜନ କରୁଅଛି । ଆମ ଜିଲ୍ଲାରେ ବ୍ୟାଡ଼ମିଣ୍ଟନ କ୍ରୀଡାର ପ୍ରସାର ଓ ଉନ୍ନତି ଆମ ଅନୁଷ୍ଠାନର ପ୍ରଥମ ଲକ୍ଷ ଅଟେ । ଏହି ଟୁର୍ଣ୍ଣାମେଣ୍ଟରେ ୧୭ ବର୍ଷ ଓ ୧୩ ବର୍ଷ ବାଳକ ଓ ବାଳିକା ମଧ୍ୟରେ ପ୍ରତିଯୋଗିତା ହେବ । ୧୬ ଓ ୧୭ ତାରିଖରେ ସମଗ୍ର ଓଡିଶା ବରିଷ୍ଠ ଡବଲ ଓ ମିକ୍ସ ଡବଲ ଖେଳ ପ୍ରତିଯୋଗିତା ହେବ । ସକାଳ ୯ ଘଟିକା ଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ପ୍ରତିଯୋଗିତା ହେବ । ଉଦଘାଟନ ଦିବସରେ ଜିଲ୍ଲାପାଳ ମୁଖ୍ୟଅତିଥି ଓ ଉଦଯାପନ ଦିବସରେ ଅନ୍ତର୍ଜାତୀୟ ଭିନ୍ନକ୍ଷ୍ୟମ ବ୍ୟାଡ଼ମିଣ୍ଟନ ଖେଳାଳି ତଥା ଭିନ୍ନକ୍ଷ୍ୟମ ଅଲୋମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି ଆଜି ବ୍ୟାଡ଼ମିଣ୍ଟନ କ୍ଲବ ପକ୍ଷରୁ ବିଜୁ ପଟ୍ଟନାୟକ ଇଣ୍ଡୋର ହଲ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଲବର ସଭାପତି ଆଇନଜୀବି ହିମାଂଶୁ ଭୂଷଣ ସାମଲ ପ୍ରକାଶ କରିଛନ୍ତି ।

# ଭଲିବଲ: ରାଉରକେଲା ଚାମ୍ପିଅନ

କଣିହାଁ,୧୪ା୩(ସବ୍ୟୁ): ଅନୁଗୋଳ ଜିଲା କଣିହାଁ ବ୍ଲକ ରଙ୍ଗବେଦା ଗ୍ରାମରେ ଗ୍ରାମର ବାପୁଜୀ କ୍ଲବ ଆନୁକୁଲ୍ୟରେ ରାଜ୍ୟସ୍ତରୀୟ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚ ରାଉରକେଲା (ରାଇଜିଂ କ୍ଲବ) ଓ ପଥରମୁଣ୍ଡା(ବାଲୁଙ୍କେଶ୍ୱର କ୍ଲବ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରାଉରକେଲା (୨/୦) ସେଟରେ ପଥରମୁଣ୍ଡା ଟିମକୁ ହରାଇ ଚମ୍ପିୟାନ ହୋଇଥିଲା । ଖେଳ ଚାଲୁଥିବାବେଳେ ମୁଖ୍ୟ ଅତିଥି ଭାବରେ ଏନଟିପିସି ପ୍ରକଳ୍ପ ମୁଖ୍ୟ ଏ କେ ସେହଗଲ, ସମ୍ମାନୀତ ଅତିଥି ଭାବରେ ଏଚଆର ମୁଖ୍ୟ ବି କେ ପାଣ୍ଡେ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅତିଥିଙ୍କ ଦ୍ୱାରା ରାଉରକେଲା ଟିମକୁ ଚମ୍ପିୟାନ ଟ୍ରଫି ଓ ଭୁବନେଶ୍ୱର ଟିମକୁ ରନର୍ସଅପ ଟ୍ରଫି ପ୍ରଦାନ କରାଯାଇଥିଲା । ଟୁର୍ନାମେଣ୍ଟରେ ରାଇଜିଂ କ୍ଲବ ରାଉରକେଲା , ରାଇଘର ଷ୍ଟାଡିୟମ ଛତିଶଗଡ଼, ଗୁଜୁରାଟ, କ୍ରିତିଶ ପାୱାର , ବାଲୁଙ୍କେଶ୍ୱର କ୍ଲବ ପଥରମୁଣ୍ଡା, ଅଜିତ ଫାଇଟର ପ୍ରମୁଖ ୬ଟି ଟିମ ଅଂଶ ଗ୍ରହଣ କରିଥିଲେ । ମ୍ୟାଚକୁ ରେଫରି ନିରଞ୍ଜନ ନାୟକ, ବି କେ ବାଗ, ଉଦିତ ଗଡ଼ନାୟକ, ତପନେଶ୍ୱର ପ୍ରଧାନ, ତପନ ବଳ ପ୍ରମୁଖ ପରିଚାଳନା କରିଥିଲେ ।




# ଟ୍ରିମ୍ସ ଆଟିଆଇ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ



କଟକ,୧୪ା୩(ସବ୍ୟୁ): ଟ୍ରିମ୍ସ ଆଟିଆଇର ୧୬ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି । ଦୁଇଦିନ ଧରି ଚାଲିଥିବାଏହି କ୍ରୀଡା ପ୍ରତିଯୋଗିତାରେ କ୍ରିକେଟ, ଭଲିବଲ, ବ୍ୟାଡମିଣ୍ଟନ, କବାଡି ସମେତ ବିଭିନ୍ନ ଖେଳକୁଦ ସାମିଲ ହୋଇଥିଲା । କ୍ରିକେଟ ଓ ବ୍ୟାଡମିଣ୍ଟନରେ ଫିଟର ଦ୍ୱିତୀୟ ବର୍ଷ ଚମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା । ସେହିଭଳି ଦଉଡି ଟଣାରେ ଇଲେକ୍ଟ୍ରିସିଆନ୍ ବିଭାଗ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ କବାଡି ଓ ଭଲିବଲରେ ଫିଟର ପ୍ରଥମ ବର୍ଷ ଚମ୍ପିୟନ୍ ଟ୍ରଫି ହାସଲ କରିଥିଲା । ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଭୟ ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ ଉତ୍କର୍ଷ ହାସଲ କରି ସେମାନେ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ତାଙ୍କ ବକ୍ତବ୍ୟରେ ଆଇଟିଆଇ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜଗତର ପ୍ରକୃତ ବିନ୍ଧାଣୀ ଭାବରେ ବର୍ଣ୍ଣନା କରି ପ୍ରତିଯୋଗୀ ମନୋଭାବ ନେଇ ସେମାନେ ଆଗକୁ ବଢିବାକୁ ମାର୍ଗଦର୍ଶନ କରିଥିଲେ । ସମ୍ମାନିତ ଅତିଥି କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଶାରୀରିକ ଓ ମାନସିକସ୍ତରରେ ସଶକ୍ତ ହେବା ଲାଗି ଖେଳକୁଦର ଜରୁରୀ ଆବଶ୍ୟକତା ରହିଥିବା କହିଥିଲେ । ଉତ୍ସବରେ ପୌରହିତ୍ୟ କରି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଟ୍ରିମସ ଆଟିଆଇ ପ୍ରଶିକ୍ଷାର୍ଥୀ ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ଶ୍ରେଷ୍ଠତା ପ୍ରଦର୍ଶନ କରିବା ଆନନ୍ଦନର ବିଷୟ ବୋଲି ପ୍ରକାଶ କରିଥିଲେ । ଅଧକ୍ଷ ଇଂ ଶିଶିର କୁମାର ସାହୁ ବିବରଣୀ ଉପସ୍ଥାପନ ଓ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ସ୍ୱାଗତ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପାଧକ୍ଷ ଇଂ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।







Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Ku. Mohanty: **ମୁଖ୍ୟ ସମ୍ପାଦକ:** ରାକେଶ କୁମାର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି

# କଂକ୍ରିଟ ମିକ୍ସଚର୍ ମେସିନ-ବାଇକ୍ ମୁହାଁମୁହିଁ : ୨ ମୃତ



ବାଙ୍କୀ, (ସବ୍ୟୁ) : ଗୁରୁବାର କଂକ୍ରିଟ ମିଶ୍ଚର୍ ମେସିନ ସହ ବାଇକ୍ ମୁହାଁମୁହିଁ ହେବାରୁ ୨ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। କଟକ ପଟୁ ବାଙ୍କୀ ଆସୁଥିବା ସିମେଣ୍ଟ କଂକ୍ରିଟ ମିଶ୍ଚର ମେସିନ ଗାଡ଼ି ସହିତ କଟକ ବାଙ୍କୀ ମୁଖ୍ୟ ରାସ୍ତାର କୁଶପଙ୍ଗି ଛକ ନିକଟ ସ୍ଥ ବଡ଼ ଶଙ୍ଖ ଠାରେ ବାଙ୍କୀ ପଟୁ ବାଇକ୍‌ରେ ଭୁବନେଶ୍ୱର ଯାଉଥିବା ଦୁଇ ଜଣ ଯୁବକଙ୍କ ସହିତ ମୁଁହା ମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ସ୍ଥଳରେ ଜଣଙ୍କର ଓ ବାଙ୍କୀ ଡାକ୍ତର ଖାନାରେ ଆଉଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକ ୨ଜଣ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ଶଙ୍ଖାମେରି ଗ୍ରାମର ଆଦିତ୍ୟ ମହାନ୍ତି (୨୫)ଓ ଶିବ ପ୍ରସାଦ ମହାନ୍ତି (୩୦) । ବାଙ୍କୀ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି କଂକ୍ରିଟ ମେସିନକୁ ଜବତ କରି ଥାନାରେ ରଖିଥିବା ବେଳେ ଡ୍ରାଇଭର କେଉଁ ଆଡେ ଫେରାର ହୋଇଯାଇଛି। ଦୁଇ ମୃତକ ଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗ ଙ୍କୁ ହସ୍ତାନ୍ତର କରାଯାଇଥିବା ବାଙ୍କୀ ଥାନା ଆଇଆଇସି ଶିବ ଚରଣ ବେହେରା ସୂଚନା ଦେଇଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ସହ ଗଞ୍ଜେଇ ଜବତ : ୫ ଗିରଫ

ଖଣ୍ଡପଡା, (ସବ୍ୟୁ): ଖଣ୍ଡପଡା ଥାନା ଅଧିନ ସିଧାମୂଳା, ବାଣପୁର ଓ କଂଟିଲୋ ଅଂଚଳ ଦେଇ ଚୋରାରେ ଗଞ୍ଜେଇ ଚାଲାଣ ବେଳେ କୌଣସି ବିଶେଷ ସୁତ୍ରରୁ ଖବର ପାଇ ଖଣ୍ଡପଡ଼ା ଓ କଂଟିଲୋ ଫାଣ୍ଡି ପୋଲିସ୍ ମିଳତ ଭାବେ ଚଢାଉକରି ଗଞ୍ଜେଇ ବୋଝେଇ ହୋଇଥିବା ଏକ ପିକ୍‌ଅପ୍ ଭ୍ୟାନ୍‌କୁଜବତ୍ କରିବା ସହ ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୫ଜଣଙ୍କୁ ଗିରଫ କରିଥିବା ପୋଲିସ୍ ସୂଚନା ଦେଇଛି। ଖଣ୍ଡପଡ଼ା ଥାନା ପରିସରରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଖଣ୍ଡପଡ଼ା ଏସ୍‌ଡ଼ିପିଓ ବିମଳ କୁମାର ବାରିକ, ଗଣମାଧ୍ୟମ୍‌ର ପ୍ରତିନିଧିମାନଙ୍କ ଆଗରେଚୋରା ଗଞ୍ଜେଇ କାରବାର ଘଟଣାର ପର୍ଦ୍ଦାଫାସ୍ କରିଛନ୍ତି। ସୁଦୂର କନ୍ଧମାଳ ଜିଲ୍ଲାରୁ ଦଶପଲ୍ଲା,ସିଧାମୂଳା ଓ କଂଟିଲୋ ଅଂଚଳ ଦେଇ କଟକ ଜିଲ୍ଲା ଅଧିନ ଚୌଦ୍ୱାର ଅଂଚଳକୁ ଏକ ପିକ୍‌ଅପ୍‌ଭ୍ୟାନ୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ୍ ସୂଚନା ପାଇବା ପରେ କଂଟିଲୋ ଫାଣ୍ଡିଅଧିକାରୀ ରମେଶ ଚନ୍ଦ୍ର ଜେନା, ଖଣ୍ଡପଡ଼ା ଥାନାଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ ସଦଳ ବଳେ ଘଟଣାସ୍ଥଳରେ ଚଢାଉ କରି ପିକ୍‌ଭ୍ୟାନ୍‌ଟିକୁ ଜବତ୍ କରି ତନଖି କରିଥିଲେ। ଉକ୍ତ ପିକ୍‌ଅପ୍‌ଭ୍ୟାନ୍‌ରେ ୮୩ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଚୋରାରେ ଗଞ୍ଜେଇ ଚାଲାଣ କରୁଥିବା ବ୍ୟକ୍ତିମାନେ ହେଲେ ସୁଦୂର ଆନ୍ଧ୍ରପ୍ରଦେଶ ରାଜ୍ୟ ନେଲୋର ଜିଲ୍ଲା ଅଧିନ ପୋଦାଲକୁର୍ ଗ୍ରାମରଟି.ଅଙ୍କେୟା (୩୦), ଏମ୍.ରମେଶ (୩୫), ଧନାଲା ଭାମ୍‌ସି କ୍ରିଷ୍ଣା (୨୬), ଖଣ୍ଡପଡ଼ା ଥାନା ଅଧିନସିଧାମୂଳା ପଞ୍ଚାୟତ ଅକୁରାବନ୍ଧ ଗ୍ରାମର ସାଧୁ ଲେଙ୍କା (୬୪) ଓ ପଦ୍ମଲାଭ ମହାନ୍ତି (୩୪) ବୋଲି ପୋଲିସ୍‌ସୂଚନା ଦେଇଛି। ପୋଲିସ୍ ସେମାନଙ୍କ ଠାରୁ ୪ଟି ମୋବାଇଲ୍ ଫୋନ୍ ଜବତ୍ କରିଥିବା ବେଳେ ଜବତ୍ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ୍ କହିଛି। ଏ ସମ୍ପର୍କରୋନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଶୁକ୍ରବାର ସେମାନଙ୍କୁ ଅଦାଲତ୍ ଚାଲାଣ କରାଯିବ ବୋଲି ପୋଲିସ୍ ସୂଚନା ଦେଇଛି। ତେବେ ଏହି ଚୋରା ଗଞ୍ଜେଇ କାରବାର ର୍‍ୟାକେଟ୍ ସହଆଉ କେଉଁ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ପୋଲିସ୍ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବାବେଳେ ଘଟଣାର ମାଷ୍ଟର ମାଇଣ୍ଡ ଖଣ୍ଡପଡ଼ା ଅଂଚଳର ବୋଲି ପୋଲିସ୍ ସୂଚନା ଦେଇଛି। ଗତ ୨୦୨୩ମସିହାରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡକୁ ପୋଲିସ୍ ଗିରଫ କରି ଜେଲ୍ ପଠାଇଥିବା ବେଳେ ପରବର୍ତୀ ସମୟରେସମ୍ପୃକ୍ତ ମାଫିଆ ଜଣଙ୍କ ପୁନର୍ବାର ଏହି କାରବାରରେ ଲିପ୍ତ ଥିବା ପୋଲିସ୍ ସୁତ୍ରରୁ ପ୍ରକାଶ। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଖଣ୍ଡପଡ଼ାପୋଲିସ୍ ପକ୍ଷରୁ ଅପରାଧିମାନଙ୍କୁ ଧରପଗଡ଼ ନିମନ୍ତେ ଉଦ୍ୟମ ଜାରି ରହିଥିବା ଏସ୍‌ଡ଼ିପିଓ ଶ୍ରୀବାରିକ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଖଣ୍ଡପଡ଼ା ଥାନାଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ,ଏସ୍‌ଆଇ ମନସ୍ମିତା ସାହୁ ଓ କଂଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।




# ଡିଜିଟାଲ ଆର୍ଥିକ ସାକ୍ଷରତା ସଚେତନତା ଶିବିର

ଗଣିଆ,(ସବ୍ୟୁ) : ଷ୍ଟେଟ ବ୍ୟାଙ୍କ ଓ ନାବାର୍ଡ ସହାୟତାରେ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତକାର୍ଯ୍ୟାଳୟ ପରିସରରେ ଗୁରବାର ଗ୍ରାମାଚଂଳରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣଙ୍କୁଡିଜିଟାଲ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେଭାରତୀୟ ଷ୍ଟେଟ ବ୍ୟାଙ୍କ ଏଲଡିଏମ୍ ନୟାଗଡ ଶଶିଶେଖର ପଟ୍ଟନାୟକ, ସରିଗଣ୍ଡା ଶାଖା ପରିଚାଳକ ସୁଧାକରଗଇଗୋରିଆ, ଏଫଏଲସି ରବି ନାରାୟଣ ସେଠି, ବ୍ୟାଙ୍କ ମିତ୍ର ମମତାମୟୀ ଦାଶ, ଛାମୁଣ୍ଡିଆ ସରପଚଂ ଦିପ୍ତୀରେଖାସେନାପତି, ସମିତିସଭ୍ୟା ସସ୍ମିତା ଦଳେଇ, ନାଏବ ସରପଚଂ ସରସ୍ୱତୀ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।ସରକାର ଗ୍ରାମମାଚଂଳରେ ଆମ ବ୍ୟାଙ୍କ ଖୋଲି ଲୋକଙ୍କ ହାତ ପାହନ୍ତାରେ ବ୍ୟାଙ୍କ ସେବା ଯୋଗାଇଦେବା ଆରମ୍ଭକରିଛନ୍ତି । ବ୍ୟାଙ୍କଗୁଡିକରେ ଧାଡିବାନ୍ଧି ଛିଡା ନ ହୋଇ ଆଧାର ସଂଯୋଗଗୀକରଣ ଟିପ ଚିହ୍ନ ମାଧ୍ୟମରେନଗଦ ଜମା ଓ ଉଠାଣ କରିବା ଉପରେ ଲୋକଙ୍କୁ ବୁଝାଇଥିଲେ । ସେହିପରି ଲୋକମାନେ ବ୍ୟାଙ୍କ ମାଧ୍ୟମରେ କିଭଳି କମ୍ ଅର୍ଥରେ ବୀମା ଅର୍ଥରାଶୀ ଜମା କରି ଭବିଷ୍ୟତରେ ଦୁର୍ଘଟଣା ସହାୟତା କିମ୍ବା ପେନସନ ପାଇପାରିବେ ସେ ନେଇଆଲୋଚନା କରାଯାଇଥିଲା । ଗ୍ରାମାଞ୍ଚଳରେ ଖୋଲାଯାଇଥିବା ଆମ ବ୍ୟାଙ୍କ ମାଧ୍ୟମରେ କିଭଳି ଜନସାଧାରଣସୁବିଧାରେ ବ୍ୟାଙ୍କ ସେବା ପାଇବା ସହ ଅଚଂଳର ସ୍ୱୟଂ ସହାୟକ ଗୋଷ୍ଠୀ ସହଜରେ ଋଣ ପାଇପାରିବେ , ଏଟିଏମର ବ୍ୟବହାର ,ଅନଲାଇନ ଠକେଇରୁ ଦୂରେଇ ରହିବା ସହ ବ୍ୟାଙ୍କିଙ୍ଗ ସମ୍ପର୍କୀତ ବିଭିନ୍ନ ପ୍ରସଙ୍ଗରେ ଅତିଥିମାନେ ଉପସ୍ଥିତ ଲୋକଙ୍କୁବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ପଚାଂୟତର ଛାମୁଣ୍ଡିଆ, ଈଶ୍ୱରପୁର, ବେଣ୍ଟପଡା,ଗୋପିନାଥପୁର, ହରିପୁର ଆଦି ଗ୍ରାମର ୮୦ଜଣରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ସମସ୍ତ ୱାର୍ଡସଭ୍ୟସଭ୍ୟା ଯୋଗଦେଇଥିଲେ ।

# ସ୍ୱାସ୍ଥ୍ୟକର ମାଛ ବଜାର ଶିଳାନ୍ୟାସ

ଆଠଗଡ଼, (ସବ୍ୟୁ) : ଆଠଗଡ଼ କଇଥ ଛକ ଠାରେ ୩ କୋଟି ୬୦ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟରେ ହେବ ଏକ ଆଧୁନିକ ସ୍ୱାସ୍ଥ୍ୟକର ମାଛ ବଜାର ,ନିର୍ମାଣ ଧିନ ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ପରିସରରେ ଏହାର ନିର୍ମାଣ କରାଯିବ। ଏଠାରେ ଖୁଚୁରା ବେପାରୀ ଙ୍କ ସହିତ ମାଛ ଗୋଦାମ ମଧ ରହିବା। ଏକର ଜମି ରେ ହେବାକୁ ଥିବା ଏହି ବଜାର ରେ ୫୦ ଜଣ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ସହିତ ଗୋଦାମ କରି ପାରିବାର ବ୍ୟବସ୍ଥା ରହିବ।ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁବାର ଦିନଏହାର ଶିଳାନ୍ୟାସ କରିଥିବା ବେଳେ ଏ ବାବଦରେ ଖର୍ଚ୍ଚ ହେବାକୁ ଥିବା ଅର୍ଥକୁ ପୂର୍ତ୍ତ ବିଭାଗ କୁ ହସ୍ତାନ୍ତର କରା ଯାଇଥିବା ଜଣାପଡିଛି। ଆଗାମୀ ଦିନରେ ଏହି ପ୍ରକଳ୍ପ ର ସଂପୂର୍ଣ୍ଣ ରୂପରେଖ ପ୍ରସ୍ତୁତି ସହିତ ଟେଣ୍ଡର ପ୍ରକ୍ରିୟା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ସୁତ୍ରରୁ ଜଣାପଡିଛି।

# କଳିଙ୍ଗ ସ୍ପୋର୍ଟିଂ କ୍ଲବର ସ୍ୱଚ୍ଛତା କାର୍ଯ୍ୟକ୍ରମ

କୋଣାର୍କ ,(ସବ୍ୟୁ) :ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ମହିଳା ଦିବସ ଅବସରରେ କୋଣାର୍କ ଠାରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି କଳିଙ୍ଗ ସ୍ପୋର୍ଟିଂ କ୍ଲବ ପ୍ରତିଷ୍ଠାତା ସାଧାରଣ ସମ୍ପାଦିକା ଶ୍ରୀମତୀ ସୁବ୍ରତା ଦଧୋପାଧ୍ୟୟ ଅଧକ୍ଷତାରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ଅନୁଷ୍ଠିତ ହୋଇଥିଲା। ଭିୟୋନ ଇନଫାଭେଂଚେର ପ୍ରାଇଭେଟ ଲିମିଟେଡ଼ଛ ଅନୁଷ୍ଠାନର ଅଧକ୍ଷାଭି ଶ୍ରୀମତୀ ନର୍ମଦା ଶତପଥୀ, କୋଷାଦକ୍ଷ ପ୍ରବୀଣା ମିଶ୍ର, ତିଳତାମା, ସଂଗୀତା ଉପାଧ୍ୟା, ୟୁଥ ସମ୍ପାଦିକା ଶୁଭଲକ୍ଷ୍ମୀ ସମନ୍ତରା, ଆଡ଼ଭାଇଜର ସୟଦ ଅନସର ଅଲ୍ଲୀ ଶୁଭଶ୍ରୀ ବେହେରା,ଅଞ୍ଜଳି ମିଶ୍ର,ମୋନାଲିସା ପାଣି, ସନ୍ଧ୍ୟାରାଣୀ ସ୍ୱାଇଁ,ଶତାବ୍ଦୀ, ମହେନ୍ଦ୍ର,ରିଷିରାୟେ, ଏନଂ ଦିବ୍ୟସଚି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।




# ଶିକ୍ଷକ ଅଭାବ : ବିଦ୍ୟାଳୟରେ ତାଲା

ସାକ୍ଷୀଗୋପାଳ (ସବ୍ୟୁ) : ଗୁରୁବାର ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ଅଳଗୁମ ମଧ ଇଂରାଜୀ ବିଦ୍ୟାଳୟ ରେ ଶିକ୍ଷକ ଅଭାବ କାରଣରୁ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । ଖବର ପାଇ ସତ୍ୟବାଦୀ ବ୍ଲକ ଶିକ୍ଷାଧିକାରୀ ଭବମ ପ୍ରଧାନ ଆନ୍ଦୋଳନକାରୀ ମାନଙ୍କ ସହିତ ଆଲୋଚନା ନିମନ୍ତେ ସି ଆର ଆର ସି ସନ୍ତୋଷ କୁମାର ସାହୁଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ। ଆଲୋଚନା ପରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀମତୀ ପ୍ରଧାନ ଖୁବ ଶୀଘ୍ର ବିଦ୍ୟାଳୟର ଶିକ୍ଷକ ଅଭାବ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶୃତି ପ୍ରଦାନ କରିଥିଲେ ୯ ପ୍ରତିଶୃତି ପ୍ରଦାନ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ୯ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକାସେନ୍ଦ୍ର କେଶରୀ ଜେନା ଓ ସମ୍ପାଦକ ପ୍ରତାପ କୁମାର ପ୍ରଧାନଙ୍କ ସହିତ ଯୋଗାଯୋଗ କରା ଯାଇଥିଲା । ଶିକ୍ଷକ ପଦବୀ ପୂରଣ ନିମନ୍ତେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରା ଯାଇଥିଲା । ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମାନେ ବାଧ ହୋଇ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ ।ଅଳଗୁମ ମଧ ଇଂରାଜୀ ବିଦ୍ୟାଳୟରେ ୮ ଗୋଟି ଶ୍ରେଣୀ ରହିଅଛି । ୨୪୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ମାତ୍ର ୪ ଜଣ ଶିକ୍ଷକ ରହିଛନ୍ତି ।ଫଳରେ ଛାତ୍ରଛାତ୍ରୀ ମାନଙ୍କର ପାଠ ପଢାରେ ବ୍ୟାହତ ହେଉଛି।

# ଏପ୍ରିଲ - ୧୭ ରୁ ମେ-୧ ଦଶପଲ୍ଲା ଲଙ୍କାପୋଡି ଯାତ୍ରା

ଦଶପଲ୍ଲା, (ସବ୍ୟୁ) : ବିଗତ ବର୍ଷ ଗୁଡିକ ପରି ଚଳିତ ବର୍ଷ ଦଶପଲ୍ଲା ର ଐତିହାସିକ ଲଙ୍କାପୋଡି ଯାତ୍ରା ଏପ୍ରିଲ-୧୭ ଶ୍ରୀ ରାମ ନବମୀ ଠାରୁ ଆରମ୍ଭ ହୋଇ ମେ-୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏ ନେଇ ଲଙ୍କାପୋଡି ଯାତ୍ରା କମିଟି ପକ୍ଷରୁ ବିଧି ବଦ୍ଧ ଭାବେ ଘୋଷଣା କରାଯାଇଛି । ୨୨୧ ବର୍ଷ ରେ ପଦାର୍ପଣ କରିଥିବା ଦଶପଲ୍ଲାର ଏହି ଐତିହାସିକ ଲଙ୍କାପୋଡି ଯାତ୍ରା ଚଳିତ ବର୍ଷ ୧୫ ଦିନ ଧରି ଅନୁଷ୍ଠିତ ହେବ ।ପରେ ପରେ କୁଆଁରିଆ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ । ଶ୍ରୀ ଶ୍ରୀ ରଘୁନାଥ ଜୀଉ ରାମଲୀଳା ସଂସଦ ପକ୍ଷରୁ ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ ଏପ୍ରିଲ-୧୭ ତାରିଖ ରେ ଶ୍ରୀ ରାମ ଜନ୍ମ,୧୮ ରେ ବିଶ୍ରାମ, ୧୯ ରେ ଜାଗରକ୍ଷା,ତାଡକାବଦ୍ଧ,ଓ ଧନୁଭଙ୍ଗ,୨୦ ରେ ସୀତା ବିବାହ,ପର୍ଶୁରାମ ଭେଟ, ୨୧ ରେ ଗଣ୍ଡାବଦ୍ଧ, ୨୨ରେ ବନବାସ, ଭରତ ମିଳନ, ୨୩ ରେ ବିରାୟୁଧ ବଦ୍ଧ,ବେଢ଼ାପରିକ୍ରମା,ପଞ୍ଚବଟି ପ୍ରବେଶ, ୨୪ ରେ ସୀତା ହରଣ, ୨୫ ରେ ବିଶ୍ରାମ, ୨୬ ରେ ଶ୍ରୀରାମ ବିଳାପ,ଶବରୀ ମୋକ୍ଷ,୨୭ ରେ ବାଳି ବଧ,ସୁଗ୍ରୀବ ଅଭିଷେକ ୨୮ ରେ ସୀତା ଠାବ, ୨୯ ରେ କୁମ୍ଭକର୍ଣ୍ଣ ବଧ, ୩୦ ରେ ଲଙ୍କାପୋଡି ଯାତ୍ରା ର ଆକର୍ଷଣ ରାବଣ ବଦ୍ଧଓ ମେ- ୧ ତାରିଖ ରେ ଶ୍ରୀ ରାମ ଙ୍କ ରାଜ୍ୟାଭିଷେକ ନାଟକ ମୁଖ୍ୟ ମଞ୍ଚରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ଲଙ୍କାପୋଡି ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି ।

# ସହାୟତା ନିମନ୍ତେ ଫନି ବିପନ୍ନ ପୁଣି ଆବେଦନ କରିବେ

ସାକ୍ଷୀଗୋପାଳ (ସବ୍ୟୁ) : ଫନି କ୍ରିୟାନୁଷ୍ଠାନ କମିଟି ଓ ସତ୍ୟବାଦୀ ମଣ୍ଡଳ ଉନ୍ନୟନ ଅଧିକାରୀ ଲିପ୍ସା ରାୟଙ୍କ ମଧରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ବୁଧବାର ଦିନ ସତ୍ୟବାଦୀ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ଫନି କ୍ରିୟାନୁଷ୍ଠାନ କମିଟି ପ୍ରଦାନ କରିଥିବା ଫନି ସହାୟତାରୁ ବାଦ ପଡ଼ିଥିବା ବିପନ୍ନ ମାନଙ୍କ ତାଲିକାକୁ ପୁଙ୍ଖାନୁପୁଙ୍ଖ ଅନୁଧାନ କରାଯିବ । ପୁନର୍ବାର ତଦନ୍ତ ସମୟରେ ଫନି କ୍ରିୟାନୁଷ୍ଠାନ କମିଟିର ଏକ ୫ ଜଣିଆ କମିଟି ଏହି ତଦନ୍ତ ସମୟରେ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିବେ । ତଦନ୍ତ ପରେ ବାଦ ପଡି ଯାଇଥିବା ଫନି ବିପନ୍ନ ମାନେ ପୁନର୍ବାର ଅନଲାଇନ ମାଧମରେ ସହାୟତା ନିମନ୍ତେ ଆବେଦନ କରି ପାରିବେ । ଆବେଦନ ପତ୍ର ମିଳିଲା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡ଼ିଓ ଶ୍ରୀମତୀ ରାୟ ପ୍ରତିଶୃତି ପ୍ରଦାନ କରିଥିଲେ । ଆଲୋଚନା ସନ୍ତୋଷ ଜନକ ହୋଇଥିବାରୁ କମିଟି ତରଫରୁ ବିଡ଼ିଓ ଶ୍ରୀମତୀ ରାୟଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା ।ଫନି କ୍ରିୟାନୁଷ୍ଠାନ କମିଟି ଆବାହକ ଗୋବିନ୍ଦ ମହାପାତ୍ର, ହୃଷିକେଶ ମିଶ୍ର, ଭରତ ସ୍ୱାଇଁ, ଶରତ ପ୍ରଧାନ, ଗୋବିନ୍ଦ ସାହୁ ଓ ରୀନା ମଲ୍ଲିକ ପ୍ରମୁଖ ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ, ଗଣିତ ପ୍ରତିଯୋଗିତା



କାକଟପୁର ,(ସବ୍ୟୁ) : ଜଗନ୍ନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରତିଯୋଗିତା ଓ ପ୍ରଦର୍ଶନୀ କ୍ଲବ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୋଟ ୨୭ ଟି ପ୍ରକଳ୍ପ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀଧର ନାୟକ,ପରିଚାଳନା କମିଟିର ସଭାପତି ସନ୍ତୋଷ ପଟ୍ଟଝୟତ ଓ ସିଆରସିସି, କୃଷ୍ଣଚନ୍ଦ୍ର ମିଶ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ଦାସ ଓ ଅଧାପକ ରଞ୍ଜନ କୁମାର ଜେନା ପ୍ରମୁଖ ଅତିଥିବୃନ୍ଦ ଯୋଗଦାନ କରିଥିଲେ । ଏହି ପ୍ରଦର୍ଶନୀ ଆୟୋଜନ ମାଧମରେ ଛାତ୍ରଛାତ୍ରୀମାନଙ୍କର ଗଣିତ ଓ ବିଜ୍ଞାନ ବିଷୟ ପ୍ରତି ଅଧିକ ଆଗ୍ରହ ଓ ଉତ୍ସହ ବୃଦ୍ଧି ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା ସ୍ୱାଇଁ, ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ମହାରଥୀ,ସୌଦାମିନୀ ଦେଇ, ମଧୁସ୍ମିତା ନାୟକ, ସ୍ନିଗ୍ଧାରାଣୀ ମହାପାତ୍ର, ସ୍ୱାଗତିକା ଷଡ଼ଙ୍ଗୀ ଓ ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀମାନେ ଉତ୍ତମ ରୂପେ ସୁପରିଚାଳନା କରିଥିଲେ ଓ ଶେଷରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

# ବ୍ଲକ୍‌ସ୍ତରୀୟ ପ୍ରଧାନଶିକ୍ଷକଙ୍କ ବୈଠକ



ଫୁଲନଖରା , (ସବ୍ୟୁ) :ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଷୁମା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ପ୍ରଧାନଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ବିଭୂତି ଭୂଷଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବ୍ଲକର ୨୦ଗୋଟି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ପ୍ରକାରର ସମସ୍ୟା ଉପରେ ଆଲୋଚନା କରିଥିଲେ। ଉପସ୍ଥିତ ଥିବା ପ୍ରଧାନ ଶିକ୍ଷକ ମାନେ ରୂପାନ୍ତରିତ ବିଦ୍ୟାଳୟ ଗୁଡିକରେ ଲାଗିଥିବା ସ୍ମାର୍ଟ ବୋର୍ଡରଅପରେଟିଂ ପାଇଁ ସ୍ଥାୟୀ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି କରିବା ପାଇଁ ବ୍ଲକ୍ ଶିକ୍ଷାଧିକାର ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବୈଠକରେ ଉଷୁମା କ୍ଲଷ୍ଟର ସି ଆର ସି ସି ପ୍ରଦୀପ କୁମାର ବାରିକ , ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନ,ଏ ବି ଓ ବ୍ରଜମୋହନ ଦାସ, ତ୍ରିଲୋଚନ ଜେନା, ଅଚ୍ୟୁତାନନ୍ଦ ସାହୁ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ଶଙ୍କର୍ଷଣ ସାହୁ,ସନ୍ତୋଷ କୁମାର ଦାସ, ପ୍ରତାପ କୁମାର ମହାପାତ୍ର, ସତ୍ୟବତୀ ସାହୁ, ହରପ୍ରିୟା ମହାପାତ୍ର, ସୁଜାତା ମହାନ୍ତି, ଆରତୀରାଉତ, ସୁଭଦ୍ରା ତ୍ରିପାଠୀ, ସୁଚିତ୍ରା ପଟ୍ଟନାୟକ, ବିଜୟ କୁମାର ପାତ୍ର, ଶରତ ଚନ୍ଦ୍ର ଭଞ୍ଜ, ସମିତି ସଭ୍ୟାଙ୍କ ପ୍ରତିନିଧି ବିଶ୍ୱରଂଜନ ଦାସ, ପୁରାତନ ଛାତ୍ର କମିଟିର ଉପ ସଭାପତି ଧୀରେନ୍ଦ୍ର ସାହୁଙ୍କ ସହ ପରିଚାଳନା କମିଟି, ପୁରାତନ ଛାତ୍ର, ଅଭିଭାବକ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ।

# ୧୯୮୦ ବ୍ୟାଚ ବନ୍ଧୁମିଳନ

ଟାଙ୍ଗୀ,(ସବ୍ୟୁ) :କାଳୁପଡା ଘାଟ ହାଇସ୍କୁଲ ୧୯୮୦ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଟାଙ୍ଗୀ ସ୍ଥିତ ମା ରନ୍ନମାଳି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁକାନ୍ତ କୁମାର ସ୍ୱାଇଁ ଓ ଦିଲିପ କୁମାର ନାଥଙ୍କ ଆବାହତ୍ୱରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ୩୦ ଜଣ ସହପାଠୀ ଯୋଗ ଦେଇ ଛାତ୍ର ଜୀବନ ର ସ୍ମୃତି ଚାରଣ କରିଥିଲେ।ପ୍ରାରମ୍ଭ ରେ ଦିବଂଗତ ସହପାଠୀ ଙ୍କ ସମ୍ମାନାର୍ଥେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରତିବର୍ଷ ବନ୍ଧୁ ମିଳନ ଡ଼ିସେମ୍ବର କିମ୍ବା ଜାନୁୟାରୀ ମାସରେ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଫୁଲ୍ଲ କୁମାର ପ୍ରଧାନ, ସୁକାନ୍ତ କୁମାର ପରିଡ଼ା, ମନୋଜ କୁମାର ପାଲ, ଶେଷଦେବ ସାହୁ, ଗଦାଧର ବେହେରା, ଉର୍ମିଳା ସ୍ୱାଇଁ, ସାବିତ୍ରୀ ଆଚାର୍ଯ୍ୟ, ଶୈଳବାଳା ମହାପାତ୍ର,ନବ କିଶୋର ପରିଡ଼ା, ପ୍ରମୋଦ କୁମାର ବେହେରା, ଦିଲିପ କୁମାର ସାହୁ, ବିପିନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ରେ ଅଧ୍ୟୟନ ସମୟ ର କେତେକ ସ୍ମରଣୀୟ ମୁହୂର୍ତ୍ତ କୁ ଉଜ୍ଜିବୀତ କରାଇଥିଲେ। ଏହି କାର୍ଯ୍ୟକ୍ରମ ରେ ବନ୍ଧୁ ପତ୍ନୀମାନେ ଯୋଗ ଦେଇଥିଲେ।

# ମୋବାଇଲ ଚୋର ଗିରଫ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନନପଡ଼ା ସାହିର ଗଜେନ୍ଦ୍ର ମାର୍ଥାଙ୍କ ଝିଅ ଅପରାଜିତା ମାର୍ଥା ଗତ ୧୦ ତାରିଖରେ ତାଙ୍କର ମୋବାଇଲ ଓ କିଛି ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ଆଜି ନିରାକାରପୁର ଥାନା ପୋଲିସ ଭୋଇସାହି ର ସହଦେବ ମହାନ୍ତିଙ୍କୁ ଗିରଫ କରିବା ସହିତ ଗୋଟିଏ ୱାନ ପ୍ଲସ ମୋବାଇଲ ଓ ୬୦୦ ଟଙ୍କା ଉଦ୍ଧାର କରିଛନ୍ତି।

# ତଳଅଣ୍ଡିଆ -ଦୋଳବେଦୀ ଛକ ୪ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟର ସମୀକ୍ଷା

ନିମାପଡା,(ସବ୍ୟୁ): ନିମାପଡା ଏନ୍‌ଏସିର ତଳଅଣ୍ଡିଆ ଛକ ଠାରୁ ଦୋଳବେଦୀ ଛକ ପର୍ଯ୍ୟନ୍ତ ଚାଲିଥିବା ୪ ଥାକିଆ ରାସ୍ତା ସଂପ୍ରସାରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଧାୟକ । ନିମାପଡା ଏନଏସିକୁ ସୌନ୍ଦର୍ଯ୍ୟକରଣ ପାଇଁ ୧୦ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟରେ ତଳଅଣ୍ଡିଆ ଠାରୁ ଦୋଳବେଦୀ ଛକ ପର୍ଯ୍ୟନ୍ତ ୪ଲେନ ରାସ୍ତା ନିର୍ମାଣ ହେଉଛି । ଆଜି ବିଧାୟକ ସମୀର ରଂଜନ ଦାଶ ଉକ୍ତ କାର୍ଯ୍ୟ ବୁଲି ତଦାରଖ କରିବା ସହିତ ବିଭାଗୀୟ ଅଧିକରୀମାନଙ୍କୁ ନେଇ କାର୍ଯ୍ୟର ଅଗ୍ରଗତି ସଂପର୍କରେ ଏକ ସମୀକ୍ଷା ବୈଠକ ପୂର୍ତ୍ତ ଡାକ ବଙ୍ଗଳା ଠାରେ କରିଛନ୍ତି । ରାସ୍ତା ସଂପ୍ରସାରଣ ସାଙ୍ଗକୁ ପୁରୁଣା ଡ୍ରେନ ଗୁଡିକୁ ଭଙ୍ଗାଯାଇ ନୂଆ ଡ୍ରେନ,କେନାଲ,ସଫେଇ ନାଳ ଉପରେ ନୂତନ ବ୍ରିଜ ନିର୍ମାଣ ଏବଂ ବିଦ୍ୟୁତ କାର୍ଯ୍ୟର ଅଗ୍ରଗତି କିଭଳି ଚାଲିଛି ନିଜେ ବୁଲି ଦେଖିଛନ୍ତି ବିଧାୟକ ଶ୍ରୀ ଦାଶ । ବିଧାୟକ ଶ୍ରୀ ଦାଶଙ୍କ ସହିତ ପୂର୍ତ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅଜିତ ମହାପାତ୍ର,ପୁରୀ ଅଧିକ୍ଷଣ ଯନ୍ତ୍ରୀ ରଶ୍ମିରଂଜନ ସାହୁ, ନିମାପଡା ପୂର୍ତ୍ତ ସହକାରୀ ଯନ୍ତ୍ରୀ କୁଶାଳ ହେମ୍ବ୍ରମ,କନିଷ୍ଠ ଯନ୍ତ୍ରୀ ଶକ୍ତିବ୍ରତ ଜେନା,ତହସିଲଦାର ବସନ୍ତ ହାତୀ,ଉପନଗରପାଳ ସନ୍ତୋଷ ଦାଶ,ନଗର ସଭାପତି ଜୀବନାନନ୍ଦ ମହାପାତ୍ର,ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ,ଏନଏସି ଅଧକ୍ଷାଙ୍କ ପ୍ରତିନିଧି ଲୋକନାଥ ସାହୁ,(ୱାଟକୋ) ସହକାରୀ ଯନ୍ତ୍ରୀ ଶଶୀ ଭୂଷଣ ମହାନ୍ତି,ଆଇଆଇସି ବାମଦେବ ସ୍ୱାଇଁ,ବିଦ୍ୟୁତ ବିଭାଗ ଯନ୍ତ୍ରୀ ବିଶ୍ୱଜିତ ବେହେରା ପ୍ରମୁଖ ଉପସ୍ଥିତଥିଲେ । ରାସ୍ତା ସଂପ୍ରସାରଣ କାର୍ଯ୍ୟ ନିମନ୍ତେ ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ କରାଯାଇଥିଲା । ତେବେ ଉଚ୍ଛେଦ ପରେ ଜୟଶ୍ରୀ ଛକରେ ଜଣେ ବ୍ୟକ୍ତି ସରକାରୀ ଜାଗାରେ ଗୃହ ନିର୍ମାଣ କରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି । ସେହିପରି ଯାନବାହାନ ଓ ଜନ ଗହଳିକୁ ଦୃଷ୍ଟିରେ ରଖି ଜୟଶ୍ରୀଛକ ଓ ଦୋଳବେଦୀ ଛକରେ ଟ୍ରାଫିକ ଗୋଲେଇକୁ ଅଧିକ ଓସାର କରିବାକୁ ବିଧାୟକ ଶ୍ରୀ ଦାଶ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ରାସ୍ତା କାର୍ଯ୍ୟ ଶେଷ ହେବା ପରେ କୁଶଭଦ୍ରା ନଦୀ ଉପରେ ଥିବା ସେତୁଟି ଅତ୍ୟନ୍ତ ପୁଣା ହୋଇଥିବାରୁ ତା ନିକଟରେ ଆଉ ଏକ ସେତୁ ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ଥିବା ଏବଂ ବିଭିନ୍ନ ସ୍ଥାନରେ ଭେଣ୍ଡିଙ୍ଗ ଜୋନ ନିର୍ମାଣ କରାଯାଇ ଉଚ୍ଛେଦ ହୋଇଥିବା କ୍ଷୁଦ୍ର ବ୍ୟବସାୟୀ ମାନଙ୍କୁ ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ଦାଶ ସୂଚନା ଦେଇଛନ୍ତି।



# ଚିଲିକାରେ ଆନ୍ତର୍ଜାତିକ ମହିଳା ଦିବସ




ବାଲୁଗାଁ ,(ସବ୍ୟୁ) :ଚିଲିକା ନିର୍ବାଚନ ମଣ୍ଡଳୀ ମହିଳା ବିଜୁ ଜନତା ଦଳ ତରଫରୁ ବାଲୁଗାଁ ସ୍ଥିତ ଉମାମହେଶ୍ୱର ବଣିକ ସଂଘ ସଭାଗୃହରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଚିଲିକା ନିର୍ବାଚନ ମଣ୍ଡଳୀ ଅଧିନ ବାଲୁଗାଁ, ବାଣପୁର ଏନ.ଏ.ସି. ଏବଂ ଚିଲିକା ଓ ବାଣପୁର ବ୍ଲକ ବିଜୁ ଜନତା ଦଳର ମହିଳାଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ବି ଜେ ଡି ଚିଲିକା ବ୍ଲକ ମିଶନ ଶକ୍ତି ମହିଳା ସଭାପତି ସନ୍ତୋଷୀ ବିଶ୍ୱାଳ, ସମ୍ପାଦିକା ନିରୁପମା ପରିଡା, ସମିତି ସଭ୍ୟା ଅମ୍ରିତା ବେହେରା, ବାଣପୁର ବ୍ଲକ ସଭାପତି କବିତା ରାଣୀ ମହାପାତ୍ର, ସମ୍ପାଦିକା ବେବିନା ତ୍ରିପାଠୀ, ବାଲୁଗାଁ ଏନଏସି ସଭାପତି ସୁଜାତା ପଣ୍ଡା, ଜିଲ୍ଲାପରିଷଦ ମମତା ପାଇକରାୟ ପ୍ରମୁଖ ମହିଳା ନେତ୍ରୀମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଭଳି ନାରୀ ମାନଙ୍କୁ ଅଗ୍ରାଧିକାର ଦେଇ ନାରୀ ସଶକ୍ତିକରଣ ର କର୍ଣ୍ଣଧାର ପାଲଟିବା ସହ ମିଶନ ଶକ୍ତି ଜରିଆରେ ନାରୀଙ୍କୁ ଆଗକୁ ଆଣିଛନ୍ତି ସେ ସମ୍ପର୍କରେ ଉପସ୍ଥିତ ନାରୀନେତ୍ରୀମାନେ ନିଜର ବକ୍ତବ୍ୟ ରଖି ଥିଲେ। ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ଦେଖିବାକୁ ଉପସ୍ଥିତ ସମସ୍ତ ମହିଳାମାନେ ସହଯୋଗର ହାତ ବଢେଇବା ନିମନ୍ତେ ଶପଥ ନେଇଥିଲେ। ଏହି ଅବସରରେ କୁନି କୁନି କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ଜିଲ୍ଲାସ୍ତରୀୟ ରୋଷେଇ ପ୍ରତିଯୋଗିତା

କେନ୍ଦ୍ରାପଡ଼ା ,(ସବ୍ୟୁ): ଓଡିଶା ମିଲେଟ ମିଶନ ଓ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟ ରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀର ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ, ବ୍ଲକ କୃଷି ଅଧିକାରୀ ମନୋରଂଜନ ରାଉଳ, ସିଡିପିଓ କବିତା ନାୟକ, ବୈଜ୍ଞାନିକ ନମିତା ମହାପାତ୍ର, ଡ଼ଃ ପ୍ରଭନ ମିଶ୍ର, ଡ଼ଃ ଗାୟତ୍ରୀ ସାହୁ, ଡ଼ଃ ତାପସ ରଂଜନ ସାହୁ, ମାନସ ରଂଜନ ବେହେରା, ମୋନାଲିସା ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ୧୮ଟି ଗୋଷ୍ଠୀ ଏଥିରେ ଅଂଶ ଗ୍ରହଣ କରି ମାଣ୍ଡିଆ, ବାଜରା, କୋଦ, ସୁଆ, କ୍ଷିରା ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରିଥିଲେ । ବ୍ଲକର ବିଭିନ୍ନ ପଂଚାୟତରୁ ଅଂଶ ଗ୍ରହଣ କରିଥିବା ଏହି ମହିଳା ଗୋଷ୍ଠୀ ମାନଙ୍କ ମଧ୍ୟରୁ ୯ ଜଣଙ୍କୁ ମନୋନିତ କରାଯାଇ ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ପ୍ରତିଯୋଗୀ ମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ରୋଷେଇ କରିବା ପାଇଁ ସାମଗ୍ରୀ ପ୍ରଦାନ କରାଯାଇ ଥିଲା । ଏହି ପ୍ରତିଯୋଗିତା ରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଗୋଷ୍ଠୀଙ୍କୁ ସମ୍ମାନିତ କରି ପୁରସ୍କୃତ କରାଯାଇ ଥିଲା । ଏଥି ସହିତ ଏଥିରେ ଅଂଶ ଗ୍ରହଣ କରିଥିବା ସମସ୍ତ ଗୋଷ୍ଠୀଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇ ଥିଲା । କାର୍ଯ୍ୟକ୍ରମ କୁ ପ୍ରଶାଂ କୁମାର ସାହୁ ଓ ମାନାଲିସା ନାୟକ ପରିଚାଳନା କରିଥିଲେ ।

# ବ୍ରାହ୍ମଣୀ ଆଁରେ କୁଣଗଡି, ପଞ୍ଚୁପଲ୍ଲୀ: ୧୦୦ ଫୁଟର ଅତଡ଼ା ଧସିଲା

ରାଜନଗର ,(ସବ୍ୟୁ):ବ୍ରାହ୍ମଣୀ ନଦୀ ଉଗ୍ରମୁଖା ହୋଇ ଏବେ କୂଳ ଖାଇବାରେ ଲାଗିଛି । ରାଜନଗର ବ୍ଲକର କୁଣଗଡି ଓ ପଂଚୁପଲ୍ଲୀ ନିକଟରେ ଗତ ୫ବର୍ଷ ଧରି ପାଙ୍ଗଶାଳା ନଦୀପଠା ଖାଇ ରାଜନଗର – ତାଳଚୁଆ ମୁଖ୍ୟ ରାସ୍ତାକୁ ଗିଳିବା ଆରମ୍ଭ କରିଥିଲା । ଏବେ ସେହି ଗାଁର ଅପର ପାଶ୍ୱର୍ରେ ଥିବା ବ୍ରାହ୍ମଣୀ ନଦୀ ଏବେ ପଠା ଖାଇ ଗାଁ ଭିତରକୁ ମାଡି ଆସିଲାଣି । ଗତକାଲି ରାତିରେ ପ୍ରାୟ ୧୦୦ଫୁଟ ଓସାରର ଓ ୩୦ଫୁଟ ଚଉଡାର ପଠାକୁ ବ୍ରାହ୍ମଣୀ ନଦୀ ତା ଗର୍ଭକୁ ନେଇଯିବା ପରେ ସମ୍ପୂର୍ଣ୍ଣ ଗାଁ ନଦୀ ଗର୍ଭକୁ ଚାଲିଯିବାର ଆଶଙ୍କା ସୃଷ୍ଟି ହୋଇଛି ।

ରାଜନଗର ବ୍ଲକ ଘଡିଆମାଳ ପଂଚାୟତର ପଂଚୁପଲ୍ଲୀ ଓ କୁଣଗଡି ଗାଁର ଦୁଇ ପାଶ୍ୱର୍ରେ ଦୁଇଟି ନଈ ବହି ଯାଇଛି । ଗାଁର ଗୋଟିଏ ପାଶ୍ୱରେ ବ୍ରାହ୍ମଣୀ ନଈବହି ଯାଇଥିବା ବେଳେ ଅନ୍ୟ ପାଶ୍ୱରେ ପାଙ୍ଗଶାଳା ନଦୀ ରହିଛି । ଗାଁର ପଛପଟେ ଥିବା ବ୍ରାହ୍ମଣୀ ନଈ



ଦୀର୍ଘବର୍ଷ ତଳେ ଥିବା ନଦୀ ବନ୍ଧକୁ ଗର୍ଭସ୍ଥ କରିବା ପରେ ୩ ବର୍ଷ ତଳେ ପଂଚୁପଲ୍ଲୀରୁ ପଦ୍ମନାଭପୁର ଯାଏଁ ନୂଆ ବନ୍ଧ ର୍ନିମାଣ ହୋଇଛି । ଏହି ବନ୍ଧର ପଦ୍ମନାଭପୁର ନିକଟରେ କିଛି ଅଂଶ ପଥର ପ୍ୟାକିଂ ହୋଇଥିବା ବେଳେ ଅନ୍ୟ ଅଂଶ ଏ ଯାଏଁ ପଥର ପ୍ୟାକିଂ ହୋଇନି ।

ଗତକାଲି ରାତିରେ କୁଣଗଡି ଗାଁର ସଦାନନ୍ଦ ବାରିକ, ମହେଶ୍ୱର ବାରିକ, ଶୁକଦେବ ନାୟକଙ୍କ ଘର ନିକଟରେ ବ୍ରାହ୍ମଣୀ ନଦୀ ପଠାକୁ ଧସେଇ ନେଇଛି । ପ୍ରାୟ ୮୦ଫୁଟ ଲମ୍ୱ ଓ ୩୦ଫୁଟ ଚଉଡାର ପଠା ନଦୀ ଗର୍ଭକୁ ଚାଲିଯିବା ଯୋଗୁଁ ଗାଁ ଭିତରକୁ ନଦୀ ଚାଲି ଆସିଛି । ପରିସ୍ଥିତି ଏପରି ହୋଇଛି ଯଦି ଏହି ପକ୍ରିୟା ଜାରି ରହେ, ୩ବର୍ଷ ତଳେ ର୍ନିମାଣ ହୋଇଥିବା ନୂଆ ଘେରିବନ୍ଧ ମଧ ଭାସିଯିବାର ସମ୍ଭାବନା ରହିଛି । ନୂଆ ଘେରିବନ୍ଧ ଠାରୁ ନଦୀର ଦୂରତା ମାତ୍ର ୧୦ଫୁଟ ରହିଛି । ଆଜି ସକାଳେ ଗାଁ ଭିତରକୁ ନଦୀ ଚାଲି ଆସିଥିବା ଦେଖି ଅଂଚଳବାସୀଙ୍କ ମଧ୍ୟରେ ଛନକା ସୃଷ୍ଟି ହୋଇଛି । ଯୁଦ୍ଧକାଳୀନ ଭିତିରେ ଏ ନେଇ ପଦକ୍ଷେପ ନିଆ ନଗଲେ କୁଣଗଣି ଓ ପଂଚୁପଲ୍ଲୀ ଗାଁ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି ହୋଇଛି ।

ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ଅଂଚଳବାସୀ ଦାବୀ କରିଛନ୍ତି । ଖବରପାଇ ଆଜି ତଟବନ୍ଧ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ସୁବ୍ରତ କୁମାର ଦାଶ, ରାଜନଗର ସବ୍ ଡିଭିଜନ ର ର୍ନିବାହୀ ଯନ୍ତ୍ରୀ ଶାଶ୍ୱତ କୁମାର ସାମଲ, ସହକାରୀ ର୍ନିବାହୀ ଯନ୍ତ୍ରୀ ଇଂ ଭଞ୍ଜ କିଶୋର ରାଉତ, ଇଂ ଜୟଚନ୍ଦ୍ର ଜେନା ପ୍ରମୁଖ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତ ।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ବସନ୍ତ ଓ ପାରାଦୀପବାସୀ

ପାରାଦୀପ, (ଜି.ପ୍ର) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଧନ୍ୟବାଦ ଜଣାଇଲେ ପାରାଦୀପ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ ଙ୍କ ସହ ପାରାଦୀପ ବାସୀ । ଗୁରୁବାର ସ୍ଥାନୀୟ ପାରାଦୀପ ପୌର ଭବନରେ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ ଓ ପାରିଷଦ ମାନଙ୍କ ସହ ପାରାଦୀପ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଏକତ୍ରୀତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ୫ –ଟି ଅଧକ୍ଷ ଭି କେ ପାଣ୍ଡିଆନଙ୍କ ପାରାଦୀପ ଗ୍ରସ୍ତ ସମୟରେ ଅନେକ ମଠ ମନ୍ଦିର ଚର୍ଚ୍ଚ ଓ ମସଜିଦ୍ ଏବଂ ବନ୍ଦର ନଗରୀ ପାରାଦୀପ ର ଅନେକ ପ୍ରକଳ୍ପ ଉପରେ ଦାବି ଦିଆଯାଇଥିଲା ବେଳେ ତାହାକୁ କାର୍ଯ୍ୟକାରି କରିବାକୁ ଅର୍ଥ ମଞ୍ଜୁର କରାଯାଇଛି । ଯାହାକୁ ନେଇ ପାରାଦୀପବାସୀ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି । ସେହିପରି ପୌରାଧକ୍ଷଙ୍କ ସମେତ ପାରିଷଦ ମାନଙ୍କର ପାରିତୋସିକ ଏବଂ ଭତ୍ତା ବୃଦ୍ଧି କରାଯାଇଥିବା ବେଳେ ଅଲ ଓଡିଶା ମୁନିସିପାଲିଟି ସଂଗଠନ ର ସଭାପତି ଭାବରେ ପାରାଦୀପ ପୌର ପରିଷଦର ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆଉ ୨୨ ଟି ଏନଏସି ଘୋଷଣା ସହ ପୌରାଧକ୍ଷ ଏବଂ ପାରିଷଦମାନଙ୍କ ପାରିତୋଶିକ ବୃଦ୍ଧି ସେମାନଙ୍କ ଆତ୍ମବଳକୁ ଆଗକୁ ବଢ଼ାଇବା ସହ ନିଷ୍ଠାପର ହୋଇ କାର୍ଯ୍ୟ କରିବା ପାଇଁ ଉତ୍ସାହ ଦେବ ନିଶ୍ଚୟ ବୋଲି ସେ ପ୍ରକାଶ କରିଛନ୍ତି ।

# ଅବକାରୀ ଚଢ଼ାଉ : ୨୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ

ସାଲେପୁର, (ସବ୍ୟୁ): ଆଜି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ୨୦ କେଜି ରୁ ଉର୍ଦ୍ଧ୍ୱ ଗଞ୍ଜେଇ ଓ ଏକ ବୋଲେରୋ ଗାଡି ଜବତ କରାଯାଇଛି । ଆଜି ସକାଳ ପ୍ରାୟ ୬ଘଟିକା ସମୟରେ ଅବକାରୀ ବିଭାଗ ପକ୍ଷରୁ କଟକ –ସାଲେପୁର ରାସ୍ତାର ନାନ୍ଦୋଳ ଗଡ଼ା ନିକଟରେ ଗାଡି ଚେକିଂ କରାଯାଉଥିଲା ।ଏହି ସମୟରେ କଟକ ଆଡୁ କେନ୍ଦ୍ରାପଡା ଅଭିମୁଖେ ଆସୁଥିବା ଏକ ବୋଲେରୋ ଗାଡିନଂ ଓଡି ୨୯ ଏ ୨୪୬୬ କୁ ଅଟକାଇ ଚେକିଂ ବେଳେ ତାହା ମଧ୍ୟରୁ ୨୦କେଜି ୫୦୦ଗ୍ରାମ ଗଞ୍ଜେଇ ବାହାରିଥିଲା । ଅବକାରୀ ବିଭାଗ ଏହି ଗାଡି ରେ ଥିବା କେନ୍ଦ୍ରାପଡା ଅଞ୍ଚଳର ଅଭିଯୁକ୍ତ ଅମରେନ୍ଦ୍ର ଷଡ଼ଙ୍ଗୀ କୁ ଗିରଫ କରିବା ସହିତ ଏହି ଗଞ୍ଜେଇ ଓ ଗାଡିକୁ ଜବତ କରି କୋର୍ଟ ଚାଲାଣ କରିଥିବା ଅବକାରୀ ଆଇ ଆଇ ସି ବିଜୟ ଭୂଷଣ ନାୟକ ପ୍ରକାଶ କରିଛନ୍ତି ।ଏହି ଚଢ଼ାଉରେ ଆଇ ସି ବିପିନ ସାହୁ, ଏ ଏସ ଆଇ ଦୁଷ୍ମନ୍ତ କୁମାର ବସନ୍ତରା ,କନେଷ୍ଟବଳ ସୁନିଲ ବଳ, ଅଜୟ ଜେନା, ଈଶ୍ୱର ଟୁଡୁ, ଖଗେଶ୍ୱର ବେହେରା ଓ ଗୀତାଞ୍ଜଳି ବେହେରା ଉପସ୍ଥିତ ଥିଲେ ।

# ଅଟୋ ଓଲଟି ଦୁଇ ଆହତ

ପାଣିକୋଇଲି ,(ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗରସ୍ଥିତ ପୋଲ ଉପରେ ଏକ ଗଦି ବୋଝେଇ ଅଟୋ ଓଲଟି ପଡ଼ିବା ଯୋଗୁଁ ଅଟୋର ଚାଳକ ଓ ଖଲାସୀ ଆହତ ହୋଇଛନ୍ତି । ପ୍ରକାଶଯେ ପଶ୍ଚିମବଙ୍ଗ ମେଦିନାପୁରରୁ ଗଦି ନେଇ ଡୁବୁରୀ ଆସୁଥିବା ଏକ ଅଟୋ (ଡ଼ବ୍ଲ୍ୟୁ ବି୩୩ଇ୨୩୫୦) ବ୍ରଜନଗର ପୋଲ ଅତିକ୍ରମ କରୁଥିବା ବେଳେ ହଠାତ ଜୋରରେ ପବନ ହେବାରୁ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ଅଟୋରେ ଥିବା ଚାଳକ ସେର ଖାନ ଓ ଖଲାସୀ କୁର୍ବାନ ଦିଲ ସାମାନ୍ୟ ଆହତ ହୋଇଥିଲେ ।

# ଚଣ୍ଡିଖୋଲରେ ସାମ୍ବାଦିକଙ୍କ କଳାବ୍ୟାଜ ପରିଧାନ ଓ ଦାବିପତ୍ର ପ୍ରଦାନ



ଚଣ୍ଡିଖୋଲ, (ସବ୍ୟୁ): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରିବା ପ୍ରତିବାଦରେ ତଥା ୫ ଦଫା ନାର୍ଯ୍ୟଦାବି ହାସଲ ଦାବିରେ ଗୁରୁବାର ଦିନ ଯାଜପୁର ଜିଲ୍ଲାର ପ୍ରେସକ୍ଲବ ଚଣ୍ଡିଖୋଲ ପକ୍ଷରୁ କଳାବ୍ୟାଚ ପରିଧାନ କରି ପ୍ରତିବାଦ ବିକ୍ଷୋଭ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଭ୍ୟମାନେ ପ୍ରେସକ୍ଲବ କାର୍ଯ୍ୟାଳୟ ଠାରୁ କଳାବ୍ୟାଚ ପିନ୍ଧି ଏକ ଶୋଭାଯାତ୍ରାରେ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସାମ୍ବାଦିକ ମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅଣଦେଖା ପ୍ରତିବାଦରେ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ପ୍ରତିବାଦ ପରିପେକ୍ଷୀରେ ପ୍ରେସକ୍ଲବ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବେଳେ ସାମ୍ବାଦିକଙ୍କ କଳାବ୍ୟାଚ ପରିଧାନ ଅର୍ନିଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲିବ ବୋଲି ସାମ୍ବାଦିକ ମାନେ ନିଷ୍ପତ୍ତି ନେଇଥିଲେ। ଦେଶର ଅନ୍ୟ ୧୭ଟି ରାଜ୍ୟ ପରି ଓଡିଶାରେ ସାମ୍ବାଦିକ ମାନଙ୍କୁ ପେନସନ ପ୍ରଦାନ,ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ,ପ୍ରବର୍ତ୍ତିତ ସାମ୍ବାଦିକ ସ୍ୱାସ୍ଥ୍ୟ ବିମାରେ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ନିର୍ଭରଶୀଳ ସନ୍ତାନଙ୍କୁ ସାମିଲ କରିବା ଆଦି ୫ ଦଫା ଦାବିକୁ ରାଜ୍ୟ ସରକାର ଯଥାଶୀଘ୍ର ପୁରଣ କରିବା ପାଇଁ ଦାବି କରାଯାଇଥିଲା। ଏବେ ସମାଜର ସବୁ ବର୍ଗଙ୍କ ଦାବି ତଥା ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ସେମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ଆର୍ଥିକ ପ୍ୟାକେଜ ଘୋଷଣା କରୁଛନ୍ତି। ହେଲେ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ତଥା ସମାଜର ଅଗ୍ରପନ୍ଥି ଭାବେ ଜୀବନକୁ ପାଣି ଛଡାଇ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବା ସାମ୍ବାଦିକ ମାନଙ୍କ ଏହିସବୁ ନାର୍ଯ୍ୟ ଦାବିପ୍ରତି ସରକାର ଆଖିବୁଜି ଦେଇଛନ୍ତି । ସାମ୍ବାଦିକ ମାନଙ୍କୁ ସରକାରୀ ଅବହେଳା ଓ ଅଣଦେଖା ପ୍ରତିବାଦରେ ଗୁରୁବାର ଠାରୁ ଉତ୍କଳ ସାମ୍ବାଦିକ ସଙ୍ଘ ରାଜ୍ୟ ବ୍ୟାପୀ କଳାବ୍ୟାଚ ପରିଧାନ ପାଇଁ ଆହ୍ୱାନ ଦେଇ ଆନ୍ଦୋଳନକୁ ତିବ୍ରତର କରିଥିବାରୁ ତାହାକୁ ପ୍ରେସକ୍ଲବ ସମର୍ଥନ କରିବା ସହ ଦାବିପୁରଣ ପର୍ଯ୍ୟନ୍ତ ଏହି ପ୍ରତିବାଦ ଆନ୍ଦୋଳନ ଯାରୀ ରହିବ ବୋଲି ଘୋଷଣା କରିଛି । ଆଜିର ପ୍ରତିବାଦ କାର୍ଯ୍ୟକ୍ରମରେ ପ୍ରେସକ୍ଲବ ସମ୍ପାଦକ ଦୀଲିପକୁମାର ମହାନ୍ତି, ଉତ୍କଳ ସାମ୍ବାଦିକ ସଙ୍ଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା,ବରିଷ୍ଠ ସଭ୍ୟ ଶିବରାମ ସାହୁ,ପ୍ରତାପକେଶରୀ ରାଉତରାୟ, ମୋହନ ଖିଲାର,ସଞ୍ଜୟ ସ୍ୱାଇଁ, ଭାରତଭୂଷଣ ପଣ୍ଡା,ପ୍ରଶାନ୍ତକୁମାର ଜେନା,ପ୍ରଶନ୍ନ ବିଶ୍ୱାଳ,ସୁରେନ୍ଦ୍ର ସାମଲ,ଦୀଲିପକୁମାର ସାହୁ,ସେକ ସବିର,ବସନ୍ତକୁମାର ପଲେଇଙ୍କ ସହ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

# ସୁନା, ଟଙ୍କା ଲୁଟିନେଲେ

ତିର୍ତ୍ତୋଲ ,(ସବ୍ୟୁ): ତିର୍ତ୍ତୋଲ ଗ୍ରାମର ସୁନା ଦୋକାନୀ ସରୋଜ ସାହୁଙ୍କ ଠାରୁ ଗତକାଲି ରାତ୍ରୀରେ ଦୁର୍ବୃର୍ତ୍ତ ମାନେ ୫୦ ଗ୍ରାମରୁ ଉର୍ଦ୍ଧ ସୁନା ଗହଣା ଓ ୪୦ହଜାର ଟଙ୍କା ଲୁଟିନେଇ ଥିବା ନେଇ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି । ତିର୍ତ୍ତୋଲ କଲେଜ ବଜାରସ୍ଥିତ ଶ୍ରୀରାମ ଜୁଏଲାରୀର ମାଲିକ ଶ୍ରୀ ସାହୁ ଦୋକାନ ବନ୍ଦ କରି ରାତିରେ ସୁନା ଗହଣା ଓ ଟଙ୍କା ନେଇ ଏକ ସ୍କୁଟିରେ ନିଜ ଘରକୁ ତିର୍ତ୍ତୋଲକୁ ଯାଉଥିବାବେଳେ ତିର୍ତ୍ତୋଲ ଗ୍ରାମ ମୁଣ୍ଡରେ ଲୁଟେରା ମାନେ ଦୁଇଟି ବାଇକରେ ଆସି ତାଙ୍କ ମୁଣ୍ଡରେ ବନ୍ଧୁକ ଓ ମାରଣାସ୍ତ୍ର ଲଗାଇ ଭୟଭୀତ କରି ପକାଇଥିଲେ । ଶେଷରେ ତାଙ୍କ ସ୍କୁଟି ଡିକିରୁ ୫୦ ଗ୍ରାମର ସୁନାଗହଣା ଓ ୪୦ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ । ଏସମ୍ପର୍କରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିବା ପାରେ ତିର୍ତ୍ତୋଲ ପୁଲିସ ଘଟଣାର ଅନୁସନ୍ଧାନ ଚଳାଇଥିବା ନେଇ ଥାନା ସୁତ୍ରରୁ ଜଣାପଡିଛି ।

# ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ଥାନା ଉତରଶାସନ ଗ୍ରାମର ଜଣେ ଯୁବକ ଗତ ୫ ତାରିଖରେ ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସାଧିନ ଥିଲା ବେଳେ ଗତକାଲି ରାତିରେ ତାର ମୃତ୍ୟୁ ହୋଇଯାଇଛି । ଉତରଶାସନ ଗ୍ରାମର ପରିକ୍ଷିତ ମହାରଣାଙ୍କ ଏକ ମାତ୍ର ପୁଅ ପ୍ରୀତିରଞ୍ଜନ ମହାରଣା (୩୧) ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବେଣାପୁର ସଭାକୁ ନିଜ ବାଇକରେ ଯାଇଥିଲେ । ସେଠାରୁ କୌଣସି କାର୍ଯ୍ୟରେ ଛତିଆକୁ ଯାଇ ସନ୍ଧ୍ୟା ୭ଟା ସମୟରେ ସେଠାରୁ ବାଇକରେ ଘରକୁ ଫେରୁଥିବା ବେଳେ ୧୬ନଂ ଜାତୀୟ ରାଜପଥ ବଡଚଣା ଚଣ୍ଡିଖୋଲ ମଧ୍ୟରେ ତାଙ୍କୁ ଏକ ଅଜଣାଗାଡି ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଗତକାଲି ରାତି ୮ ଟାରେ ତାଙ୍କର ମୃତ୍ୟୁ ଘଟିଥିଲା । ଆଜି ତାଙ୍କ ମୃତଦେହକୁ ଗାଁକୁ ଅଣାଯାଇ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

# ଯୁବ ମତଦାତାଙ୍କ ପାଇଁ ନୀରଜ୍ ଚୋପ୍ରାଙ୍କ ବାର୍ତ୍ତା

କ୍ରୀଡ଼ାବିତମାନେ ନିଜର ନିଷ୍ଠା, ପ୍ରତିବଦ୍ଧତା ଓ ଦଳଗତ କାର୍ଯ୍ୟ ମାଧ୍ୟମରେ ଦେଶର ସେବା କରିଥାନ୍ତି । ଦେଶ ହେଉ କି ବିଦେଶ, ଜାତୀୟ ରଙ୍ଗ ପିନ୍ଧିବା ଉଭୟ ସୌଭାଗ୍ୟ ଓ ଦାୟିତ୍ୱ କିନ୍ତୁ ବିଶ୍ୱର ସବୁଠାରୁ ସକ୍ରିୟ ଗଣତନ୍ତ୍ରର ଏକ ଅଂଶବିଶେଷ ହୋଇଥିବା କ୍ରୀଡ଼ାବିତ୍ ଏବଂ ଯୁବ ଭାରତୀୟ ଭାବରେ ଆମେ ଆଉ ଏକ ସୌଭାଗ୍ୟ ପାଇବାକୁ ଚାହିଁଥାଉ – ତାହା ହେଉଛି ମତଦାନ ।

ନିର୍ବାଚନ ଗଣତନ୍ତ୍ରର ଆଧାର, ଏହା ନାଗରିକମାନଙ୍କୁ ସେମାନଙ୍କ ପ୍ରତିନିଧି ଚୟନ କରିବାର ଗୁରୁତ୍ୱପୂର୍ଣ୍ଣ ଅଧିକାର ପ୍ରଦାନ କରିଥାଏ । ତେବେ ଏହି ଅଧିକାର ନିଷ୍କ୍ରିୟ ନୁହେଁ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ ହେବା ଏକ କର୍ତ୍ତବ୍ୟ, ବିଶେଷ କରି ଯୁବବର୍ଗଙ୍କ କର୍ତ୍ତବ୍ୟ । ଐତିହାସିକ ଦୃଷ୍ଟିରୁ ଯୁବପିଢ଼ି ସାମାଜିକ ପରିବର୍ତ୍ତନର ନେତୃତ୍ୱ ନେଇଛନ୍ତି ଏବଂ ନିର୍ବାଚନରେ ସେମାନଙ୍କ ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ । ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଭୋଟର ପଞ୍ଜୀକରଣଠାରୁ ଆରମ୍ଭ କରି ତୃଣମୂଳ ସ୍ତରର ପ୍ରଚାର ପର୍ଯ୍ୟନ୍ତ ସବୁ ସ୍ତରରେ ଯୁବଗୋଷ୍ଠୀଙ୍କ ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ ।



ପ୍ରଥମ ଥର ମତଦାତାମାନେ ସ୍ୱଚ୍ଛତା ଏବଂ ଅନ୍ତର୍ଭୁକ୍ତୀକରଣ ଭଳି ନୂତନ ଦୃଷ୍ଟିକୋଣ ଏବଂ ସର୍ବଶ୍ରେଷ୍ଠ ଉଦାହରଣ ଉପସ୍ଥାପନ କରିଥାନ୍ତି । ଜଣେ ଯୁବ ଭୋଟରଙ୍କ ଶକ୍ତି ଓ ଜ୍ଞାନକୌଶଳ ସମ୍ପନ୍ନ ପ୍ରକୃତ ର୍ନିବାଚନୀ ଦୃଶ୍ୟପଟରେ ଗତିଶୀଳତା ସୃଷ୍ଟି କରି ନାଗରିକଙ୍କ ଆବଶ୍ୟକତା ପ୍ରତି ଉପଲବ୍ଧତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିଥାଏ । ନିର୍ବାଚିତ ଅଧିକାରୀମାନଙ୍କୁ ଉତ୍ତରଦାୟୀ କରିବା, ସ୍ୱର ଉତ୍ତୋଳନ କରିବା ପାଇଁ ସାମାଜିକ ଗଣମାଧ୍ୟମର ବ୍ୟବହାର କରିବା ଏବଂ ଜନସାଧାରଣଙ୍କ ସହ ଅନୁକୂଳ ପ୍ରସଙ୍ଗଗୁଡ଼ିକର ପକ୍ଷ ଉପସ୍ଥାପନ କରିବାରେ ଯୁବଗୋଷ୍ଠୀ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି, ଯାହା ଗଣତନ୍ତ୍ରର ଅଖଣ୍ଡତା ଏବଂ ସକ୍ରିୟତାକୁ ସୁରକ୍ଷିତ ରଖିଥାଏ ।

ମହାତ୍ମା ଗାନ୍ଧୀଙ୍କ ଉକ୍ତିରେ, ''ଆଜି ଆପଣ ଯାହା କରୁଛନ୍ତି ତାହା ଉପରେ ଭବିଷ୍ୟତ ନିର୍ଭର କରେ । ୨୦୨୪ରେ ଭାରତରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ଗଣତନ୍ତ୍ର ପୁଣି ଥରେ ପାର୍ଶ୍ୱ ପରିବର୍ତ୍ତନ କରୁଛି । ଏହି ସମୟରେ ଦେଶର ଭାଗ୍ୟ ଗଢିବାରେ ଯୁବଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ଜରୁରୀ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ନିର୍ବାଚନ ପ୍ରକ୍ରିୟାରେ ଯୁବବର୍ଗଙ୍କ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରଥମ ଥର ଭୋଟ୍ ଦେବାକୁ ଯାଉଥିବା ମତଦାତାଙ୍କ ଉଦ୍ଦେଶ୍ୟରେ ନିର୍ବାଚନ କମିଶନଙ୍କ 'ମେରା ପେହଲା ଭୋଟ୍ ଦେଶ କେ ଲିଏ' ଅଭିଯାନ ଉପରେ ଶ୍ରୀ ମୋଦୀ ଆଲୋକପାତ କରିଥିଲେ । ସେ ଭାରତର ଯୁବଗୋଷ୍ଠୀଙ୍କ ଆଗ୍ରହ ଓ ଉତ୍ସାହକୁ ପ୍ରଶଂସା କରିବା ସହ ଦେଶର ଭବିଷ୍ୟତକୁ ସିଧାସଳଖ ପ୍ରଭାବିତ କରୁଥିବାରୁ ସକ୍ରିୟ ଭାବେ ମତଦାନରେ ସାମିଲ ହେବାକୁ ଅନୁରୋଧ କରିଥିଲେ ।

ପ୍ରଥମ ଥର ମତଦାତାଙ୍କୁ ରେକର୍ଡ ସଂଖ୍ୟାରେ ମତଦାନ କରିବାକୁ ଅନୁରୋଧ କରି ସେ ଦେଶର ଭାଗ୍ୟ ଗଢିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ବିଭିନ୍ନ କ୍ଷେତ୍ରର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ଏହି ଅଭିଯାନରେ ସାମିଲ ହେବା ଏବଂ ଯୁବ ଭୋଟରମାନଙ୍କୁ ଅନୁପ୍ରାଣିତ କରିବାକୁ ଆହ୍ୱାନ ଦେଇଛନ୍ତି । ନିର୍ବାଚନୀ ଉତ୍ସାହ ଭିତରେ କେବଳ ରାଜନୈତିକ କାର୍ଯ୍ୟକଳାପରେ ଭାଗ ନେବା ନୁହେଁ, ସମାଜରେ ଚାଲିଥିବା ଆଲୋଚନା ଓ ବିତର୍କ ସମ୍ପର୍କରେ ସଚେତନ ରହିବାକୁ ସେ ଯୁବବର୍ଗଙ୍କୁ ଅନୁରୋଧ କରିଛନ୍ତି ।

ନିର୍ବାଚନରେ ଯୁବବର୍ଗଙ୍କ ସାର୍ବଜନୀନ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗ 'ମେରା ପେହଲା ଭୋଟ୍ ଦେଶ କେ ଲିଏ' ଅଭିଯାନର ନେତୃତ୍ୱ ନେଉଛନ୍ତି । ଯୁବ ଭୋଟରଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ବ୍ୟବହାର ପାଇଁ ଉତ୍ସାହିତ କରିବାକୁ ଦେଶ ପ୍ରତିଶ୍ରୁତିବଦ୍ଧତାର ପ୍ରତୀକ ଭାବେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏହି ଅଭିଯାନ ସଙ୍ଗୀତର ଉନ୍ମୋଚନ କରିଛନ୍ତି । ମତଦାତା ସଚେତନତା ଅଭିଯାନର ଗୋଟିଏ ଅଂଶବିଶେଷ ପାଳିଥିବା ଏହି ସଙ୍ଗୀତ ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ଯୁବଗୋଷ୍ଠୀଙ୍କ ଅଂଶଗ୍ରହଣ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆହ୍ୱାନ ଭାବନାର ପ୍ରତିଫଳନ କରୁଛି । ସାରା ଦେଶର ଯୁବକମାନେ ନିଜ ଯୁବ ବନ୍ଧୁମାନଙ୍କୁ ଭୋଟ୍ ଦେବା ପାଇଁ ଉତ୍ସାହିତ କରିବାକୁ ଏହି ସଙ୍ଗୀତକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରୁଛନ୍ତି ।

ଦେଶବ୍ୟାପୀ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ବ୍ୟାପକ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ସହ ଅଧିକ ପ୍ରତିନିଧିତ୍ୱପୂର୍ଣ୍ଣ ଗଣତନ୍ତ୍ର ପାଇଁ ମତଦାନର ମୂଲ୍ୟ ଉପରେ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି । ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ଭୌତିକ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ବେଳେ ବିଷୟବସ୍ତୁ ସୃଷ୍ଟିରେ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ମାଇଗଭ ପ୍ଲାଟଫର୍ମରେ ବ୍ଲଗ୍ ରାଇଟିଂ, ପଡକାଷ୍ଟ, ବିତର୍କ ଏବଂ ଅନ୍ୟାନ୍ୟ ସହିତ ଅନଲାଇନ୍ ପ୍ରତିଯୋଗିତା ମଧ ଆୟୋଜନ କରାଯାଉଛି । କର୍ମଶାଳା, ସେମିନାର, ଫ୍ଲାସ୍ ମବ୍ ଓ ଭୋଟର ପ୍ରତିଶ୍ରୁତି ଅଭିଯାନ ଛାତ୍ରଛାତ୍ରୀଙ୍କୁ ନିର୍ବାଚନ ପ୍ରକ୍ରିୟାରେ ଅଧିକ ଆକର୍ଷିତ ଓ ଶିକ୍ଷିତ କରୁଛି । ଏନଏସଏସ ସ୍ୱେଚ୍ଛାସେବୀ ଏବଂ ଅନୁଷ୍ଠାନ କ୍ଲବ ଏହି ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ନିବେଦନକୁ ଗ୍ରହଣ କରି ଇନଷ୍ଟାଗ୍ରାମ, ୟୁଟ୍ୟୁବ୍ ଏବଂ ମନୋରଞ୍ଜନ ଶିଳ୍ପ ସମେତ ବିଭିନ୍ନ ପ୍ଲାଟଫର୍ମରୁ ପ୍ରଭାବଶାଳୀ ବ୍ୟକ୍ତିବିଶେଷମାନେ ଏହି ଅଭିଯାନକୁ ସକ୍ରିୟ ଭାବେ ସମର୍ଥନ କରୁଛନ୍ତି ଏବଂ ପ୍ରଥମ ଥର ମତଦାତାଙ୍କୁ ଉତ୍ସାହିତ କରୁଛନ୍ତି । ଦେଶର କୋଣ ଅନୁକୋଣରୁ କ୍ରୀଡ଼ା, ମନୋରଞ୍ଜନ, ବ୍ୟବସାୟ ଓ ଶିଳ୍ପ ଭଳି କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିଥିବା ପ୍ରତିଷ୍ଠିତ ବ୍ୟକ୍ତିବିଶେଷମାନେ ଏକାଠି ହୋଇ ଏହି ବାର୍ତ୍ତାକୁ ଦୂରଦୂରାନ୍ତରେ ପହଞ୍ଚାଇଛନ୍ତି ।

ଜଶପ୍ରୀତ ବୁମ୍ରା, ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ସିରାଜ, ଅବନୀ ଲେଖରା, ସାଇଖୋମ ମୀରାବାଇ ଚାନୁଙ୍କ ଭଳି ମୋର ସାଥୀ କ୍ରୀଡ଼ାବିତ୍, ଅନିଲ କପୁର, ପ୍ରସେନଜିତ୍ ଚାଟାର୍ଜୀ, ରବିନା ଟଣ୍ଡନ, ରାଣା ଦଗୁବାତୀ, କୈଳାସ ଖେର, ଶ୍ରେୟା ଘୋଷାଲ, ରିତେଶ ଅଗ୍ରୱାଲ, ବିଭିଆର୍ ମୋହନ ରେଡ୍ଡୀଙ୍କ ଭଳି ଶିଳ୍ପନେତା ଏବଂ ଅନେକ ପଦ୍ମ ପୁରସ୍କାର ବିଜେତା ଏହି ଅଭିଯାନରେ ଅଂଶଗ୍ରହଣ କରି ଏହାକୁ ଭୋଟର ସଚେତନତାର ଏକ 'ଜାତୀୟ ଆନ୍ଦୋଳନ'ରେ ପରିଣତ କରିଛନ୍ତି ।

ଏହି 'ଜନ ଆନ୍ଦୋଳନ' ଯୁବଗୋଷ୍ଠୀଙ୍କ ସ୍ୱରର ସାମୂହିକ ଶକ୍ତି ଏବଂ ଦେଶର ଗଣତାନ୍ତ୍ରିକ ପରିଦୃଶ୍ୟ ଗଠନରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱକୁ ସୂଚାଇଥାଏ। ଆସନ୍ତୁ ଏକାଠି ହୋଇ ଏହି ଦାୟିତ୍ୱକୁ ଗ୍ରହଣ କରିବା ଏବଂ ଆମର ସାମୂହିକ ସ୍ୱରର ଶକ୍ତିକୁ ଉପଯୋଗ କରିବା । ଆସନ୍ତୁ ଆହ୍ୱାନର ସାମ୍ନା କରିବାକୁ ଆଗେଇ ଆସିବା, ଆସନ୍ତୁ ସ୍ୱର ଉତ୍ତୋଳନ କରିବା ଏବଂ ଅନ୍ୟମାନଙ୍କୁ ମଧ ଏହା କରିବା ପାଇଁ ସଶକ୍ତ କରିବ ।

**• ନୀରଜ ଚୋପ୍ରା, ଅଲିମ୍ପିକ୍ସ ବିଜେତା**
ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଏବଂ ପୁରୁଷ ଜାଭେଲିନ୍ ଥ୍ରୋରେ ବର୍ତ୍ତମାନର ଅଲିମ୍ପିକ୍ ଏବଂ ବିଶ୍ୱ ଚାମ୍ପିଅନ

# କର୍ମକାଣ୍ଡ ସେବକଙ୍କ ପାଇଁ ଶୋକ ସଭା

କୁଆଖିଆ ,(ସବ୍ୟୁ):ରସୁଲପୁର ବ୍ଲକ ଗନ୍ଧଣ ଗ୍ରାମର ଧର୍ମ ପରାୟଣ କର୍ମ କାଣ୍ଡ ସେବକ ଅନ' ଚରଣ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଶୋକ ସଭା ଚନ୍ଦନେଶ୍ୱର କଳା ସଂସ୍କୃତି ପରିଷଦ ପ୍ରୋତ୍ସାହନ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକ ସଭାରେ ପ୍ରଦୀପ କୁମାର ସାମଲ ଶୋକ ପ୍ରକଟ କରିବା ସହ ସଭା ସଂଚାଳନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ବଳ, ମୁଖ୍ୟ ବକ୍ତା ମାଳିକା ବିସାରଦ ବିଭୁତି ଭୂଷଣ ପାଳ, ସମ୍ମାନିତ ଅତିଥି ଭାବେ ସନାତନ ବାରିକ, ଶିକ୍ଷାବିତ୍ ପ୍ରଭାକର ସାହୁ, ରମେଶ ଚନ୍ଦ୍ର ପଣ୍ଡା, ଅଲୋଷ୍ଟା ସଭାପତି ସୁଭାଷ ଚନ୍ଦ୍ର ବେହେରା, ଶିକ୍ଷକ ରବିନ୍ଦ୍ର କୁମାର ମିଶ୍ର, ବାସୁଦେବ ମଲିକ, ନରେନ୍ଦ୍ର ଖୁଂଟିଆ, ବିଭୁତି ଭୂଷଣ ପାଳ, ଅନ' ଚରଣ ପାତ୍ର, ନୀଳମଣି ଲେଙ୍କା, ଚନ୍ଦନ ରାଉତ, କଳ୍ପତରୁ ରାଉତ, ଜୟ ନାରାୟଣ ଶତପଥି, ଦୀପକ ପଣ୍ଡା ପ୍ରମୁଖ କର୍ମ କାଣ୍ଡ ଧର୍ମ ପରାୟଣ ଅନ' ବାବୁଙ୍କ ଗୁଣାବଳୀ ଉପରେ କହିଥିଲେ । ଏହାକୁ ଅଶୋକ କୁମାର ପଣ୍ଡା, ଜଗନ୍ନାଥ, ସୋମନାଥ, ଚକ୍ରଧର, ରାଜୀବ, ମଦନ ଅରୁଣ ପ୍ରମୁଖ ପରିଚାଳନା କରିଥିଲେ । ବୃନ୍ଦାବନ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ନହୁଣୀ ପଞ୍ଚାୟତରେ ଷ୍ଟ୍ରିଟଲାଇଟ ଲୋକାର୍ପିତ

ରାଜକନିକା ,(ସବ୍ୟୁ): ରାଜକନିକା ବ୍ଲକ ନହୁଣୀ ଗ୍ରାମ ପଞ୍ଚାୟତ ର ୩ଟି ଗାଁରେ ରାଜ୍ୟ ଶକ୍ତି ଓ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଦ୍ୱାରା ଷ୍ଟ୍ରିଟଲାଇଟ ଲୋକାର୍ପିତ ହୋଇଯାଇଛ । ରାଜ୍ୟ ସରକାର ଗ୍ରାମାଞ୍ଚଳ ରେ ସହରି ସୁବିଧା ଯୋଗାଇ ଦେବାକୁ କରିଥିବା ଯୋଜନା ଆଜି ନହୁଣୀ ପଞ୍ଚାୟତର ମଦନମୋହନ ପାଟଣା, ସପଲାଙ୍ଗ, ନୂଆଗାଁ ରେ ଲୋକାର୍ପିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ସମିତି ସଭ୍ୟ ଅଞ୍ଜନ ନାୟକ,ପୂର୍ବତନ ଜିଲ୍ଲାପରିଷଦ ଶ୍ରୀନିବାସ ପ୍ରଧାନ ଓ ପଦ୍ମଲୋଚନ ପରିଡା,ଅଧକ୍ଷା ଙ୍କ ପ୍ରତିନିଧି ପ୍ରଦୀପ ରାଉତ, ସଞ୍ଜୟ ରାଉଳ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ନାରାୟଣ ସାହୁ, ବିଶ୍ୱନାଥ ସାମଲ, ଜୟରାମ ବିଶ୍ୱାଳ ଓ ରାମ ନାରାୟଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଅଞ୍ଚଳବାସିଙ୍କ ଦ୍ୱାରା ଏକ ବାଇକ ରାଲି କରାଯାଇ ମନ୍ତ୍ରୀ ଶ୍ରୀ ଦେବଙ୍କୁ ନହୁଣୀ ହନୁମାନ ଛକରୁ ନିଆଯାଇଥିଲା । ଏହି ଆଲୋକୀକରଣ ହେବାଦ୍ୱାରା ବିଶେଷକରୀ ମହିଳା ଓ ଝିଅ ମାନେ ରାସ୍ତାରେ ସୁରୁଖୁରୁରେ ଯାତାୟତ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି । ଏହା ସହିତ ପଞ୍ଚାୟତ ଲୋକଙ୍କର ଦାବି ଜଳ ସେଚନ ସୁବିଧା ଖୁବ ଶୀଘ୍ର କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ୪୨ ବାଛୁରୀ ଉଦ୍ଧାର

ମାହାଙ୍ଗା ,(ସବ୍ୟୁ): ଭଦ୍ରେଶ୍ୱର ଥାନା ଏ.ଏସ୍.ଆଇ. ପ୍ରୀତିରଂଜନ ରାୟ ଓ ତାଙ୍କର ଟିମ୍ ରାତ୍ର କାଳିନ ପେଟ୍ରୋଲିଂ ଝାଡେଶ୍ୱରପୁର ଅଂଚଳରେ କରୁଥିବା ସମୟରେ ଏକ ବିଶେଷ ସୂତ୍ରରୁ ଖବର ପାଇଲେ ଯେ ଏସ୍. କେ. କାଲୁ ଓ ତାର ସହଯୋଗୀମାନେ ୪୨ଟି ବାଛୁରୀକୁ ରାମ୍‌କାପୁର ମୁସଲମାନ ସାହି ବସ୍ତିରେ ଲୁଚାଇ ରଖି ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରୁଛନ୍ତି । ତାଙ୍କର କୌଣସି ଲାଇସେନ୍ସ ନାହିଁ । ଖବର ପାଇବା ପରେ ପୋଲିସ ଟିମ୍ ରାତ୍ରରେ ଘଟଣାସ୍ଥଳରେ ପହଞ୍ଚ ବାରୁ ସେ ସ୍ଥାନରୁ କାଲୁ ଓ ତାର ସହଯୋଗୀମାନେ ଫେରାର ହୋଇଯାଇଥିଲେ । ପୋଲିସ ଉକ୍ତ ବାଛୁରୀ ଗୁଡିକୁ ଉଦ୍ଧାର କରି ଛତିଆସ୍ଥିତ ଗୋଶାଳାକୁ ପଠାଇଥିବା ଜଣାପଡିଛି । ଏହି କାର୍ଯ୍ୟରେ କୁସେଇ ସେଠୀ, ମାନସ ରଂଜନ ସ୍ୱାଇଁ, ଡ୍ରାଇଭର ପଙ୍କଜ କୁମାର ସିଂ ଅଂଶ ଗ୍ରହଣ କରିଥିଲେ । ଭଦ୍ରେଶ୍ୱର ଥାନା ପୋଲିସର ଏହି ଭଳି ସଫଳତାକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି ।

# ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ

ପାରାଦୀପ, (ଜି.ପ୍ର) : ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଚଳିତ ମାର୍ଚ୍ଚ ମାସ ୪ ରୁ ୧୦ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ଏବଂ ନିରାପତ୍ତା ଉପକରଣର ପ୍ରଦର୍ଶନ, ଅଗ୍ନି ର୍ନିବାପକ ଯନ୍ତ୍ରର ବ୍ୟବହାର ଇତ୍ୟାଦି ପ୍ରଦର୍ଶନ କରାଯାଇ ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଠିକା ଶ୍ରମିକମାନଙ୍କୁ ସଚେତନ କରାଯାଇଥିଲା । ଏଥିସହ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟମାନେ ସୁରକ୍ଷା ଆଲୋଚନା କରିଥିଲେ । ଇଫକୋର କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ଶିଶୁ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ସୁରକ୍ଷା ପ୍ରତିଯୋଗିତା ଯଥା ସୁରକ୍ଷା ସ୍ଲୋଗାନ୍, ସୁରକ୍ଷା କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ମାର୍ଚ୍ଚ ୧୧ ସୋମବାର ଦିନ ଜାତୀୟ ସୁରକ୍ଷା ସପ୍ତାହର ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଫ୍ୟାକ୍ଟ୍ରିଆଣ୍ଡ ବଏଲର ପାରାଦୀପ ଆଞ୍ଚଳିକ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା ଯୋଗଦେଇ ସୁରକ୍ଷା ସଚେତନତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସେହିପରି ଇଫକୋ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ ଉପସ୍ଥିତ ରହି ସୁରକ୍ଷା ଉପରେ ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ ।

ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନପିଏଫ ବରିଷ୍ଠ ସାଧାରଣ ପରିଚାଳକ ପି.ଏସ. ନୀଳାମ୍ବରନ, ଆଇଟିସର୍ଭିସ ଜିଏମ ଏନ.ଆର. ନାୟକ, ଜେଟି ଜିଏମ ଆର.କେ. ସ୍ୱାଇଁ, ଫାୟାର ଆଣ୍ଡ ସେଫଟି ସହ ପରିଚାଳକ ଏମ.ଆର.ନାୟକ ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ସେତୁ, ସଡକ ଶିଳାନ୍ୟାସ ଓ ସ୍କୁଲ, ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଗୃହ ଲୋକାର୍ପିତ

କୁଆଁପାଳ,(ସବ୍ୟୁ):ମାହାଙ୍ଗା ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଅଳିଯୋଡା ଠାରୁ ପଶୁଲୁଣ୍ଡା ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତାର ଶୁଭ ଶିଳାନ୍ୟାସ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଦ୍ୱାର ଶିଳ୍ୟାନ୍ୟାସ କରାଯାଇଛି। ଏହି ରାସ୍ତା ହେବା ଦ୍ୱାରା ଜଳେଶ୍ୱରପୁର ଓ ଶ୍ରୀକୃଷ୍ଣପୁର ପଞ୍ଚାୟତ ଜନସାଧାରଣ ଉପକୃତ ହୋଇ ପାରିବେ ।



ଏଗି ପଞ୍ଚାୟତର ଅଳିଯୋଡା ପ୍ରାଥମିକ ବିଦ୍ୟାଳୟ ଓ ଗଙ୍ଗପୁରା ପ୍ରାଥମିକ ବିଦ୍ୟାଳୟ ଗୃହକୁ ମଧ ବିଧାୟକ ଶ୍ରୀ ଜେନା ଉଦଘାଟନ କରିଥିଲେ। କୁଆଁପାଳ ଠାରେ ବିଧାୟକ ବିଧାୟକ ଶ୍ରୀ ଜେନାଙ୍କ ଦ୍ୱାରା ବିଏସକେଓାଇ ନବୀନ କାର୍ଡ,ଭତା,ନିର୍ମାଣ ଶ୍ରମିକ ମାନଙ୍କ ସହାୟତା ରାଶି ବିତରଣ କରିଥିଲେ। ଏହି ଅବସରରେ ଆଶା, ଅଙ୍ଗନଓାଡି,ସରପଞ୍ଚ ସଂଘ, ସମିତିସଭ୍ୟ ସଂଘ ପକ୍ଷରୁ ବିଧାୟକ ଶ୍ରୀ ଜେନାଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ଆଜି ଅପରାହ୍ନରେ ମାହାଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ପରୀକ୍ଷା କେନ୍ଦ୍ର ଓ ରୋଗୀ ପରିଚାରକ ଗୃହର ଶୁଭ ଉଦଘାଟନ କରିଥିଲେ। ବିଧାୟକ ଶ୍ରୀ ଜେନାଙ୍କ ଦ୍ୱାରା ବରାହିପୁର ପଞ୍ଚାୟତର ଦେବରିଓ କେଉଟଖଣ୍ଡୀ ଠାରେ ନୂତନ ସେତୁର ଶିଳାନ୍ୟାସ କରି ମୁଖ୍ୟ ମନ୍ତ୍ରୀ ବିକାଶ ଧାରାରେ ସମସ୍ତେ ସାମିଲ ହୋଇ ମାହାଙ୍ଗା ନିର୍ବାଚନ ମଣ୍ଡଳିକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଂ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଗୁଡିକାରେ ମାହାଙ୍ଗା ପଞ୍ଚାୟତ ସମିତି ଅଧକ୍ଷା ଦୀପା ମଲ୍ଲିକ,ଉପାଧକ୍ଷ ସତ୍ୟନାରାୟ ମହାନ୍ତି,ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା,ଜଳେସରପୁର ପଞ୍ଚାୟତ ସରପଞ୍ଚ ସୁଜାତା ମଲ୍ଲିକ,ସମିତି ସଭ୍ୟା ରେବତୀ ସେଠୀ,ସମାଜସେବୀ ସୁବାସ ଜେନା,ଜିଲ୍ଲା ବିଜେଡି ଉପସଭାପତି ହୃଷିକେଶ ସ୍ୱାଇଁ,ସରପଞ୍ଚରାଜକିଶୋର ବଳ,ବିଧାୟକଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ,ମିଡିଆସେଲର କାର୍ଯ୍ୟକର୍ତ୍ତା ଯୁବ ନେତା ଅମୀୟ ନାୟକ,ଜିଲ୍ଲାପରିଷଦ ସଭ୍ୟା ସୁସ୍ମିତା ଦାସ ଓ ସଭ୍ୟ ରିୟାଜୁଲ ହୋଦା,ଜଗବନ୍ଧୁ ସେଠୀ ଓ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ,ବିଡିଓ,ସିଡିପିଓ,ଜିଲ୍ଲା ଶ୍ରମ ଅଧିକାରୀଙ୍କ ସମେତ ଦଳର ବହୁ ସରପଞ୍ଚ,ସମିତି ସଭ୍ୟ ଓ ବିଘାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।